ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୧୭, ସଂଖ୍ୟା: ୨୩୦
୨୭ ଡିସେମ୍ବର, ୨୦୨୫ ଶନିବାର
କେନ୍ଦ୍ରାପଡ଼ା

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

ODISHA EXPRESS

SIGHTS TRUTH WRITES TRUTH

ଠିକ୍ ଦେଖେ ଠିକ୍ ଲେଖେ

Pages-8
Price ₹ 5.00
Vol. 17, Issue No. : 230
27th December, 2025 Saturday
Kendrapara

Website : www.odishaexpress.in E-mail : odishaexpress@gmail.com RNI Regd. No. ODIODI/2009/28880 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

## ଏପଟେ ପ୍ରତିଷ୍ଠା ଦିବସ, ସେପଟେ ବିଜେପିରେ ମିଶିଲେ ବିଜେଡି ନେତା ଓ କର୍ମୀ

**ରାଜନଗର, ୨୬।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ନିର୍ବାଚନ ମଣ୍ଡଳୀର ବିଜୁ ଜନତାଦଳରେ ଘଡିକେ ଘୋଡା ଛୁଟୁଛି । ବିଜେଡି ଓ ବିଜେପି ମଧ୍ୟରେ ଚାଲିଛି ଛକାପଞ୍ଝା ଖେଳ । ଆଗାମୀ ପଚାଂୟତ ନିର୍ବାଚନକୁ ଦୃଷ୍ଟିରେ ରଖି ବଳ ଗୋଟାଉଛି ବିଜେପି । ବିଜେଡିର ନେତା ଓ କର୍ମୀଙ୍କୁ ତୃଣମୂଳସ୍ତରରୁ ନେଇ ବିଜେପି ନିଜର ସାଙ୍ଗଠନିକ ସ୍ଥିତି ସୁଦୃଢ କରୁଥିବା ବେଳେ ବିଜେଡିର ଦଳୀୟ ସ୍ଥିତି ଦିନକୁ ଦିନ ଦୁର୍ବଳ ହେଉଥିବା ରାଜନୈତିକ ସମୀକ୍ଷକମାନେ ମତ ପ୍ରକାଶ କରିଛନ୍ତି । ବିଜୁ ଜନତାଦଳ ନିଜର ୨୯ତମ ପ୍ରତିଷ୍ଠା ଦିବସ ପଟ୍ଟାମୁଣ୍ଡାଇ ଡିଭାଇନ ପ୍ୟାଲେସରେ ପାଳନ କରୁଥିବା ବେଳେ ରାଜନଗର ବିଜେଡି ନେତା ଓ କର୍ମୀଙ୍କୁ ନେଇ ମିଶ୍ରଣ ପର୍ବ କରୁଛି ବିଜେପି । ବିଜେପି ନେତା ଲଳିତକୁମାର ବେହେରାଙ୍କ ନେତୃତ୍ୱରେ ସାନବଡଗୋପାଳପୁରସ୍ଥିତ ଦଳୀୟ କାର୍ଯ୍ୟାଳୟରେ ରାଜନଗର ବ୍ଲକର ଗୁପ୍ତି, ବ୍ରାହ୍ମଣସାହି, ଡେରା, ଓସ୍ତିଆ ଓ ଘଡିଆମାଳ ପଚାଂୟତର ନେତା ଓ କର୍ମୀମାନେ ବିଜୁ ଜନତାଦଳ ପରିତ୍ୟାଗ କରି ଭାରତୀୟ ଜନତା ପାର୍ଟିରେ ସାମିଲ ହୋଇଛନ୍ତି । ଗୁପ୍ତି ପଚାଂୟତର ଶାନ୍ତଲତା ବିଶ୍ୱାଳ ତାଙ୍କ ସମର୍ଥକଙ୍କ ସହ ବିଜେପିରେ ସାମିଲ ହୋଇଛନ୍ତି । ବ୍ରାହ୍ମଣସାହି ପଚାଂୟତର ପ୍ରାକ୍ତନ ସରଂପଚଙ୍କ ସ୍ୱାମୀ ଗୋଲେଖ ରାଉତଙ୍କ ସହ କିଛି ଓ୍ୱାର୍ଡ ସଭ୍ୟ ସଭ୍ୟା ଓ ଶତାଧିକ କର୍ମୀ, ଘଡିଆମାଳ ପଚାଂୟତର ଶରତ ରାଉତ, ଡେରା ପଚାଂୟତର ଶୁଶାନ୍ତ ତରଫଦାର, ହାତିନା ପଚାଂୟତର ବରିଷ୍ଠ ବିଜେଡି ନେତା ଜୟରାମ ଦାସ, କଣ୍ଡିରା ପଚାଂୟତର ରମାକାନ୍ତ ଦାସ, ଗୟାଧର ଜେନା, ଓସ୍ତିଆ ପଚାଂୟତର ନାରାୟଣପ୍ରସାଦ ପାତ୍ର, ବସନ୍ତ ଜେନା, ମନୋରଂଜନ ଦାସଙ୍କ ନେତୃତ୍ୱରେ ଶତାଧିକ ବିଜେଡି ନେତା ଓ କର୍ମୀ ବିଜେପିରେ ସାମିଲ ହୋଇଥିଲେ । ବିଜେପି ନେତା ଶ୍ରୀ ବେହେରା ସେମାନଙ୍କୁ ଦଳୀୟ ଉତରୀୟ ଓ ଟୋପି ପିନ୍ଧାଇ ଦଳକୁ ସ୍ୱାଗତ କରିଥିଲେ । ଏହି ମିଶ୍ରଣପର୍ବରେ ବିଜେପି ନେତା ସନ୍ତୋଷ ମହାନ୍ତି, ବିକ୍ରମ ବାରିକ, ନିମାଇଁ ରାଉତ, ବିଜୟ ହାତି, ମହେନ୍ଦ୍ର ଦାସ, ଧିରେନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ । ଗୋଟିଏ ପଟେ ବିଜେଡି ନିଜର ପ୍ରତିଷ୍ଠା ଦିବସ ପାଳନ କରୁଥିବା ବେଳେ ଅପରପକ୍ଷରେ ବିଜେଡିର ନେତା ଓ କର୍ମୀମାନେ ଦଳ ଉପରୁ ଆସ୍ଥା ତୁଟାଇ ବିଜେପିରେ ସାମିଲ ହେବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି ।

## ନୀତି ବାଣୀ

**ସତ୍ୟଂ ତପୋ ଜ୍ଞାନମହିଂସତା ଚ ବିଦ୍ୱଦ୍ ପ୍ରଣାମଂ ଚ ସୁଶୀଳତା ଚ**
**ଏତାନି ଯୋ ଧାରୟତେ ସ ବିଦ୍ୱାନ୍ ନ କେବଳଂଯଃ ପଠତେ ସ ବିଦ୍ୱାନ୍।**

ସତ୍ୟ, ସାଧନା, ଜ୍ଞାନ, ଅହିଂସା, ନମ୍ରତା ଓ ଉତ୍ତମ ବ୍ୟବହାର ପ୍ରଭୃତି ଗୁଣ ଦ୍ୱାରା ଯେ ଅଳଂକୃତ ସେ ପ୍ରକୃତରେ ବିଦ୍ୱାନ୍ । ଯେ ଏ ସବୁ ଗୁଣର ଅଧିକାରୀ ହୋଇନଥାଏ ସେ ଯେତେବଡ଼ ପଣ୍ଡିତ ହୋଇଥିଲେ ବି ବିଦ୍ୱାନ୍ ନୁହେଁ ।

## ସୀତାକୁଣ୍ଡରେ ବୁଡିଗଲେ ଦୁଇ ଭାଇ

**ବାରିପଦା, ୨୬।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ପିକନିକ୍ ଆସି ଝରଣାରେ ଗାଧୋଇବା ବେଳେ ବୁଡିଯାଇ ପ୍ରାଣ ହରାଇଲେ ଦୁଇ ଭାଇ । ଘଟଣା ଘଟିଛି ମୟୂରଭଞ୍ଜ ଜିଲ୍ଲା ଶିମିଳିପାଳ ପାଦ ଦେଶରେ ଥିବା ସୀତାକୁଣ୍ଡ ଜଳପ୍ରପାତରେ । ସୂଚନା ମୁତାବକ ଶୁକ୍ରବାର ଭଦ୍ରକ ଜିଲ୍ଲା ଅନ୍ଧେଇପାଲ୍ଲି ଅଞ୍ଚଳରୁ ୪ ଜଣ ସାଙ୍ଗ ସୀତାକୁଣ୍ଡକୁ ପିକନିକ୍ ପାଇଁ ଆସିଥିଲେ । ତେବେ ପିକନିକ୍ ସମୟରେ ସୀତାକୁଣ୍ଡ ଜଳପ୍ରପାତରେ ଗାଧୋଇବା ବେଳେ ପାଦ ଖସିଯିବା କାରଣରୁ ଦୁଇଜଣ ପାଣିରେ ବୁଡ଼ିଯାଇ ମୃତ୍ୟୁ ବରଣ କରିଛନ୍ତି । ମୃତକମାନେ ହେଲେ ଅନ୍ଧେଇପାଲ୍ଲିର ସତ୍ୟବ୍ରତ ନାୟକ (୨୩) ଓ ଅଭିଷେକ ନାୟକ(୧୬) । ଖବର ପାଇ ଅଗ୍ନିଶମ ବିଭାଗର ଟିମ ଘଟଣା ସ୍ଥଳରେ ପହଞ୍ଚି ପ୍ରଥମେ ମୃତଦେହକୁ ଉଦ୍ଧାର କରିଥିଲା । ଉଭୟଙ୍କ ମୃତଦେହକୁ ବ୍ୟବଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣାଯାଇଛି । ଘଟଣା ସ୍ଥଳରେ ବାରିପଦା ସଦର ଥାନା ପୁଲିସ ପହଞ୍ଚି ଘଟଣାର ତଦନ୍ତ ଜାରି ରଖିଛି ।

### ଭୀଷଣ ହେଉଛି ବାୟୁ ପ୍ରଦୂଷଣ

## ଏୟାର୍ ପ୍ୟୁରିଫାୟର୍‌ରୁ ଜିଏସଟି କମିବନି

**ନୂଆଦିଲ୍ଲୀ, ୨୬।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଦିଲ୍ଲୀ ବାୟୁ ପ୍ରଦୂଷଣରେ ଲୋକେ ହନ୍ତସନ୍ତ ହେଉଛନ୍ତି । ସରକାରଙ୍କ ଅନେକ ପଦକ୍ଷେପ ସତ୍ତ୍ୱେ ଏଥିରେ ସୁଧାର ଆସୁ ନାହିଁ । ଫଳରେ ଲୋକେ କେବଳ ଅତ୍ୟାଧୁନିକ ଏୟାର ପ୍ୟୁରିଫାୟାର ଭରସାରେ ରହୁଛନ୍ତି । ଏହାରି ମଧ୍ୟରେ ଦିଲ୍ଲୀ ହାଇକୋର୍ଟରେ ଏୟାର୍ ପ୍ୟୁରିଫାୟର୍ ଉପରେ ଜିଏସଟି ହ୍ରାସ କରିବା ଏବଂ ଏହାକୁ 'ମେଡିକାଲ୍ ଡିଭାଇସ୍' ବର୍ଗରେ ରଖିବା ପାଇଁ ହୋଇଥିବା ଏକ ଜନସ୍ୱାର୍ଥ ମାମଲା କେନ୍ଦ୍ର ସରକାର ଦିଲ୍ଲୀ ହାଇକୋର୍ଟରେ ବିରୋଧ କରିଛନ୍ତି ।

କେନ୍ଦ୍ର ତରଫରୁ ହାଜର ହୋଇଥିବା ଅତିରିକ୍ତ ସଲିସିଟର ଜେନେରାଲ୍ (ଏଏସଜି) ଏନ୍. ଭେଙ୍କଟରମଣ କୋର୍ଟରେ କହିଛନ୍ତି ଯେ 'ମେଡିକାଲ୍ ଡିଭାଇସ୍'ର ବର୍ଗୀକରଣ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ବିସ୍ତୃତ ଯାଞ୍ଚ ପରେ କରାଯାଇଥାଏ, ଜିଏସଟି ପରିଷଦ ଦ୍ୱାରା ନୁହେଁ । ତେଣୁ ଏହି ନିଷ୍ପତ୍ତି ଜିଏସଟି ପରିଷଦ ନେଇପାରିବ ନାହିଁ ।

ଏଏସଜି ଆହୁରି ମଧ୍ୟ କହିଛନ୍ତି ଯେ



ଜିଏସଟି ହ୍ରାସ ପାଇଁ ଏକ ସାମ୍ବିଧାନିକ ପ୍ରକ୍ରିୟା ରହିଛି ଏବଂ ଏହି ପ୍ରକ୍ରିୟାକୁ ବନ୍ଦ କରାଯାଇ ପାରିବ ନାହିଁ । ଜିଏସଟି ପରିଷଦ ଏକ ସାମ୍ବିଧାନିକ ସଂସ୍ଥା ଏବଂ ସମସ୍ତ ରାଜ୍ୟ ଏହି ନିଷ୍ପତ୍ତି ପ୍ରକ୍ରିୟାରେ ଜଡ଼ିତ । ତେବେ କେନ୍ଦ୍ର ସରକାର ଏହି ଆବେଦନ ଉପରେ ବିସ୍ତୃତ ଜବାବ ଦାଖଲ କରିବାକୁ ସମୟ ମାଗିଛନ୍ତି ।

ଡିସେମ୍ବର ୨୪ ତାରିଖରେ ମାମଲାର ଶୁଣାଣି ବେଳେ ଦିଲ୍ଲୀ ହାଇକୋର୍ଟର ଜଷ୍ଟିସ୍ ବିକାଶ ମହାଜନ ଏବଂ ଜଷ୍ଟିସ୍ ବିନୋଦ କୁମାରଙ୍କୁ ନେଇ ଗଠିତ ଖଣ୍ଡପୀଠ ବାୟୁ ପ୍ରଦୂଷଣ ସଙ୍କଟକୁ ଦୃଷ୍ଟିରେ ରଖି ଏୟାର୍ ପ୍ୟୁରିଫାୟର୍ ଉପରେ ଜିଏସଟି କମ୍ କରିବା ବିଷୟରେ ଜରୁରୀକାଳୀନ ବୈଠକ କରି ନିଷ୍ପତ୍ତି ନେବାକୁ ଜିଏସଟି ପରିଷଦକୁ କହିଥିଲେ ।

## ଡ୍ରପ୍ ଆଉଟ୍ ରୋକିବ ମାଗଣା ବସ !

**ଭୁବନେଶ୍ୱର, ୨୬।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**




ସ୍କୁଲ ପିଲାମାନଙ୍କୁ ମାଗଣା ବସ ସେବା ଯୋଗାଇଦେବେ ରାଜ୍ୟ ସରକାର । ମୁଖ୍ୟମନ୍ତ୍ରୀ ବସ ସେବା ଯୋଜନାରେ ପିଲାଙ୍କୁ ଏହି ସେବା ମିଳିବ । ଏଥିପାଇଁ ସ୍କୁଲ ଓ ଗଣଶିକ୍ଷା ବିଭାଗର ପ୍ରସ୍ତାବକୁ ରାଜ୍ୟ ସରକାର ଅନୁମୋଦନ ଦେଇଛନ୍ତି ।

ସରକାରଙ୍କ ଅନୁମୋଦନ ପରେ ପରିବହନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରଯାଇଛି । ସ୍କୁଲରେ ଡ୍ରପଆଉଟ (ଅଧାରୁ ପାଠ ଛାଡ଼ିବା) ହ୍ରାସ କରିବା ଲାଗି ସରକାର ଏହି ପଦକ୍ଷେପ ନେଇଛନ୍ତି । ଉଭୟ ଏସି(ଶୀତତାପ ନିୟନ୍ତ୍ରିତ ଏବଂ ଅଣ ଶୀତତାପ ନିୟନ୍ତ୍ରିତ) ବସରେ ସ୍କୁଲ ଛାତ୍ରଛାତ୍ରୀମାନେ ମାଗଣାରେ ସ୍କୁଲକୁ ଯାଆସ କରିପାରିବେ । ବସରେ ଯାତ୍ରା ସମୟରେ ଛାତ୍ରଛାତ୍ରୀମାନେ ସ୍କୁଲ ୟୁନିଫର୍ମ ସହିତ ପରିଚୟପତ୍ର ପାଖରେ ରଖିବା ବାଧ୍ୟତାମୂଳକ କରାଯାଇଛି । ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ (ଓଏସଆରଟିସି) ପକ୍ଷରୁ ବର୍ତ୍ତମାନର ବସ୍ ରୁଟ୍ ଏବଂ ଟାଇମିଂରେ ସଂଶୋଧନ କରାଯିବ । ସଂଶୋଧିତ ରୁଟରେ ସର୍ବାଧିକ ସ୍କୁଲ ଥିବା ରାସ୍ତାକୁ ସାମିଲ କରାଯିବ ବୋଲି କୁହାଯାଇଛି ।

## ରୋଷେଇ ବେଳେ ଜଳିଗଲେ ମହିଳା

**ମାର୍ଶାଘାଇ, ୨୬।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ମାର୍ଶାଘାଇ ବ୍ଲକ ଅଙ୍ଗୁଳାଇ ପଞ୍ଚାୟତ ବାଲିସାହି ଗ୍ରାମର ରବିନାରାୟଣ ଲେଙ୍କାଙ୍କ ପତ୍ନୀ ପ୍ରଭାସିନି ଲେଙ୍କା(୪୬)ଙ୍କର ଚିକିତ୍ସାଧିନ ଅବସ୍ଥାରେ ଆଜି ମୃତ୍ୟୁ ଘଟିଛି । ପ୍ରଭାସିନୀ ଗତ ୨୩ତାରଖ ମଙ୍ଗଳବାର ସଂଧ୍ୟା ସମୟରେ ରୋଷେଇ ଘରେ ଥିବା ଗ୍ୟାସ ଟାଙ୍କିରେ ନିଆଁ ଲାଗି ଟାଙ୍କି ଫାଟି ଯାଇ ପୋଡି ଯାଇଥିଲେ । ତାଙ୍କୁ ପ୍ରଥମେ କେନ୍ଦ୍ରାପଡା ଓ ପରେ କଟକ ନେଇ ଚିକିତ୍ସା ହେଉଥିବା ବେଳେ ଆଜି ପୂର୍ବାହ୍ନରେ ତାଙ୍କର ମୃତ୍ୟୁ ଘଟିଥିଲା ।

## ଭିତରକନିକାରେ ପର୍ଯ୍ୟଟକଙ୍କ ଭିଡ

**ରାଜନଗର, ୨୬।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଭିତରକନିକା ଜାତୀୟ ଉଦ୍ୟାନରେ ବଡଦିନ ଅବସରରେ ପର୍ଯ୍ୟଟକଙ୍କ ଭିଡ ପରିଲକ୍ଷିତ ହୋଇଥିଲା । ଡାଙ୍ଗମାଳ ମୁଖ୍ୟ ଗେଟ ଦେଇ ୭୯୧ଜଣ ପର୍ଯ୍ୟଟକ ପ୍ରବେଶ କରି ବୁଲିବାର ମଜା ନେଇଥିଲେ । ଖୋଳାରୁ ୯୫ ଟ୍ରିପ ବୋଟରେ ୧୧୦୬ ଜଣ ପର୍ଯ୍ୟଟକ, ଚାନ୍ଦବାଲିରୁ ୧୯ଟ୍ରିପ ବୋଟରେ ୨୯୦ ପର୍ଯ୍ୟଟକ ଓ ଗୁପ୍ତିରୁ ୨୩ଟ୍ରିପ ବୋଟରେ ୨୯୩ ଜଣଙ୍କୁ ମିଶାଇ ମୋଟ୨୪୮୦ ପର୍ଯ୍ୟଟକ ଭିତରକନିକା ନଦୀରେ ବୁଲି ବୋଟିଂର ମଜା ନେଇଥିଲେ ବୋଲି ବନବିଭାଗ *(ଶେଷ ପୃଷ୍ଠା ଦେଖନ୍ତୁ)*

## ଜ୍ୟୋତ୍ସ୍ନାଙ୍କୁ ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର



**ରାୟଗଡ, ୨୬।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଗଜପତି ଜିଲ୍ଲା ରାୟଗଡ ବ୍ଲକ ପେକଟ ଗ୍ରାମର ଜନଜାତି ପ୍ରତିଭା ସୁଶ୍ରୀ ଜ୍ୟୋତ୍ସ୍ନା ରାଣୀ ଶବରଙ୍କୁ ବିଭିନ୍ନ କ୍ଷେତ୍ରରେ ଅସାଧାରଣ ସଫଳତା ପାଇଁ ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର ପ୍ରଦାନ କଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ଓଡ଼ିଶାରୁ ଜ୍ୟୋତ୍ସ୍ନା ଶବରଙ୍କ ସମେତ ମୋଟ ୧୮ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରୁ ଚୟନ ହୋଇଥିବା ୨୦ ଜଣ ପିଲାଙ୍କୁ ଏହି ସମ୍ମାନ ପ୍ରଦାନ କରିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ଓଡ଼ିଶାର ଗଜପତି ଜିଲ୍ଲାର ଜ୍ୟୋତ୍ସ୍ନା ଶବର କ୍ରୀଡ଼ାରେ ସଫଳତା ପାଇଁ ଏହି ସମ୍ମାନଜନକ ପୁରସ୍କାର ଲାଭ କରିଥିବା ଜଣାପଡିଛି । ତେଣୁ ତାଙ୍କୁ ଶୁକ୍ରବାର ରାଷ୍ଟ୍ରୀୟ ବାଲ ପୁରସ୍କାର ପ୍ରଦାନ କରାଯାଇଛି । ଗଜପତି ଜିଲ୍ଲାର ଆଦିବାସୀ ଝିଅ ଜ୍ୟୋତ୍ସ୍ନା ଶବରଙ୍କ ବୟସ ୧୭ ବର୍ଷ ତଥାପି ସେ ଭାରୋତ୍ତୋଳନରେ ଜାତୀୟ ଓ ଅର୍ନ୍ତଜାତୀୟ ସ୍ତରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱର ସହ ଗୌରବ ହାସଲ କରିଥିବା ଯୋଗୁଁ ତାଙ୍କୁ ପ୍ରଧାନମନ୍ତ୍ରୀ ଜାତୀୟ ଶିଶୁ ପୁରସ୍କାର ପାଇଁ ସମ୍ମାନିତ ହୋଇଛନ୍ତି ।

ପ୍ରକାଶ ଯେ, ଜ୍ୟୋତ୍ସ୍ନା ହେଉଛନ୍ତି ଗଜପତି ଜିଲ୍ଲାର ପେକଟ ଗ୍ରାମର କୀର୍ତନ ଶବରଙ୍କ ଝିଅ । ଶୁକ୍ରବାର ନୂଆଦିଲ୍ଲୀ ସ୍ଥିତ ବିଜ୍ଞାନ ଭବନରେ ଆୟୋଜିତ ଏକ ଭବ୍ୟ ସମାରୋହରେ ମହାମହିମ ରାଷ୍ଟ୍ରପତିଙ୍କ ଦ୍ୱାରା ପ୍ରଧାନମନ୍ତ୍ରୀଙ୍କ ଉପସ୍ଥିତିରେ ତାଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯାଇଛି । ଚଳିତ ବର୍ଷ ସାରା ଦେଶରୁ କେବଳ ୨୧ ଜଣ ଶିଶୁ ଏହି ପୁରସ୍କାର ପାଇଁ ମନୋନୀତ ହୋଇଥିବା ବେଳେ ଓଡ଼ିଶାରୁ ଜ୍ୟୋତ୍ସ୍ନା ଏକମାତ୍ର ଓ ଗଜପତି ଜିଲ୍ଲାରୁ ପ୍ରଥମ ଶିଶୁ ଭାବେ ଏହି ସମ୍ମାନ ଲାଭ କରିଛନ୍ତି । ୨୦୧୯ ମସିହାରୁ ସେ ନିୟମିତ ଭାବେ ଭୁବନେଶ୍ୱର *(ଶେଷ ପୃଷ୍ଠା ଦେଖନ୍ତୁ)*

## ଫରେଷ୍ଟରଙ୍କ ବିପୁଳ ସଂପତ୍ତି ୨କୋଠା ୭ଫ୍ଲାଟ୍ ସହ ମିଳିଲା କେଜିଏ ସୁନା



**ଭୁବନେଶ୍ୱର, ୨୬।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଫରେଷ୍ଟର ନିରଞ୍ଜନ ଶତପଥୀଙ୍କ ବିପୁଳ ସଂପତ୍ତି ଠାବ କରିଛି ଭିଜିଲାନ୍ସ । ଫରେଷ୍ଟରଙ୍କର ଭୁବନେଶ୍ୱର ଝାରପଡ଼ାରେ ଅଛି ୨ଟି ବହୁତଳ କୋଠା । ଭୁବନେଶ୍ୱର ସମେତ ଜଗତସିଂହପୁର ଓ ସେମିଳିଗୁଡ଼ାରେ ୭ଟି ଦାମୀ ଫ୍ଲାଟ୍ ରହିଛି । ଫରେଷ୍ଟରଙ୍କର ପ୍ରାୟ କେଜିଏ ସୁନା ଅଳଙ୍କାର ମଧ୍ୟ ଠାବ ହୋଇଥିଲା ବେଳେ ନଗଦ ୮ ଲକ୍ଷ ୭୦ ହଜାର ଟଙ୍କା ସହ କିଛି ବିଦେଶୀ ମୁଦ୍ରା ମଧ୍ୟ ଠାବ ହିଅଛି ।

ବର୍ତ୍ତମାନ ସୁଦ୍ଧା ଠାବ ହୋଇଥିବା ମୁଖ୍ୟ ସମ୍ପତ୍ତିଗୁଡିକ ହେଉଛି, ଭୁବନେଶ୍ୱରସ୍ଥିତ ଝାରପଡ଼ା ଅଞ୍ଚଳରେ ୨ଟି ବିଶାଳ ତିନି ମହଲା କୋଠା (ପ୍ରତ୍ୟେକ ୪୦୫୦ ବର୍ଗଫୁଟ୍) । ଭୁବନେଶ୍ୱରର ପ୍ରମୁଖ ସ୍ଥାନ, ଜଗତସିଂହପୁର ସହର ଓ ସେମିଳିଗୁଡ଼ାରେ ମୋଟ ୭ଟି ଦାମୀ ଫ୍ଲାଟ୍ । ସେମିଳିଗୁଡ଼ାରେ ଆଉ ଗୋଟିଏ ଘର (ପ୍ରାୟ ୧୨୫୦ ବର୍ଗଫୁଟ୍) । ଏଥିସହିତ ପ୍ରାୟ ୧ କିଲୋଗ୍ରାମ (କେଜିଏ) ସୁନା ଅଳଙ୍କାର । ଘରୁ ରୂପା ହାତୀ ସମେତ ଅନେକ ରୂପା ସାମଗ୍ରୀ ମଧ୍ୟ ଜବତ ହୋଇଛି । ନଗଦ ୮ ଲକ୍ଷ ୭୦ ହଜାର ଟଙ୍କା ଏବଂ କିଛି ବିଦେଶୀ ମୁଦ୍ରା । ଗୋଟିଏ ଟାଟା ହାରିଅର୍ ୪-ଚକିଆ ଗାଡ଼ି ସହ ୩ଟି ୨-ଚକିଆ ଗାଡ଼ି ଠାବ ହୋଇଛି ।

ସୂଚନାଯୋଗ୍ୟ, ଫରେଷ୍ଟର ନିରଞ୍ଜନ ଶତପଥୀ ୧୯୮୮ ମସିହା ଜାନୁଆରୀ ୨୫ ତାରିଖରେ ମାତ୍ର ୬୨୫ ଟଙ୍କା ପ୍ରାରମ୍ଭିକ ମାସିକ ଦରମାରେ କୋରାପୁଟ ବନଖଣ୍ଡରେ ଫରେଷ୍ଟ ଗାର୍ଡ ଭାବେ ସରକାରୀ ଚାକିରି ଆରମ୍ଭ କରିଥିଲେ । ଅଭିଯୁକ୍ତଙ୍କ ସମସ୍ତ ସମ୍ପତ୍ତିର ମୂଲ୍ୟାଙ୍କନ ଭିଜିଲାନ୍ସ ବୈଷୟିକ ବିଭାଗ ଦ୍ୱାରା କରାଯାଉଛି । ଚଢ଼ାଉ ଜାରି ରହିଥିବା ଏବଂ ତଦନ୍ତ ପରେ ଅଧିକ ତଥ୍ୟ ମିଳିବ ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି ।

### କେନ୍ଦ୍ର ସରକାରଙ୍କୁ ହାଇକୋର୍ଟଙ୍କ ପରାମର୍ଶ

## ସୋସିଆଲ ମିଡିଆ ପିଲାଙ୍କ ପାଇଁ ବ୍ୟାନ୍ ହେଉ

**ମଦୁରାଇ, ୨୬।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**



ଅଷ୍ଟ୍ରେଲିଆ ଭଳି ଭାରତରେ ବି ପିଲାଙ୍କ ପାଇଁ ବ୍ୟାନ୍ ହେଉ ସୋସିଆଲ ମିଡିଆ । କେନ୍ଦ୍ର ସରକାରଙ୍କୁ ପରାମର୍ଶ ଦେଲେ ମାଡ୍ରାସ୍ ହାଇକୋର୍ଟ । ୧୬ ବର୍ଷରୁ କମ୍ ବୟସର ପିଲାଙ୍କ ପାଇଁ ସୋସିଆଲ ମିଡିଆ ବ୍ୟବହାର ଉପରେ ପ୍ରତିବନ୍ଧକ ଲଗାଇବା ପାଇଁ ମଦୁରାଇ ବେଞ୍ଚ କହିଛନ୍ତି । ଜଷ୍ଟିସ୍ କେକେ ରାମକୃଷ୍ଣନ ଏବଂ ଜଷ୍ଟିସ୍ ଜି ଜୟଚନ୍ଦ୍ରନଙ୍କ ଖଣ୍ଡପୀଠ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରିବା ବେଳେ ଏନେଇ ଚିନ୍ତାବ୍ୟକ୍ତ କରିଛନ୍ତି ।

ଆବେଦନକାରୀ ଏସ୍ ବିଜୟକୁମାର କୋର୍ଟରେ ରିଟ୍ ପିଟିସନ ଦାଖଲ କରିଥିଲେ । ସେ ସାରା ଦେଶରେ ସମସ୍ତ ଇଣ୍ଟରନେଟ୍ ସେବା ପ୍ରଦାନକାରୀଙ୍କୁ ପ୍ୟାରେଣ୍ଟାଲ ଓ୍ୱିଣ୍ଡୋ କିମ୍ବା ପ୍ୟାରେଣ୍ଟାଲ କଣ୍ଟ୍ରୋଲ ସୁବିଧା ଅନିବାର୍ଯ୍ୟ କରିବା ପାଇଁ ଦାବି କରିଥିଲେ । ଆବେଦନକାରୀଙ୍କ ମୁଖ୍ୟ ଯୁକ୍ତି ଥିଲା ଯେ, ଏବେ ଇଣ୍ଟରନେଟରେ ଅଶ୍ଳୀଳ କଣ୍ଟେଣ୍ଟ ଏବଂ ଶିଶୁ ଯୌନ ନିର୍ଯାତନା ସମ୍ପର୍କିତ କଣ୍ଟେଣ୍ଟ ସହଜରେ ମିଳିଯାଉଛି । ଯାହାକି ପିଲାମାନଙ୍କ ପାଖରେ ପହଞ୍ଚୁଛି । ଏହାଦ୍ୱାରା ପିଲାଙ୍କ ମାନସିକ ଏବଂ ଭାବନାତ୍ମକ ବିକାଶ ଉପରେ ଗୁରୁତର ପ୍ରଭାବ ପଡୁଛି ।

ହାଇକୋର୍ଟ ଏହି ଆବେଦନର ଶୁଣାଣି କରି କହିଛନ୍ତି ଯେ, ଅନଲାଇନ୍ ସିଏସଏଏମ୍ ଓ୍ୱେବସାଇଟ୍ ଏବଂ ୟୁଆରଏଲ ଲଗାତର ଅପଡେଟ୍ ହେଉଛି । ଏହା ସହ ୟୁଜର ଏଣ୍ଡ ଉପରେ ବି ନିୟନ୍ତ୍ରଣ ଜରୁରୀ । ଏହି ନିୟନ୍ତ୍ରଣ କେବଳ ପ୍ୟାରେଣ୍ଟ କଣ୍ଟ୍ରୋଲ ଆପ୍ ଦ୍ୱାରା ସମ୍ଭବ । ଅଶ୍ଳୀଳ କଣ୍ଟେଣ୍ଟ ଦେଖିବା ବ୍ୟକ୍ତିଗତ ଚଏସ୍ । ହେଲେ ପିଲାମାନେ ତାହା ଜାଣିପାରନ୍ତି ନାହିଁ । ଏଥିପାଇଁ ମାତାପିତାଙ୍କ ଦାୟିତ୍ୱ ସେମାନେ ପିଲାମାନଙ୍କୁ ଏହି କଣ୍ଟେଣ୍ଟ ଠାରୁ ଦୂରେଇ ରଖିବେ । ସରକାର ଏଥିପାଇଁ ଅଷ୍ଟ୍ରେଲିଆ ଭଳି ଆଇନ ଆଣି ପାରିବେ । ଯାହାଦ୍ୱାରା ୧୬ ବର୍ଷରୁ *(ଶେଷ ପୃଷ୍ଠା ଦେଖନ୍ତୁ)*

## ଅମଳ ସମୟରେ ଟମାଟୋ ଛୁଇଁଲାଣି ୮୦

**ଭୁବନେଶ୍ୱର, ୨୬।୧୨ : ତଥ୍ୟ**

ରାଜଧାନୀ ସହରରେ ଟମାଟୋର ମୂଲ୍ୟ ଖୁଚୁରା ବଜାରରେ ପ୍ରତି କିଲୋ ୮୦ ଟଙ୍କା ଛୁଇଁଛି, ଯାହା ଖାଉଟିଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି । ଶୀତଦିନେ ସାଧାରଣତଃ ପନିପରିବା ମୂଲ୍ୟରେ ହ୍ରାସ ଆସିଥାଏ, କାରଣ ଏହି ସମୟରେ ଶୀତଦିନିଆ ପନିପରିବା ଅଧିକ ପରିମାଣରେ ଅମଳ ହୋଇଥାଏ । କିନ୍ତୁ ଚଳିତି ବର୍ଷ ମହାରାଷ୍ଟ୍ର ଏବଂ କର୍ଣ୍ଣାଟକ ଭଳି ପ୍ରମୁଖ ଉତ୍ପାଦକ ରାଜ୍ୟରୁ ଯୋଗାଣରେ ଗୁରୁତର ବାଧା ସୃଷ୍ଟି ହେବା ଫଳରେ ଓଡିଶା ବଜାରରେ ଟମାଟୋର ଏଭଳି ଆକାଶଛୁଆଁ ଦର ହୋଇଛି ।

ପନିପରିବା ବଜାରରେ ଏହି ସପ୍ତାହରେ ଟମାଟୋର ମୂଲ୍ୟରେ ତୀବ୍ର ବୃଦ୍ଧି ଦେଖାଯାଇଛି । ରୋଷେଇ ଘରର ମୁଖ୍ୟ ସାମଗ୍ରୀ କୁହାଯାଉଥିବା ଟମାଟୋ ଏବେ କିଲୋ ୮୦ ଟଙ୍କାରେ ବିକ୍ରି ହେଉଛି । ଶୀତ ଋତୁର ସର୍ବାଧିକ ସମୟରେ ହଠାତ୍ ବୃଦ୍ଧି ପରିବାର ବଜେଟକୁ ବାଧା ଦେଇଛି, ଯେତେବେଳେ ଅଧିକ ଆମଦାନୀ ଯୋଗୁଁ ପନିପରିବା ଦର ସାଧାରଣତଃ କମ ରହିଥାଏ ।

ବର୍ତ୍ତମାନର ମୂଲ୍ୟ ବୃଦ୍ଧି ସ୍ଥାନୀୟ ଏବଂ ଜାତୀୟ କାରଣଗୁଡ଼ିକର ମିଶ୍ରଣକୁ ଦାୟୀ କରାଯାଇଛି । ଭୁବନେଶ୍ୱରର ଏକ ନମ୍ବର ହାଟ ବ୍ୟବସାୟୀମାନେ କହିଛନ୍ତି ଯେ ଅକ୍ଟୋବର ଶେଷ ପର୍ଯ୍ୟନ୍ତ ବର୍ଷା




ଲାଗି ରହିବା ଏବଂ ଦୀର୍ଘ ସମୟ ଧରି ବର୍ଷା ହେବା ଫଳରେ ଅନେକ ଚାଷ ଜମି ଜଳମଗ୍ନ ହୋଇ ସ୍ଥାନୀୟ ରବି ଫସଲ ଲଗାଣରେ ବିଳମ୍ବ ହୋଇଛି । ଓଡ଼ିଶା ଏକ ପ୍ରମୁଖ ଉତ୍ପାଦକ ରାଜ୍ୟ ହୋଇଥିଲେ ମଧ୍ୟ ଏହାର ସ୍ଥାନୀୟ ଅମଳ ସାଧାରଣତଃ ଜାନୁଆରୀ ଏବଂ ମାର୍ଚ୍ଚ ମଧ୍ୟରେ ସର୍ବାଧିକ ପରିମାଣରେ ହୋଇଥାଏ ।

ବର୍ତ୍ତମାନ ମହାରାଷ୍ଟ୍ର ଏବଂ କର୍ଣ୍ଣାଟକ ଭଳି ରାଜ୍ୟ ଉପରେ ଓଡିଶା ଟମାଟୋ ପାଇଁ ବହୁଳ ଭାବରେ ନିର୍ଭରଶୀଳ । ତଥାପି, ଅନିୟମିତ ପାଗ ଏବଂ ପରିବହନରେ ବିଳମ୍ବ ଯୋଗୁଁ ଏହି ରାଜ୍ୟଗୁଡ଼ିକ ଯୋଗାଣ ବାଧାର ସମ୍ମୁଖୀନ ହୋଇଛନ୍ତି, ଯାହା ଫଳରେ ଟ୍ରକ୍ ଆସିବାରେ ଉଲ୍ଲେଖନୀୟ ହ୍ରାସ ଘଟିଛି ।

୨୦୨୩ ମସିହା ଜୁଲାଇ ମାସରେ ଓଡ଼ିଶାରେ ଟମାଟୋର ସର୍ବାଧିକ ଖୁଚୁରା ଦର ରେକର୍ଡ କରାଯାଇଥିଲା, ଯେତେବେଳେ ଭୁବନେଶ୍ୱର ଏବଂ କଟକ ସମେତ ଅନେକ ସହରାଞ୍ଚଳ କେନ୍ଦ୍ରରେ ମୂଲ୍ୟ କିଲୋଗ୍ରାମ ପିଛା ୧୫୦ ଟଙ୍କାରେ ପହଞ୍ଚିଥିଲା । ୨୦୧୭ ମସିହାରେ ସମାନ ବୃଦ୍ଧି ଦେଖାଯାଇଥିଲା ଯେତେବେଳେ ଦର ୧୨୦ ଟଙ୍କା ଅତିକ୍ରମ କରିଥିଲା । ଏହି ଅତୀତର ରେକର୍ଡ ସର୍ବାଧିକ ପରିମାଣ ମୁଖ୍ୟତଃ ଦକ୍ଷିଣ ଭାରତରେ ପ୍ରବଳ ଗରମ ଏବଂ ପ୍ରବଳ ମୌସୁମୀ ବର୍ଷା ଯୋଗୁଁ ଫସଲ କ୍ଷତି ଯୋଗୁଁ ହୋଇଥିଲା ।

ସ୍ଥାନୀୟ ବ୍ୟବସାୟୀମାନେ ଆଶା କରୁଛନ୍ତି ଯେ ଆଗାମୀ ଦୁଇରୁ ତିନି ସପ୍ତାହ ମଧ୍ୟରେ ଗ୍ରାହକମାନଙ୍କ ପାଇଁ କିଛି ଆଶ୍ୱସ୍ତି ମିଳିବ କାରଣ ନୟାଗଡ ଏବଂ କେଉଁଝର ଭଳି ଜିଲ୍ଲାରୁ ଅମଳ ଟମାଟୋ ବଜାରରେ ପହଞ୍ଚିବା ଆରମ୍ଭ କରିବ, ଯାହା ସାଧାରଣ ଶୀତକାଳୀନ ପନିପରିବାର ମୂଲ୍ୟ ସ୍ଥିର କରିବାରେ ସାହାଯ୍ୟ କରିବ ।

## ହାତୀଦାନ୍ତ ବେପାର ଅଭିଯୋଗରେ ୩ ଗିରଫ

**ନୀଳଗିରି: ଏକ୍ସପ୍ରେସ ନ୍ୟୁଜ୍**

ହାତୀଦାନ୍ତ ବେପାର ଅଭିଯୋଗରେ ୩ ଜଣ ଗିରଫ ହୋଇଛନ୍ତି। ବାଲେଶ୍ୱର ନୀଳଗିରି କୁଳଡିହା ଅଭୟାରଣ୍ୟରେ ମାଟି ତଳୁ ହାତୀର ଗଳିତ ଶବ ତସ୍କର ଖୋଳିବା ଘଟଣାରେ ଅଭିଯୁକ୍ତମାନେ ଜଣକ ପରେ ଜଣେ ଗିରଫ ହେଉଛନ୍ତି। ଶୁକ୍ରବାର ୩ ଜଣ ଅଭିଯୁକ୍ତଙ୍କୁ ଗିରଫ ବନ ବିଭାଗ କରିବା ସହ ୩ଟି ଦାନ୍ତ ଜବତ କରିଛି। ଏହି ଘଟଣାକୁ ନେଇ ଏ ପର୍ଯ୍ୟନ୍ତ ୨୫ ଜଣ ଅଭିଯୁକ୍ତ ଗିରଫ ହୋଇସାରିଲେଣି।

ଦୁଇ ସପ୍ତାହ ପୂର୍ବରୁ ଏଆଇ କ୍ୟାମେରା ସହାୟତରେ ୩ ଜଣ ଶିକାରୀ ଗିରଫ ହେବା ସହ ମୃତ ଝିଙ୍କ ଓ ଜଙ୍ଗଲୀ ମୂଷା ସହିତ ବନ୍ଧୁକ ଜବତ ହୋଇଥିଲା। ତାଙ୍କ ଫୋନ ରେକର୍ଡ ଯାଞ୍ଚ କରିବା ପରେ ଅଭୟାରଣ୍ୟ ଭିତରେ ହାତୀଦାନ୍ତ ବେପାର ଘଟଣା ବନବିଭାଗ ଜାଣିବାକୁ ପାଇଥିଲା। ଏପରିକି ମାଟି ତଳେ ପୋତାଯାଇଥିବା ହାତୀ ହାଡ଼ ଖୋଳି ଏହାକୁ ପଲିସ୍ କରି ହାତୀଦାନ୍ତ ତିଆରି କରିବା ଭଳି ଘଟଣା ତଦନ୍ତକାରୀ ଅଧିକାରୀ ଏସିଏଫ୍ ଶୋଭନ ଦିଗନ୍ତ ଚାନ୍ଦ ଜାଣିବା ପରେ ଏପର୍ଯ୍ୟନ୍ତ ୨୫ ଜଣ ଶିକାରୀ ଓ ବେପାରୀଙ୍କୁ ଏ ପର୍ଯ୍ୟନ୍ତ ଗିରଫ କରିସାରିଲେଣି।





ପୂର୍ବତନ ବିଧାୟିକା ତଥା ଭାରତୀୟ ଜନତା ପାର୍ଟିର ବରିଷ୍ଠ ନେତ୍ରୀ ସଂଚିତା ମହାନ୍ତିଙ୍କୁ ତାଙ୍କ ବାସ ଭବନରେ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

## ୧୩ ଦାଦନ ଉଦ୍ଧାର, ସର୍ଦ୍ଦାର ଗିରଫ

**ମୁରିବାହାଲ: ଏକ୍ସପ୍ରେସ ନ୍ୟୁଜ୍**

ବଲାଙ୍ଗିର ଜିଲ୍ଲା ଦାଦନ ପ୍ରବଣ ମୁରିବାହାଲ ବ୍ଲକ ଅଞ୍ଚଳରୁ ପୋଲିସ ପୁଣି ୧୩ଜଣ ଦାଦନ ଶ୍ରମିକଙ୍କୁ ଉଦ୍ଧାର ବେଳେ ସେମାନଙ୍କୁ ଚାଲାଣ ପାଇଁ ଘରେ ଲୁଚାଇ ରଖିଥିବା ଅଭିଯୋଗରେ ଜଣେ ଦାଦନ ସର୍ଦ୍ଦାରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

ମଙ୍ଗଳବାର ରାତିରେ ପୋଲିସ ଟିମ୍ ପେଟ୍ରୋଲିଂ କରୁଥିବା ବେଳେ ମୁରିବାହାଲ ଥାନା ପତ୍ରାପାଲି (କ) ପଞ୍ଚାୟତ ଖପାଦର ଗ୍ରାମରେ ଅଚାନକ ଚଢ଼ାଉ କରିଥିଲା। ସେଠାରେ ଥିବା ଏକ ଘରେ ବହୁତ ଦାଦନ ଶ୍ରମିକ ଆନ୍ଧ୍ରା, ତେଲେଙ୍ଗାନା ଆଦି ରାଜ୍ୟକୁ ଚାଲାଣ ହେବାକୁ ଥିବା ଜାଣିପାରି ପୋଲିସ ଚଢାଉ କରିଥିଲା। ସେଠାରୁ ୧୩ଜଣ ଦାଦନ ଶ୍ରମିକ ଓ ସେମାନଙ୍କୁ ଚାଲାଣ କରୁଥିବା ଅଭିଯୋଗରେ ଜଣେ ଦାଦନ ସର୍ଦ୍ଦାରଙ୍କୁ ଥାନାକୁ ନେଇ ଅଧିକ ତଦନ୍ତ କରିଥିଲା। ଉଦ୍ଧାର ଦାଦନ ଶ୍ରମିକଙ୍କ ମଧ୍ୟରେ ୮ଜଣ ପୁରୁଷ ଓ ୫ଜଣ ଶିଶୁ ଥିଲେ। ଏହି ଦାଦନ ଶ୍ରମିକମାନଙ୍କୁ ଖପାଦର ଗ୍ରାମର ଦାଦନ ସର୍ଦ୍ଦାର ଲକ୍ଷ୍ମଣ ତାଣ୍ଡି (୩୭) ବାହାର ଅଞ୍ଚଳକୁ ଚାଲାଣ କରିବା ପାଇଁ ଘରେ ଲୁଚାଇ ରଖିଥିଲା। ଉଦ୍ଧାର ଦାଦନ ଶ୍ରମିକମାନେ ବଲାଙ୍ଗିର ଜିଲ୍ଲା ଲରମ୍ଭା ଥାନା ଅଏଲାଚୁଆ ଅଞ୍ଚଳର ବୋଲି ଜଣାପଡିଛି। ସମସ୍ତ ଉଦ୍ଧାର ଦାଦନ ଶ୍ରମିକଙ୍କୁ ପ୍ରାଥମିକ ଚିକିତ୍ସା ସହ ଥାନାରେ ଅଧିକ ତଦନ୍ତ ପରେ ସେମାନଙ୍କୁ ନିଜ ନିଜର ଘରକୁ ପଠାଇ ଦିଆଯାଇଥିଲା। ଅଟକ ଦାଦନ ସର୍ଦ୍ଦାର ଲକ୍ଷ୍ମଣଙ୍କୁ ବାରମ୍ବାର ଜେରା ପରେ କେଶନ ୨୫୪/୨୫ରେ କୋର୍ଟ ଚାଲାଣ କରାଯାଇଥିବା ବେଳେ ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି ବୋଲି ଥାନା ଆଇଆଇସି ସନାତନ ସାହୁ ପ୍ରକାଶ କରିଛନ୍ତି।

## ଛାତ୍ରୀଙ୍କୁ ଅଶ୍ଳୀଳ ଇଙ୍ଗିତ କରି ଯୁବକ ଗିରଫ

**ଆଠଗଡ଼: ଏକ୍ସପ୍ରେସ ନ୍ୟୁଜ୍**

ଆଠଗଡ଼ସ୍ଥିତ ଏକ ମହିଳା ମହାବିଦ୍ୟାଳୟର ଛାତ୍ରୀଙ୍କୁ ଅଶ୍ଳୀଳ ଇଙ୍ଗିତ କରି ଜଣେ ଯୁବକ ଗିରଫ ହୋଇଥିବା ଜଣାପଡିଛି। ବୁଧବାର ମହିଳା ମହାବିଦ୍ୟାଳୟର ଛାତ୍ରୀମାନେ ଘରକୁ ଫେରୁଥିବା ସମୟରେ ଆଠଗଡ଼ ଥାନା ଅନ୍ତର୍ଗତ ଗୋପୀନାଥପୁର ଗ୍ରାମର ବିଶ୍ୱଜିତ ସାମନ୍ତରାୟ (୨୫) ସେମାନଙ୍କୁ ଅଶ୍ଳୀଳ କମେଣ୍ଟ କରିଥିଲେ। ସଂପୃକ୍ତ ଛାତ୍ରୀମାନେ ସଙ୍ଗେ ସଙ୍ଗେ ଆଠଗଡ଼ ଥାନାକୁ ଖବର ଦେଇଥିଲେ। ପୋଲିସ ତ୍ୱରିତ ପଦକ୍ଷେପ ନେଇ ଅଭିଯୁକ୍ତ ବିଶ୍ୱଜିତକୁ ଧରି ଥାନାରେ ଅଟକ ରଖି ପଚରାଉଚରା କରାଯାଇଥିଲା। ଗୁରୁବାର ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ସୁମତି ମହାନ୍ତି ସୂଚନା ଦେଇଛନ୍ତି।

## ଯୁବକଙ୍କୁ ଗୋଡେଇ ଗୋଡେଇ ଆକ୍ରମଣ

**ପୁରୀ: ଏକ୍ସପ୍ରେସ ନ୍ୟୁଜ୍**



ବିଲ ଭିତରେ ଯୁବକଙ୍କୁ ଗୋଡେଇ ଗୋଡେଇ ଆକ୍ରମଣ। ବାପ ପୁଅଙ୍କ ଆକ୍ରମଣରେ ଘାଇଲା ହେଲେ ଜଣେ ଯୁବକ। ପୁରୀ ମେରାଇନ୍ ଥାନା ଅଞ୍ଚଳରେ ଘଟିଛି ଏଭଳି ଘଟଣା। ଆକ୍ରମଣର ଶିକାର ହୋଇଥିବା ଯୁବକ ଜଣକ ହେଉଛନ୍ତି ଉର ଗ୍ରାମର ସାରଥୀ ବେହେରା। ସାରଥୀଙ୍କ କାନ ଓ ହାତରେ ଗଭୀର ଆଘାତ ଲାଗିଥିବା ବେଳେ ଚିକିତ୍ସା ପାଇଁ ତାଙ୍କୁ ପୁରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏଭଳି ଘଟଣା ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଗତ କିଛି ଦିନ ତଳେ ଧାନକଟାକୁ କେନ୍ଦ୍ରକରି ସାରଥୀଙ୍କ ସହିତ କିଛି ଲୋକଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏହାକୁ କେନ୍ଦ୍ରକରି ତାଙ୍କୁ ଆକ୍ରମଣ ହୋଇଥିବା ଅଭିଯୋଗ କରିଛନ୍ତି ସାରଥୀ। ତେବେ ପୋଲିସ ଘଟଣାର ତଦନ୍ତ କରୁଥିବା ବେଳେ ତଦନ୍ତ ପରେ ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।

## ଜଗୁଆଳିଙ୍କ ମୃତଦେହ ଉଦ୍ଧାର

**ଭବାନୀପାଟଣା: ଏକ୍ସପ୍ରେସ ନ୍ୟୁଜ୍**

କର୍ଲାପାଟ ଥାନା ଅନ୍ତର୍ଗତ ସାଏସୂର୍ଣ୍ଣି ଛକ ନିକଟ ପୋଲ ତଳୁ ଶୁକ୍ରବାର ଜଣେ ବ୍ୟକ୍ତିଙ୍କ ମୃତଦେହ ଠାବ ହେଇଛି। ମୃତକ ହେଉଛନ୍ତି ବିଭୀଷଣ ଗୌଡ (୪୩)। ସେ ସାଏସୂର୍ଣ୍ଣି ହାଇସ୍କୁଲରେ ରାତ୍ର ଜଗୁଆଳି ଭାବେ କାର୍ଯ୍ୟ କରୁଥିଲେ। ଗତ ପ୍ରାୟ ୮ ଦିନ ହେଲା ସେ ନିଖୋଜ ଥିଲେ। ବିଭୀଷଣଙ୍କ ମୃତଦେହ ମିଳିବା ପରେ ପରିବାର ଲୋକେ ହତ୍ୟା ଅଭିଯୋଗ କରିଛନ୍ତି। କେହି ତାଙ୍କୁ ହତ୍ୟା କରି ଫିଙ୍ଗି ଦେଇଥିବା ପରିବାର ଲୋକେ କହିଛନ୍ତି। ଅଭିଯୋଗ ଆଧାରରେ କର୍ଲାପାଟ ଥାନା ପୋଲିସ ଘଟଣାର ତଦନ୍ତ କରୁଛି।

## ବ୍ୟାଟେରୀ ଜବତ ୩ କୋର୍ଟଚାଲାଣ

**ଅନୁଗୁଳ: ଏକ୍ସପ୍ରେସ ନ୍ୟୁଜ୍**

ଅନୁଗୁଳ ଜିଲ୍ଲା ଏନଟିପିସି ଟାଉନ ପୋଲିସ ଟ୍ୟାଙ୍କରରୁ ଚୋରି ହୋଇଥିବା ବ୍ୟାଟେରୀ ଜବତ କରିବା ସହ ଏଥିରେ ସଂପୃକ୍ତ ୩ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି ପୋଲିସ। ୩ ଅଭିଯୁକ୍ତ ହେଲେ କଣିହାଁ ଥାନା ଜରଡା ଗ୍ରାମର ଅଜୟ ହଲଦର (୨୩), କଣିହାଁ ଗ୍ରାମର ଆନନ୍ଦୀ ନାଏକ (୨୪) ଓ ମିତେନ୍ଦ୍ର କୁମାର ସାହୁ (୨୮)। ପୋଲିସ ସୂଚନା ମୁତାବକ, ଲୋଧାବନ୍ଧ ଗ୍ରାମରେ ଥିବା ପଞ୍ଚୁ ଭୂତିଆଙ୍କ କ୍ୟାମ୍ପରେ ଥିବା ତାଙ୍କର ପାଣି ଟ୍ୟାଙ୍କରରୁ ୪ଟି ବ୍ୟାଟେରୀ ଚୋରି ହୋଇଥିଲା। ଏନେଇ ସେ ଥାନାରେ ଅଭିଯୋଗ କରିଥିଲେ। ତଦନୁ କରି ପୋଲିସ ଅଭିଯୁକ୍ତଙ୍କୁ ଧରିବା ସହ ବ୍ୟାଟେରୀ ଜବତ କରିଥିବା ଜଣାଯାଇଛି।

## ବଡ ଭାଇକୁ ହତ୍ୟା କଲା ସାନଭାଇ

**ଇନ୍ଦିରାପଲ୍ଲି: ଏକ୍ସପ୍ରେସ ନ୍ୟୁଜ୍**

ବଡ ଭାଇକୁ ହତ୍ୟା କଲା ସାନ ଭାଇ। ଅଭିଯୋଗ କଲେ ମୃତକଙ୍କ ପୁଅ। ସୁବର୍ଣ୍ଣପୁର ଜିଲ୍ଲା ଲଛିପୁର ଲୁପୁରସିଂହା ଇନ୍ଦିରାପଲ୍ଲି ଗାଁରେ ଜଘନ୍ୟ ହତ୍ୟାକାଣ୍ଡ। ପଥରରେ ଛେଚି ଗାଁର ଦାସ ମଲ୍ଲିକଙ୍କୁ ତାଙ୍କ ଭାଇ ହତ୍ୟା କରିଥିବା ଅଭିଯୋଗ ହୋଇଛି। ପୂର୍ବରୁ ସବୁବେଳେ ଘରେ ଦୁଇଭାଇଙ୍କ ମଧ୍ୟରେ ବିବାଦ ଲାଗିରହିଥିଲା। ଲଛିପୁର ଥାନାରେ ପାରିବାରିକ କଳହରୁ ବଡ଼ ଭାଇକୁ ସାନ ଭାଇ ହତ୍ୟା କରିଥିବା ଅଭିଯୋଗ କରିଛନ୍ତି ମୃତକଙ୍କ ପୁଅ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

ସେପଟେ ପୁରୀ ଗଡିଶାଗଦା ଥାନା ଗୋପୀନାଥପୁରରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସିରିଜ ବୋମା ମାଡ଼। ଦୁଇ ଜଣ ସାମାନ୍ୟ ଆହତ। ଘଟଣାସ୍ଥଳରେ ପହଁଚି ଛାନଭିନ୍ ଚଳାଇବା ସହ ଜଣକୁ ଅଟକ ରଖି ପଚରାଉଚରା କରୁଛି ପୋଲିସ୍। ଜମି ଜମା ବିବାଦକୁ କେନ୍ଦ୍ର କରି ବୋମା ମାଡ଼ କରାଯାଇଥିବା ସନ୍ଦେହ କରାଯାଉଛି।

## ଅତ୍ୟାଧୁନିକ ବସକୁ ଜାଳିଦେଲେ ଦୁର୍ବୃତ୍ତ



**ରାଉରକେଲା: ଏକ୍ସପ୍ରେସ ନ୍ୟୁଜ୍**

ରାଉରକେଲା ପୋଲିସ ଜିଲ୍ଲାରେ ପୁଣି ଅଭାବନୀୟ ଘଟଣା। ପୋଲିସ ରାତିରେ ପେଟ୍ରୋଲିଂ ନକରି ଶୋଇ ରହୁଛି ବୋଲି ଯାହା ନିକଟରେ ରଘୁନାଥପାଲ୍ଲୀ ବିଜେପି ବିଧାୟକ ଦୁର୍ଗା ତନ୍ତୀ ରାତିସାରା ବୁଲି ଥାନା ଗୁଡିକର ଅବସ୍ଥାକୁ ନେଇ ଯେଉଁ ଭିଡିଓ ଭାଇରାଲ କରିଥିଲେ ସେଥିରେ କିଛି ପରିବର୍ତ୍ତନ ହୋଇନାହିଁ ବୋଲି ଗୁରୁବାର ରାତିର ଘଟଣାରୁ ପୁଣି ଥରେ ପ୍ରମାଣିତ ହୋଇଛି ଯେ ରାଉରକେଲା ପୋଲିସି ରାତିରେ ଶୋଉଛି ଓ ପେଟ୍ରୋଲିଂ ହେଉନାହିଁ। ଫଳରେ କୋଟିଏ ଟଙ୍କାର ବସକୁ ନିଆଁ ଲଗାଇ ଜାଳିଦେବାରେ ସଫଳ ହୋଇଛନ୍ତି ଦୁର୍ବୃତ୍ତ। ବାଲିଯୋଡି ଅଁଚଳରେ ରହୁଥିବା ଜଣେ ବସ ମାଲିକ ମଲ୍ଲିକ ବାବୁ ଯାହାଙ୍କର ୬ ଖଣ୍ଡ ବସ ରହିଛି ତାଙ୍କର ନୂଆ କରି ଆସିଥିବା ଦୁଇଟି ଅତ୍ୟାଧୁନିକ ବସ ମଧ୍ୟରୁ ଗୋଟିକୁ ପୁରା ଜାଳିଦେବା ସହ ଆଉ ଗୋଟିକୁ ଭଙ୍ଗାରୁଜା କରାଯାଇ ଅଧାପୋଡା ଅବସ୍ଥାରେ ଛାଡିଦେଇଛନ୍ତି। ଏହି ଖବର ରାତି ୨ଟାରେ ବସ ମାଲିକ ପାଇବା ପରେ ଜଳଦା ଫାଣ୍ଡିକୁ ଯାଇ କବାଟ ବାଡେଇ ପୋଲିସକୁ ଡାକିଥିଲେ ବି ନିଘୋଡ ନିଦ୍ରାରେ ଶୋଇଥିବା ପୋଲିସ ଅଧାଘଣ୍ଟା କାଳ ଉଠିନଥିଲା ବୋଲି ମାଲିକ ଅଭିଯୋଗ କରିଛନ୍ତି। ଏନେଇ ବସ ମାଲିକ ଶ୍ରୀ ମଲ୍ଲିକ ଟାଙ୍ଗରପାଲ୍ଲୀ ଥାନାରେ ଏତଲା ଦେଇଛନ୍ତି।

ଖବରରୁ ଜଣାପଡିଛି ଯେ, ଏହି ବସ ମାଲିକଙ୍କର ନାମି ବସ ସଂସ୍ଥାରେ ୬ଟି ବସ ଥିଲା। ନିକଟରେ ପାଇଖାନା ସୁବିଧା ସହ ଅନ୍ୟାନ୍ୟ ସୁବିଧାକୁ ନେଇ ୨ଟି ଅତ୍ୟାଧୁନିକ ବସ ଆଣି ନିଜେ ରହୁଥିବା ବାଲି ଯୋଡି ଅଁଚଳରେ ଏକ ମନ୍ଦିର ନିକଟରେ ରଖିଥିଲେ। ଗୁରୁବାର ବସରେ ଲାଗିଥିବା ପାଇଖାନାର ସମସ୍ତ ପରୀକ୍ଷା ନିରୀକ୍ଷା କଂପାନୀ ପକ୍ଷରୁ କରାଜିବା ପରେ ରାତିରେ ବସ ଦୁଇଟି ବାଲିଯୋଡି ଅଁଚଳରେ ଠିଆ ହୋଇଥିଲା। ତେବେ ରାତି ପ୍ରାୟ ୨ଟାରେ ବସଟି ନିଆଁରେ ଜଳୁଥିବା ଖବର ମାଲିକ କାହାଠାରୁ ପାଇ ଫାଣ୍ଡିକୁ ଦଉଡିଥିଲେ, ହେଲେ ପୋଲିସ ଶୋଇଥିଲା ଉଠିଲାନି, ଫଳରେ କୌଣସି ସୁଫଳ ପାଇନଥିଲେ ବସ ମାଲିକ ମଲ୍ଲିକ ବାବୁ। ବସଟି ସମ୍ପୂର୍ଣ୍ଣ ଜଳି ଯାଇଥିଲା। ଅନ୍ୟ ବସଟିର କାଚ଼ ଭଙ୍ଗା ଯାଇଥିବା ବେଳେ ଭିତରେ ଅନେକ ଜରି ପୁରାଯାଇଥିଲା ଯେଉଁଥିରେ ବସଟିକୁ ଜଳାଯାଇଥାନ୍ତା ବୋଲି ଅନୁମାନ କରାଜାଉଛି, ତେବେ ପ୍ରାୟ ୨ଘଣ୍ଟା କାଳ ଏହି ଅପରେସନ କରୁଥିବା ଅପରାଧୀମାନେ ଧରାପଡିଜିବା ଭୟରେ ଫେରାର ହୋଇଯାଇଥିବା ଖବର ମିଳିଛି। ବର୍ତ୍ତମାନ ଏହି ଖବର ପ୍ରଚାରିତ ହେବା ପରେ ରାତିରେ ପୋଲିସର ଆଦୌ ପେଟ୍ରୋଲିଂ ହେଉନଥିବାରୁ ସହରରେ ଚୋରି ବଢିବା ସହ ଅପରାଧୀମାନେ ସହରକୁ ନିଜ କବଜାକୁ ନେଇ ଏଭଳି ଅଭାବନୀୟ ଘଟଣା ଘଟାଇବାକୁ ଡରୁନାହାନ୍ତି ବୋଲି ସାଧାରଣରେ ଆଲୋଚନା ଚାଲିଛି। ବାରମ୍ବାର ଏଭଳି ଅଭିଯୋଗ ହୋଇଚାଲିଥିଲେ ବି ପୋଲିସ ମୁଖିଆମାନେ ସଚେତନ ହେଉନାହାଁନ୍ତି। ଫଳରେ ରାଜ୍ୟ ଓ ରାଜ୍ୟ ବାହାର ଅପରାଧୀମାନେ ସକ୍ରୀୟ ହୋଇପଡିଛନ୍ତି। ଥାନା ଗୁଡିକ ରାତିରେ ତାଲା ପଡିନବା ସହ ବାବୁମାନେ କମ୍ବଳ ଘୋଡାଇ ହୋଇ ଥଣ୍ଡା ଗରମର ମଜା ନେଉଛନ୍ତି। ଲୋକଙ୍କର ଧନ ଜୀବନ ଅସୁରକ୍ଷିତ ହୋଇପଡିଛି ବୋଲି ଏହି ଘଟଣା ତା'ର ପ୍ରମାଣ ବୋଲି କୁହାଯାଉଛି।

ଏନେଇ ରଘୁନାଥପାଲ୍ଲୀ ବିଧାୟକ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଏହି ଘଟଣାକୁ ସେ ଗୁରୁତ୍ୱର ସହ ନେଇଛନ୍ତି, ଏ ସଂପର୍କରେ ସେ ନିଜେ ଅନୁଧ୍ୟାନ କରିବା ସହ ପୋଲିସ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇବେ, ତଦନ୍ତରେ ଯିଏ ଦୋଷୀ ବାହାରିବ ତା' ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ହେବା ଦରକାର ବୋଲି ଦାବି କରିଛନ୍ତି।

## ଜଳିଗଲା ଧାନ ଗଦା



**ମୋହନା: ଏକ୍ସପ୍ରେସ ନ୍ୟୁଜ୍**

ଗଜପତି ଜିଲ୍ଲା ମୋହନା ଥାନା ଯୁବ ପଞ୍ଚାୟତ ଭାଲିଆଗଣ୍ଡା ଗାଁରେ ଭୟାବହ ଅଗ୍ନିକାଣ୍ଡ। ଏହି ଅଗ୍ନିକାଣ୍ଡ ଗାଁ ନିକଟସ୍ଥ ଧାନ ଖଳାରେ ହୋଇଥିବା ବେଳେ ପ୍ରାୟ ଗୋଟିଏ ଏକର ଧାନ ଜଳି ପୋଡି ପାଉଁଶ ହୋଇଯାଇଛି। ଶୁକ୍ରବାର ଭୋର ସମୟରେ କୌଣସି କାରଣ ବଶତଃ ଧାନ ଖଳାରେ ନିଆଁ ଲାଗି ଯାଇଥିଲା। ଫଳରେ ଖଳାରେ ଥିବା ଗାଁର ଫାଉଷ୍ଟିନ ରଇତ, ଜୋସେଫ ରଇତ, ପ୍ରକାଶ ମାଝୀ, ପ୍ରାଞ୍ଚିସ ମାଝୀ, ଶୁକ୍ରୁ ରଇତ, ସୁଶାନ୍ତ ମାଝୀ ଓ ମାର୍ଶାଲ ରଇତ ଆଦି ୭ଟି ପରିବାରର ଧାନ ପୋଡି ନଷ୍ଟ ହୋଇଯାଇଛି। ତେବେ ଖବର ପାଇ ମୋହନା ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି। ଅଗ୍ନିବିପନ୍ନ ପରିବାର ଆର୍ଥିକ ସ୍ଥିତି ଖରାପ ହୋଇଥିବାରୁ ସରକାରୀ ସହାୟତା ପାଇଁ ନିବେଦନ କରିଛନ୍ତି।

## ଆନ୍ତର୍ଜାତୀୟ ସମ୍ମିଳନୀରେ ଆଇଏନଓ ଓଡ଼ିଶା ଟିମ ସମ୍ମାନିତ

**ବେତନଟୀ: ଏକ୍ସପ୍ରେସ ନ୍ୟୁଜ୍**

୨୧ ଡିସେମ୍ବର ଦ୍ୱିତୀୟ ଧ୍ୟାନ ଦିବସ ଅବସରରେ ୧୯ରୁ ୨୧ ଡିସେମ୍ବର ପର୍ଯ୍ୟନ୍ତ ଗୁଜରାଟ ନ୍ୟାଚୁରାଲ ଫାର୍ମିଂ ସାଇନ୍ସ ୟୁନିଭର୍ସିଟି, ହାଲୋଲରେ ଏକ ତିନିଦିନିଆ ଆନ୍ତର୍ଜାତୀୟ ସମ୍ମିଳନୀ ସଫଳତାର ସହ ଆୟୋଜିତ ହୋଇଯାଇଛି। ଏହି ସମ୍ମିଳନୀ ଆୟୁଷ ମନ୍ତ୍ରଣାଳୟ ଓ ଗୁଜରାଟ ରାଜ୍ୟ ଯୋଗ ବୋର୍ଡଙ୍କ ସଂଯୁକ୍ତ ସହଯୋଗରେ, ଆଇଏନଓ ଓ ସୂର୍ଯ୍ୟ ଫାଉଣ୍ଡେସନଙ୍କ ଦ୍ୱାରା ଆୟୋଜିତ ହୋଇଥିଲା। ଏହି ଆନ୍ତର୍ଜାତୀୟ ସମ୍ମିଳନୀର ଭବ୍ୟ ଉଦଘାଟନ ଗୁଜରାଟର ମହାମହିମ ରାଜ୍ୟପାଳ ଆଚାର୍ଯ୍ୟ ଦେବବ୍ରତଙ୍କ କରକମଳରେ ସମ୍ପନ୍ନ ହୋଇଥିଲା। ସମ୍ମିଳନୀର ପ୍ରଧାନ ଉଦ୍ଦେଶ୍ୟ ଥିଲା ପ୍ରାକୃତିକ କୃଷି, ପ୍ରାକୃତିକ ଚିକିତ୍ସା, ଯୋଗ ଓ ଧ୍ୟାନର ବୈଜ୍ଞାନିକ ଏବଂ ବ୍ୟବହାରିକ ପାର୍ଶ୍ୱଗୁଡ଼ିକୁ ପ୍ରଚାରପ୍ରସାର କରିବା ସହ ସାରା ପୃଥିବୀର ବିଶେଷଜ୍ଞମାନଙ୍କୁ ଏକ ସାମୁହିକ ମଞ୍ଚ ପ୍ରଦାନ କରିବା। ଏଥିରେ ଭାରତ ସହ ବିଭିନ୍ନ ଦେଶରୁ ଗବେଷକ, ଯୋଗାଚାର୍ଯ୍ୟ, ପ୍ରାକୃତିକ ଚିକିତ୍ସକ ଓ ଶିକ୍ଷକ, ବୈଜ୍ଞାନିକ ଏବଂ ବିଭିନ୍ନ ବିଶ୍ୱ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବହୁ ସଂଖ୍ୟାରେ ଅଂଶଗ୍ରହଣ କରିଥିଲେ। ସମ୍ମିଳନୀ ଅବସରରେ ଆଇଏନଓ ଓଡ଼ିଶାର ସଭାପତି ଡ଼. ସୁଭାଷ ଚନ୍ଦ୍ର ଷଡ଼ଙ୍ଗୀ, ଉପସଭାପତି ଡ଼. ରମାକାନ୍ତ ମହାନ୍ତ ଡିଆରଡିଓର ଅବସରପ୍ରାପ୍ତ ବୈଜ୍ଞାନିକ ପ୍ରାକୃତିକ ଚିକିତ୍ସକ ପୂର୍ଣ୍ଣ ଚନ୍ଦ୍ରପତିଙ୍କୁ ଯୋଗ ଓ ପ୍ରାକୃତିକ ଚିକିତ୍ସା କ୍ଷେତ୍ରରେ ତାଙ୍କର ଅସାଧାରଣ ଅବଦାନ ପାଇଁ ପ୍ରଶସ୍ତି ପତ୍ର ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଉପସ୍ଥିତ ଗଣମାନ୍ୟ ବ୍ୟକ୍ତିବର୍ଗ ତାଙ୍କର ଦୀର୍ଘକାଳୀନ ସେବାଭାବ, ନିଷ୍ଠା ଓ ସମାଜ ପ୍ରତି ସମର୍ପଣକୁ ଉଚ୍ଚ ପ୍ରଶଂସା କରିଥିଲେ। ତାଙ୍କ ଉଦବୋଧନରେ ସଭାପତି ସୁଭାଷ ଚନ୍ଦ୍ର ଷଡ଼ଙ୍ଗୀ କହିଥିଲେ ଯେ ପ୍ରାକୃତିକ ଚିକିତ୍ସା ମାନବ ଜୀବନକୁ ସୁସ୍ଥ, ସମତୁଳିତ ଓ ରୋଗମୁକ୍ତ କରିବାର ସର୍ବାଧିକ ସରଳ ଓ ପ୍ରଭାବଶାଳୀ ଉପାୟ। ସେ ଗତ ୨୫ ବର୍ଷ ଧରି ଓଡ଼ିଶା, ପଶ୍ଚିମବଙ୍ଗ, ବିହାର ଓ ଝାରଖଣ୍ଡ ସହିତ ପୂର୍ବ ଭାରତର ବିଭିନ୍ନ ରାଜ୍ୟରେ ପ୍ରାକୃତିକ ଚିକିତ୍ସାର ପ୍ରଚାରପ୍ରସାରରେ ସକ୍ରିୟ ଭାବେ ନିୟୋଜିତ ଥିବା ଉଲ୍ଲେଖ କରିଥିଲେ। ଡ଼. ରମାକାନ୍ତ ମହାନ୍ତ ଅନେକ ସଚେତନତା ଶିବିର ଆୟୋଜନ କରି ଲୋକମାନଙ୍କୁ ପ୍ରାକୃତିକ ଜୀବନଶୈଳୀ ଅଙ୍ଗୀକାର କରିବା ପାଇଁ ପ୍ରେରିତ କରୁଛନ୍ତି ବୋଲି କହିଥିଲେ। ତାଙ୍କ ମତାନୁସାରେ ଯୋଗ, ଧ୍ୟାନ ଓ ପ୍ରକୃତିଆଧାରିତ ଚିକିତ୍ସା ପଦ୍ଧତି ଶରୀର, ମନ ଓ ଆତ୍ମାକୁ ସନ୍ତୁଳିତ ରଖିବାରେ ଅତ୍ୟନ୍ତ ସହାୟକ ବୋଲି କହିଥିଲେ।

## ବାଣିଜ୍ୟ

## ମହଙ୍ଗା ହେଲା ଟ୍ରେନ ଯାତ୍ରା

**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**



ଶୁକ୍ରବାର ଠାରୁ ଟ୍ରେନ ଯାତ୍ରା ମହଙ୍ଗା ହୋଇଯାଇଛି। ରେଳ ମନ୍ତ୍ରଣାଳୟ ଭଡା ବୃଦ୍ଧି ଘୋଷଣା କରିଛି, ଯାହା ଶୁକ୍ରବାର ଠାରୁ ଲାଗୁ ହୋଇଛି। ଗୁରୁବାର ଦିନ, ମନ୍ତ୍ରଣାଳୟ ଏକ ବିଜ୍ଞପ୍ତି ଜାରି କରି ୨୧୫ କିଲୋମିଟରରୁ ଅଧିକ ଯାତ୍ରା ପାଇଁ ସାଧାରଣ ଶ୍ରେଣୀ ଟିକେଟର ମୂଲ୍ୟ ପ୍ରତି କିଲୋମିଟରରେ ଏକ ପଇସା ଏବଂ ସମସ୍ତ ଟ୍ରେନ ପାଇଁ ମେଲ/ଏକ୍ସପ୍ରେସ ଟ୍ରେନ ଏବଂ ଏୟାରକଣ୍ଡିସନଡ୍ (ଏସି) ଶ୍ରେଣୀର ଅଣ-ଏସି ଟିକେଟର ମୂଲ୍ୟ ପ୍ରତି କିଲୋମିଟରରେ ଦୁଇ ପଇସା ବୃଦ୍ଧି କରିଛି।

ଡିସେମ୍ବର ୨୧ ତାରିଖରେ, ମନ୍ତ୍ରଣାଳୟ ଘୋଷଣା କରିଥିଲା ଯେ ଡିସେମ୍ବର ୨୬ ଠାରୁ ଯାତ୍ରୀ ଭଡା ବୃଦ୍ଧି କରାଯିବ। ବର୍ଷ ମଧ୍ୟରେ ଏହା ଦ୍ୱିତୀୟ ଥର ଯେବେ ମନ୍ତ୍ରଣାଳୟ ଯାତ୍ରୀବାହୀ ଟ୍ରେନ ଭଡା ସଂଶୋଧନ କରିଛି। ପୂର୍ବ ଭଡା ଜୁଲାଇରେ ବୃଦ୍ଧି କରାଯାଇଥିଲା।

ନିଜର ନିଷ୍ପତ୍ତିକୁ ଯଥାର୍ଥ ଦର୍ଶାଇ ମନ୍ତ୍ରଣାଳୟ କହିଛି ଯେ ଭଡାକୁ ସୁଲଭ କରିବାର ଉଦ୍ଦେଶ୍ୟ ହେଉଛି ଯାତ୍ରୀମାନଙ୍କ ପାଇଁ ଟିକେଟ ସ୍ଥାୟୀତ୍ୱ ଏବଂ ପରିଚାଳନାଗତ ସ୍ଥାୟୀତ୍ୱ ମଧ୍ୟରେ ସନ୍ତୁଳନ ରକ୍ଷା କରିବା। ମନ୍ତ୍ରଣାଳୟ ଏକ ବିବୃତିରେ କହିଛି ଯେ ସଂଶୋଧିତ ଭଡା ଗଠନ ଅନୁଯାୟୀ, ଉପନଗରୀୟ ସେବା ଏବଂ ସିଜନ୍ ଟିକେଟ୍ ପାଇଁ ଭଡାରେ କୌଣସି ପରିବର୍ତ୍ତନ କରାଯାଇ ନାହିଁ।

ଏଥିରେ ଉପନଗରୀୟ ଏବଂ ଅଣ-ଉପନଗରୀୟ ରୁଟ୍ ଉଭୟ ଅନ୍ତର୍ଭୁକ୍ତ। ସାଧାରଣ ନନ୍-ଏସି (ଅଣ-ଉପନଗରୀୟ) ସେବା ପାଇଁ, ଦ୍ୱିତୀୟ ଶ୍ରେଣୀ ସାଧାରଣ, ସ୍ଲିପର୍ ଶ୍ରେଣୀ ସାଧାରଣ ଏବଂ ପ୍ରଥମ ଶ୍ରେଣୀ ସାଧାରଣରେ ଭଡାକୁ ଗ୍ରେଡେଡ୍ ଉପାୟରେ ଯୁକ୍ତିଯୁକ୍ତ କରାଯାଇଛି।

ସମାନ ଶ୍ରେଣୀଭିତ୍ତିକ ଭଡ଼ା ବୃଦ୍ଧି ରାଜଧାନୀ, ଶତାବ୍ଦୀ, ଦୁରନ୍ତୋ, ବନ୍ଦେ ଭାରତ, ତେଜସ, ହମସଫର, ଅମୃତ ଭାରତ, ଗରିବ ରଥ, ଜନ ଶତାବ୍ଦୀ, ଅନ୍ତ୍ୟୋଦୟ, ଗତିମାନ, ଯୁବ ଏକ୍ସପ୍ରେସ୍, ନମୋ ଭାରତ ରାପିଡ୍ ରେଳ ସମେତ ଅନ୍ୟାନ୍ୟ ସ୍ୱତନ୍ତ୍ର ଟ୍ରେନ୍ ପାଇଁ ପ୍ରଯୁଜ୍ୟ ହେବ। ସଂରକ୍ଷଣ ଶୁଳ୍କ, ସୁପରଫାଷ୍ଟ ଶୁଳ୍କ ଇତ୍ୟାଦିରେ କୌଣସି ପରିବର୍ତ୍ତନ କରାଯାଇ ନାହିଁ। ଜିଏସଟି ଅପରିବର୍ତ୍ତିତ ରହିବ।

ଏଥିରେ କୁହାଯାଇଛି, ସଂଶୋଧିତ ଭଡ଼ା କେବଳ ଶୁକ୍ରବାର (ଡିସେମ୍ବର ୨୬) କିମ୍ବା ତା'ପରେ ବୁକ୍ ହୋଇଥିବା ଟିକେଟ୍ ପାଇଁ ପ୍ରଯୁଜ୍ୟ ହେବ। ଏହି ତାରିଖ ପୂର୍ବରୁ ବୁକ୍ ହୋଇଥିବା ଟିକେଟ୍ ପାଇଁ କୌଣସି ଅତିରିକ୍ତ ଶୁଳ୍କ ଲାଗିବ ନାହିଁ।

## ଖାଉଟି ଅଦାଲତ ସ୍ଥାପନ ଦାବି

**ଭଞ୍ଜନଗର: ଏକ୍ସପ୍ରେସ ନ୍ୟୁଜ୍**

ଜାତୀୟ ଖାଉଟି ଦିବସ ପାଳନ ଅବସରରେ ଉପଭୋକ୍ତା ଓକିଲାତି ସଂଘ ବୋର୍ଡ, ଅବସର ସୈନିକ ସଂଘ, ଗ୍ରାହକ ପଞ୍ଚାୟତ ମିଳିତ ସହଯୋଗରେ ବୁଧବାର ଭଞ୍ଜନଗର କାରଗିଲ ସହିଦ ଭବନରେ ଗ୍ରାହକ ଦିବସ ପାଳନ ହୋଇଯାଇଛି। ଭଞ୍ଜନଗର ଉପଖଣ୍ଡ ଅତିରିକ୍ତ ଯୋଗାଣ ଅଧିକାରୀ ଶୁଭରାଜ ସାମନ୍ତରା ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏହି ଅବସରରେ ସେ କହିଥିଲେ ଯେ ଖାଉଟି ସଚେତନ ହେଲେ ସେମାନେ ଠକେଇର ଶିକାର ହେବେ ନାହିଁ। ତେଣୁ ଗ୍ରାହକମାନେ ପ୍ରଥମେ ସଚେତନ ହେବାକୁ ପଡିବ। ନୀତି ନିୟମ ଜାଣିବା ଦରକାର ବୋଲି କହିଥିଲେ।

ସମ୍ମାନୀୟ ଅତିଥି ଭାବେ ଉପଖଣ୍ଡ ସୂଚନା ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ନାୟକ ଯୋଗଦେଇ ଡିଜିଟାଲ ଭାରତ ଯୋଜନାରେ ଇ-ସେବା ମାଧ୍ୟମରେ ଗ୍ରାହକମାନେ ଟଙ୍କା କାରବାର କରିବା ଉପରେ ଗୁରୁତ୍ୱ ଦେଇଥିଲେ। ବ୍ୟାଙ୍କ, ବୀମା, ବିଦ୍ୟୁତ, ମୋବାଇଲ, ଇଣ୍ଟରନେଟ୍, ଶିକ୍ଷା, ସ୍ୱାସ୍ଥ୍ୟ, ଡାକ, ଷ୍ଟକ ବଜାର, ରେଳ ଓ ବିମାନ, ପରିବହନ ସେବାରେ ଯାତ୍ରୀମାନେ ଅନେକ ସମୟରେ ଠକେଇର ଶିକାର ହେଉଛନ୍ତି। ଭଞ୍ଜନଗର ପେଟ୍ରୋଲ ପମ୍ପରେ ଫ୍ରି ଏୟାର ସେବା ମିଳୁନାହିଁ। ପରିସ୍ରାଗାର, ଲେଟିନ ସଫା ରହୁନାହିଁ। ଏଥିପ୍ରତି ପେଟ୍ରୋଲ ପମ୍ପ ମାଲିକ୍ମାନେ ଦୃଷ୍ଟି ଦେଉନାହାନ୍ତି। ସହରରେ ଥିବା ହୋଟେଲ ଗୁଡିକରେ ନିମ୍ନମାନର ଖାଦ୍ୟ ବିକ୍ରି ହେଉଛି। ବିଭିନ୍ନ ହୋଲସେଲ ଦୋକାନରେ ମଧ୍ୟ ନିମ୍ନମାନର ଜିନିଷ ବିକ୍ରି ହେଉଛି। ଔଷଧ ଦୋକାନରେ ମଧ୍ୟ ଏହି ସମସ୍ୟା।

ସହରର ଅଧିକାଂଶ ସ୍ଥାନରେ ନକଲି ଜିନିଷ ବିକ୍ରି ହେଉଛି। ଖାଦ୍ୟ ଇନ୍ସପେକ୍ଟର ନିଜ ଦାୟିତ୍ୱ ସୁଚାରୁପେ ତୁଲାଉ ନାହାନ୍ତି। ଫଳରେ ନକଲି ଜିନିଷରେ ଅସଲି ଗ୍ରାହକ ଠକେଇ ଶିକାର ହେଉଛନ୍ତି। ତେଣୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାପାଇଁ ବୈଠକରେ କିଛି ବକ୍ତା ଦାବି କରିଥିଲେ। ବୋର୍ଡ ସମ୍ପାଦକ ପ୍ରକାଶ ସାହୁ ତାଲିମ ଦେଇ ଗ୍ରାହକମାନଙ୍କୁ ମିଳୁଥିବା ସୁବିଧା ଏବଂ ଅନ୍ୟାନ୍ୟ ବିଷୟରେ ସଚେତନ କରାଇଥିଲେ। ଭଞ୍ଜନଗରରେ ଖାଉଟି ଅଦାଲତ ସ୍ଥାପନ ପାଇଁ ଅଧିକାଂଶ ବକ୍ତା ଦାବି କରିଥିଲେ। ସ୍ମାର୍ଟ ମିଟରକୁ ମଧ୍ୟ ବିରୋଧ କରାଯାଇଥିଲା। ଗ୍ରାହକ ପଞ୍ଚାୟତ ସଭାପତି ତ୍ରିନାଥ ଗୌଡ ଧନ୍ୟବାଦ ଅର୍ପଣ କରିଥିଲେ।

## ବୋମା ଫୁଟି ନାବାଳିକା ଗୁରୁତର

**ଅନୁଗୁଳ: ଏକ୍ସପ୍ରେସ ନ୍ୟୁଜ୍**

ଅନୁଗୁଳ ଜିଲ୍ଲା ଛେଣ୍ଡିପଦା ବନାଞ୍ଚଳ ଗୋହିରାପଶି ଠାରେ ଜନ୍ତୁ ଶିକାର ପାଇଁ ବସା ଯାଇଥିବା ବୋମା ଫୁଟି ଜଣେ ନାବାଳିକା ଗୁରୁତର ହୋଇଛନ୍ତି। ଗୁରୁତର ନାବାଳିକା ହେଲେ ବାହାଲସାହି ଗାଁର ମାନସୀ ବେହେରା। ମାନସୀ ସାଙ୍ଗମାନଙ୍କ ସହିତ ଗୋହିରାପଶି ଗାଁ ନିକଟସ୍ଥ ଜଙ୍ଗଲକୁ ଭୋଜି କରିବା ପାଇଁ ଯାଇଥିଲେ। ସେଠାରେ ଜାଳକାଠ ଯୋଗାଡ଼ କରୁଥିବା ବେଳେ ଜନ୍ତୁ ଶିକାର ପାଇଁ ବସା ଯାଇଥିବା ବୋମାରେ ହାତ ବାଜି ଫୁଟି ଯାଇଥିଲା। ଫଳରେ ସେ ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଭର୍ତ୍ତି କରାଯାଇଥିବା ସୂଚନା ମିଳିଛି।



## ସିନେମାଫିନେମା ଟିଭିଫିବି

## ସ୍ୱାମୀଙ୍କ ପ୍ରେମ ସମ୍ପର୍କକୁ ନେଇ ମୁହଁ ଖୋଲିଲେ ସୁନିତା

ଅଭିନେତା ଗୋବିନ୍ଦା ଏବଂ ସୁନୀତା ଆହୁଜା ସମ୍ପର୍କ ପ୍ରାୟତଃ ଚର୍ଚ୍ଚାରେ ରହିଥାଏ। ଚଳିତ ବର୍ଷ ଆରମ୍ଭରେ ସେମାନଙ୍କ ଛାଡପତ୍ରର ଗୁଜବ ସୃଷ୍ଟି ହୋଇଥିଲା। ସୁନୀତା ପରେ ଛାଡପତ୍ର ରିପୋର୍ଟକୁ କେବଳ ଗୁଜବ ବୋଲି ଖାରଜ କରିଥିଲେ। ଏବେ ଗୋବିନ୍ଦା ଏବଂ ସୁନୀତାଙ୍କ ସମ୍ପର୍କ ପୁଣି ଥରେ ନଜରକୁ ଆସିଛି। ଏକ ସାକ୍ଷାତକାରରେ, ସୁନୀତା। ଗୋବିନ୍ଦାଙ୍କ ସହ ତାଙ୍କ ସମ୍ପର୍କ ବିଷୟରେ କହିଥିଲେ। ସେ ଗୋବିନ୍ଦାଙ୍କ ସମ୍ପର୍କର ଗୁଜବ ଉପରେ ତାଙ୍କର ନୀରବତା ଭାଙ୍ଗି ଏକ ଗୁରୁତ୍ୱପୂର୍ଣ୍ଣ ଖୁଲାସା କରିଛନ୍ତି।

ସୁନୀତା ଗୋବିନ୍ଦାଙ୍କ ସମ୍ପର୍କ ବିଷୟରେ ଏକ ଆଶ୍ଚର୍ଯ୍ୟଜନକ ଖୁଲାସା କହିଛନ୍ତି, ଯାହା ତାଙ୍କ ପ୍ରଶଂସକମାନଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ତାଙ୍କ ସାକ୍ଷାତକାରରେ ସୁନୀତା କହିଛନ୍ତି, ମୁଁ ୨୦୨୫କୁ ମୋ ପାଇଁ ବହୁତ ଖରାପ ବର୍ଷ ବୋଲି ବିବେଚନା କରେ। କାରଣ ମୁଁ ଶୁଣୁଛି ଯେ ଗୋବିନ୍ଦାଙ୍କ ଏକ ଝିଅ ସହିତ ସମ୍ପର୍କ ଅଛି। କିନ୍ତୁ ମୁଁ ଜାଣେ ଯେ ସେହି ଝିଅ ଜଣେ ଅଭିନେତ୍ରୀ ନୁହେଁ, କାରଣ ଅଭିନେତ୍ରୀମାନେ ଏପରି ଖରାପ କାମ କରନ୍ତି ନାହିଁ। ସେ ତାଙ୍କୁ ଭଲ ପାଆନ୍ତି ନାହିଁ, ସେ କେବଳ ଟଙ୍କା ପାଇଁ ଗୋବିନ୍ଦାଙ୍କ ସହିତ ଅଛନ୍ତି। ସେ କେବଳ ଟଙ୍କା ଚାହାଁନ୍ତି।

ସୁନିତା ଆହୁରି କହିଛନ୍ତି, ମୁଁ ୨୦୨୬ରେ ମୋ ଜୀବନକୁ ବଦଳାଇବାକୁ ଚାହୁଁଛି। ମୁଁ ଚାହୁଁଛି, ଗୋବିନ୍ଦା ଏହି ସମସ୍ତ ବିବାଦର ଅନ୍ତ ଘଟାନ୍ତୁ ଏବଂ ୨୦୨୬ରେ ଆମର ଏକ ସୁଖୀ ପରିବାର ହେଉ। ମୁଁ ଆଶା କରୁଛି ଯେ, ଗୋବିନ୍ଦା ଖୁବ ଶୀଘ୍ର ଅନୁଭବ କରିବେ ଯେ ତାଙ୍କ ଜୀବନରେ କେବଳ ତିନି ଜଣ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ମହିଳା ହେଉଛନ୍ତି, ତାଙ୍କ ସ୍ତ୍ରୀ, ମା' ଏବଂ ଝିଅ। କାହାରି ଜୀବନରେ ଚତୁର୍ଥ ମହିଳା ରହିବାର ଅଧିକାର ନାହିଁ। ଏହା ଗୋବିନ୍ଦା ଏବଂ ବିଶ୍ୱର ପ୍ରତ୍ୟେକ ପୁରୁଷଙ୍କ ପାଇଁ ପ୍ରଯୁଜ୍ୟ। ମୁଁ ଚାହେଁ ଚିଚି ତାଙ୍କର ସମସ୍ତ ଚାଟୁକାରଙ୍କୁ ପଛରେ ପକାଇ ତାଙ୍କ କାମରେ ଧ୍ୟାନ ଦିଅନ୍ତୁ।

ଏହା ଉଲ୍ଲେଖନୀୟ ଯେ, ଏହି ବର୍ଷ ଗୋବିନ୍ଦା ଏବଂ ସୁନିତାଙ୍କ ସମ୍ପର୍କ ବହୁତ ଅଶାନ୍ତ ରହିଛି। ଏହି ବର୍ଷ ସେମାନଙ୍କ ଛାଡପତ୍ରର ଖବର ମଧ୍ୟ ସାମ୍ନାକୁ ଆସିଥିଲା। ସୁନିତା କିନ୍ତୁ ଛାଡପତ୍ର ରିପୋର୍ଟକୁ କେବଳ ଗୁଜବ ବୋଲି କହିଛନ୍ତି। କେହି ତାଙ୍କୁ ଗୋବିନ୍ଦାଙ୍କଠାରୁ ଅଲଗା କରିପାରିବେ ନାହିଁ। ଗୋବିନ୍ଦା ଏବଂ ସୁନିତା ଆହୁଜା ୧୯୮୭ରେ ବିବାହ କରିଥିଲେ ଏବଂ ସେମାନଙ୍କର ଗୋଟିଏ ପୁଅ ଏବଂ ଗୋଟିଏ ଝିଅ ଅଛି।

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ
ଭୁବନେଶ୍ୱର । ୨୭ ଡିସେମ୍ବର ୨୦୨୫ । ଶନିବାର

# ବସୁଧା ପ୍ରକଳ୍ପ ୬ ମାସ ହେଲା ଅଚଳ!



**୨୬।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ସରକାରଙ୍କ 'ବସୁଧା' ଯୋଜନାରେ ଘରକୁ ଘର ପାନୀୟ ଜଳ ଯୋଗାଇ ଦେବା ପ୍ରତିଶ୍ରୁତି ଏବେ କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକରେ ପ୍ରହସନ ପାଲଟିଛି । ବାଗଡିଆଣି ଗ୍ରାମପଞ୍ଚାୟତ ଅଧୀନସ୍ଥ କୁମ୍ଭାରକାନି ଗ୍ରାମରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଜଳ ଯୋଗାଣ ପ୍ରକଳ୍ପ ଦୀର୍ଘ ୬ ମାସ ହେବ ଅଚଳ ଅବସ୍ଥାରେ ପଡ଼ି ରହିଛି । ଗ୍ରାମବାସୀଙ୍କୁ ଶୁଦ୍ଧ ଜଳ ଯୋଗାଇବା ପରିବର୍ତ୍ତେ ଏହି ପ୍ରକଳ୍ପ ଏବେ କଳଙ୍କିତ ସ୍ମୃତି ଭଳି ଛିଡ଼ା ହୋଇଛି ।

କୁମ୍ଭାରକାନି ଗ୍ରାମର ଜଳକଷ୍ଟ ଦୂର କରିବା ପାଇଁ ଗ୍ରାମବାସୀମାନେ ପଞ୍ଚାୟତ ଠାରୁ ଆରମ୍ଭ କରି ବିଡ଼ିଓ ଏବଂ ବିଭାଗୀୟ ଅଧିକାରୀଙ୍କୁ ଲିଖିତ ଭାବେ ବାରମ୍ବାର ଅବଗତ କରିଛନ୍ତି । ଏନେଇ ସ୍ଥାନୀୟ ସରପଞ୍ଚ ସୂର୍ଯ୍ୟ ମାଝୀ ମଧ୍ୟ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ ହେଁ କୌଣସି ସୁଫଳ ମିଳିନାହିଁ । ପ୍ରଶାସନର ଏହି ଚରମ ଅବହେଳା ଯୋଗୁ ଲୋକେ ପାଣି ମୁନ୍ଦାଏ ପାଇଁ ଏବେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ପ୍ରକଳ୍ପର ସ୍ଥିତି ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି । ପମ୍ପ ହାଉସ ପରିସର ଅଳିଆ ଆବର୍ଜନା ଓ ମଦ ବୋତଲରେ ପରିପୂର୍ଣ୍ଣ ହୋଇ ମଦୁଆଙ୍କ ଆଡ୍ଡାସ୍ଥଳୀ ପାଲଟିଥିବା ବେଳେ ବିଦ୍ୟୁତ ପ୍ୟାନେଲ ବୋର୍ଡ ଭାଙ୍ଗି ଚୂରମାର ହୋଇଯାଇଛି । ଠିକା ସଂସ୍ଥା ନିମ୍ନମାନର କାମ କରିଥିବା ଯୋଗୁ ଅନେକ ହିତାଧିକାରୀଙ୍କ ଘରେ ଟ୍ୟାପ ଲାଗିବା ପୂର୍ବରୁ ହିଁ ନଷ୍ଟ ହୋଇସାରିଲାଣି ।

ଏ ସମ୍ପର୍କରେ ବିଭାଗୀୟ ଅଧିକାରୀ ମନ୍ମଥ ମୁର୍ମୁଙ୍କୁ ଯୋଗାଯୋଗ କରିବାରୁ ସେ ସ୍ୱୀକାର କରିଛନ୍ତି ଯେ, ପୁରୁଣା ବୋରୱେଲ୍‌ରେ ଜଳସ୍ତର ହ୍ରାସ ଯୋଗୁ ଏହି ସମସ୍ୟା ଉପୁଜିଛି । ତେବେ ଅନ୍ୟ ଏକ ସ୍ଥାନରେ ନୂତନ ବୋର୍ ଖନନ ଶେଷ ହୋଇଛି ଏବଂ ଖୁବ ଶୀଘ୍ର ଟାଙ୍କିକୁ ପାଣି ଉଠାଇ ଜଳ ଯୋଗାଣ ସ୍ୱାଭାବିକ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି । ପ୍ରଶାସନର ଏହି ପ୍ରତିଶ୍ରୁତିରେ କୁମ୍ଭାରକାନି ବାସୀ ଆଉ ସନ୍ତୁଷ୍ଟ ନାହାନ୍ତି । ତୁରନ୍ତ ସ୍ଥାୟୀ ସମାଧାନ ନହେଲେ ବାଗଡିଆଣି ପଞ୍ଚାୟତର ମହିଳା ଓ ଗ୍ରାମବାସୀ ବଡ଼ ଧରଣର ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି ।

## ଆଜିର ରାଶିଫଳ

| ତାରିଖ | ଶନିବାର–ସପ୍ତମୀ |
|---|---|
| ୨୭.୧୨.୨୦୨୫ | ନକ୍ଷତ୍ର– ପୂର୍ବଭାଦ୍ର, ମୀନଚନ୍ଦ୍ର |

**ମେଷ** : ଚକ୍ଷୁପୀଡ଼ା କଷ୍ଟଦାୟକ ହେବ ।
**ବୃଷ** : ଆର୍ଥିକ ଲାଭ ପାଇବେ ।
**ମିଥୁନ** : ବକେୟା ପଡ଼ିଥିବା ଅର୍ଥ ମିଳିବ ।
**କର୍କଟ** : ଅନୁଶୋଚନା କରିବେ ।
**ସିଂହ** : ଦୁର୍ଘଟଣା ଭୟ ରହିଛି ।
**କନ୍ୟା** : ସାଙ୍ଗସାଥୀରେ ହସଖୁସିରେ ଦିନ କଟିବ ।
**ତୁଳା** : ବନ୍ଧୁଙ୍କ ସହଯୋଗ ପାଇବେ ।
**ବିଛା** : ପିଲାଙ୍କ ଦୁଃଖରେ ଦୁଃଖୀ ହେବେ ।
**ଧନୁ** : କଳହ ଯୋଗ ରହିଛି ।
**ମକର** : ପ୍ରଶଂସିତ ହେବେ ।
**କୁମ୍ଭ** : ଧର୍ମକାର୍ଯ୍ୟେ ଯୋଗ ଦେବେ ।
**ମୀନ** : ଆର୍ଥିକ ଖୁସି ଲାଭ କରିବେ ।

## ଗାଡି ଧକ୍କାରେ ଭାଲୁ ମୃତ

**ଘଟଗାଁ : ଏକ୍ସପ୍ରେସ୍ ନ୍ୟୁଜ୍**

ଅଜଣା ଗାଡି ଧକ୍କାରେ ଭାଲୁର ମୃତ୍ୟୁ । ସୂଚନାରୁ ପ୍ରକାଶ ତା ୨୪ ତାରିଖ ବିଳମ୍ବିତ ରାତ୍ରିରେ କେନ୍ଦୁଝର ବନଖଣ୍ଡ ଘଟଗାଁ ରେଞ୍ଜ ଢେଙ୍କିକୋଟ ସେକ୍ ସନ କୋଡିଏ ନମ୍ବର ଜାତୀୟ ରାଜପଥ ବାଙ୍କପାଟୁଳି ନିକଟରେ ଅଜଣା ଗାଡି ଧକ୍କାରେ ଏକ ଅଣ୍ଡିରା ଭାଲୁର ମୃତ୍ୟୁ ଘଟିଛି । ଘଟଣା ସମ୍ପର୍କରେ ଖବର ପାଇ ଢେଙ୍କିକୋଟ ସେକ୍ସନ କର୍ମଚାରୀ, ଘଟଗାଁ ପ୍ରାଣୀ ଚିକିତ୍ସାଳୟ ଏବଂ କେନ୍ଦୁଝର ବନଖଣ୍ଡ ପ୍ରାଣୀ ଚିକିତ୍ସକ ଡକ୍ଟର ବ୍ରଜରାଜ ପହଁଚି ଭାଲୁ ମୃତ ହୋଇଯାଇଥିବା ଘୋଷଣା କରିଥିଲେ । ଏବଂ ଭାଲୁର ଆନୁମାନିକ ବୟସ ୧୨ ବର୍ଷ ବୋଲି ଡକ୍ଟର ବ୍ରଜରଙ୍କ ନିକଟରୁ ସୂଚନା ମିଳିଛି । ପରେ ମୃତ ଭାଲୁର ଶବ ବ୍ୟବଚ୍ଛେଦ କରାଇ ଏକ ଖାତ ଖୋଳି ପୋତି ଦିଆ ଯାଇଛି ।

## ଚୁଲିରୁ ନିଆଁ ଲାଗି ମହିଳା ଗୁରୁତର

**ସୋର : ଏକ୍ସପ୍ରେସ୍ ନ୍ୟୁଜ୍**

ସୋର ଥାନା ଖିରକୋଣି ଗ୍ରାମର ପ୍ରୀତି ମହାଳିକ (୧୯) ଚୁଲିରେ ରୋଷେଇ କରୁଥିବା ବେଳେ ଅସାବଧାନତା ହେତୁ ତାଙ୍କ ଶାଢିରେ ନିଆଁ ଲାଗିଯାଇଥିଲା । ଚିତ୍କାର ଶୁଣି ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡ଼ାକ୍ତରଖାନାକୁ ଆଣିଥିବା ବେଳେ ସେଠାରେ ତାଙ୍କର ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡ ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି ।

# ଅଭିନବ ଉପାୟରେ ଠକେଇ

**କଣାସ, ୨୬।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଦିନକୁ ଦିନ ସମାଜ ଆଧୁନିକ ଆଡକୁ ଆଗେଇ ଥିବା ବେଳେ ସଚେତନତା ଅଭାବରୁ ଗାଁ ଗହଳିର ମହିଳାମାନେ ସରଳବିଶ୍ୱାସୀ ହୋଇ ଠକମାନଙ୍କ ହାବୁଡରେ ବାରମ୍ବାର ଶିକାର ହେଉଛନ୍ତି । କଣାସ ବ୍ଲକ ଗଡିଶାଗୋଦା ଥାନା ପରିସରଭୁକ୍ତ ସାହୁପଡା ଗ୍ରାମପଞ୍ଚାୟତର ବାଲିପଡା ଗ୍ରାମର ସୁଲୋଚନା ବେହେରା ଏକ ଠକ ହାବୁଡରେ ପଡି ମଙ୍ଗଳସୂତ୍ର, ସୁନାଚେନ୍, ଛୋଟଝୁଆଙ୍କ ସୁନା ଲକେଟ୍ ହରାଇ ଗଡିଶାଗୋଦା ଥାନାର ଦ୍ୱାରସ୍ଥ ହୋଇଛନ୍ତି । ସୁଲୋଚନାଙ୍କ ଅଭିଯୋଗରୁ ପ୍ରକାଶ ଜଣେ ଯୁବକ ୨୨ତାରିଖ ଦିନ ମଧ୍ୟାହ୍ନ ସମୟରେ ଆସି ତାଙ୍କର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହନିର୍ମାଣ ପାଇଁ ୪ଲକ୍ଷ ୫୦ହଜାର ଟଙ୍କା ମଞ୍ଜୁର ହୋଇଥିବା ଏକ ଭାରତୀୟ ଷ୍ଟେଟବ୍ୟାଙ୍କର ବ୍ଲାଙ୍କଚେକ୍ ଦେଖାଇଥିଲେ। ଦେଖାଇବା ସହିତ ତାଙ୍କୁ ତାଙ୍କ ଆକାଉଣ୍ଟରେ ଟଙ୍କା ନଥିବାରୁ ଚେକ୍ ପାସ୍ ହୋଇପାରିବ ନି ବୋଲି କହିବା ସହିତ ଟଙ୍କା ମାଗିଥିଲେ । ମହିଳା ଜଣଙ୍କ ପାଖରେ ଟଙ୍କା ନ ଥିବା କହିବାରୁ କ'ଣ ସୁନା ଜିନିଷ ଅଛି ଦିଅ କହିଥିଲେ । ମହିଳା ମଙ୍ଗଳସୂତ୍ର ଦେବାରୁ ଏତିକି ହେବନାହିଁ ଆଉଦିଅ କହିବାରୁ ମହିଳାଜଣଙ୍କ ପିଲାଙ୍କ ସୁନା ଚେନ୍ ଓ ସୁନାଲକେଟ୍ ଦେବାପରେ ଯୁବକ ଜଣଙ୍କ ବ୍ୟାଙ୍କ ପାଖକୁ ଆସ ବୋଲି କହି ଚମ୍ପଟ୍ ମାରିଥିଲେ । ମହିଳା ଜଣଙ୍କ ବ୍ୟାଙ୍କକୁ ଯାଇ ଦେଖନ୍ତିତ ଯୁବକ ଜଣକ ନାହାନ୍ତି । ବହୁ ଖୋଜାଖୋଜି ପରେ ଯୁବକଙ୍କୁ ନ ପାଇବାରୁ ସୁଲୋଚନା ବେହେରା ଗଡିଶାଗୋଦା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ପାଇ ଗଡିଶାଗୋଦା ଥାନା ଆଇଆଇସି ସୁଧିର କୁମାର ଦାସ ଗଡିଶାଗୋଦା ଥାନା କେସ୍ ନଂ–୨୦୭/୨୫ ଏକ ଠକେଇ ମକଦମା ରୁଜୁ କରିଥିବା ବେଳେ ବିଭିନ୍ନ ଗଣମାଧ୍ୟମରେ ଜଣେ ଯୁବକ ଖଲିକୋଟ ଅଞ୍ଚଳରୁ ଠକେଇ କରିଥିବା ଅଭିଯୋଗରେ ଖଲିକୋଟ ପୋଲିସ୍ ଉକ୍ତ ଯୁବକକୁ ଧରିଥିଲେ । ସୁଲୋଚନା ଗଣମାଧ୍ୟମରୁ ଜାଣିବା ପରେ ଗଡିଶାଗୋଦା ଥାନା ଅଧିକାରୀଙ୍କୁ ଜଣାଇବାରୁ ଗଡିଶାଗୋଦା ଥାନା ଅଧିକାରୀ ଉକ୍ତ ଯୁବକର ଫୋଟ ଖଲିକୋଟ ଥାନାରୁ ମଗାଇବାରୁ ସୁଲୋଚନା ଉକ୍ତ ଯୁବକକୁ ଚିହ୍ନଟ କରିଥିଲେ। ଖଲିକୋଟ ଥାନା ଅଧିକାରୀ ଉକ୍ତ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଥିବାରୁ ଗଡିଶାଗୋଦା ଥାନା ଅଧିକାରୀ ଉକ୍ତ ଯୁବକୁ କୋର୍ଟରୁ ରିମାଇଣ୍ଡରରେ ଆଣି ତଦନ୍ତ କରିବେ ବୋଲି କହିଛନ୍ତି ।

# ଡିସଚାର୍ଜ ପୂର୍ବରୁ ପ୍ରସୂତିଙ୍କୁ ମିଳିଲା ଶିଶୁର ଜନ୍ମ ପ୍ରମାଣପତ୍ର

**ରାମନାଗୁଡ଼ା, ୨୬।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**



ଏଣିକି ପିଲା ଜନ୍ମ ହେବା ମାତ୍ରେ ଅଭିଭାବକଙ୍କୁ ନବଜାତକ ଶିଶୁର ଜନ୍ମ ପ୍ରମାଣପତ୍ର ମିଳିବ । ରାୟଗଡ଼ା ଜିଲ୍ଲା ରାମନାଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏହି ପଦକ୍ଷେପ ଆରମ୍ଭ ହୋଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଭି ସରୋଜିନୀ ଦେବୀଙ୍କ ନିର୍ଦ୍ଦେଶରେ ଏଭଳି ପଦକ୍ଷେପ ଗ୍ରହଣ କରାଯାଉଛି । ଯାହାଫଳରେ ଅଭିଭାବକଙ୍କୁ ନବଜାତ ଶିଶୁର ଜନ୍ମିତ ପ୍ରମାଣପତ୍ର ପାଇଁ ଆଉ ଅସୁବିଧା ରହିବ ନାହିଁ । ରାମନାଗୁଡା ମେଡିକାଲ୍ ଇନଚାର୍ଜ ଡାକ୍ତର ଅଭିଷେକ ପଟ୍ଟନାୟକ ଏହି ସୂଚନା ଦେଇଛନ୍ତି ।

ପ୍ରଥମ ପ୍ରସୂତି ଭାବେ ନିଳାମଗୁଡା ପଞ୍ଚାୟତ ଆରମୋଡା ଗାଁର ନନ୍ଦିନୀ ବିଡିକାଙ୍କ ପୁତ୍ର ସନ୍ତାନଙ୍କୁ ଜନ୍ମ ପ୍ରମାଣପତ୍ର ପ୍ରଦାନ କରାଯାଇଛି । ପ୍ରଥମ କରି ରାୟଗଡ଼ା ଜିଲ୍ଲା ରାମନାଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବାରୁ ସାଧାରଣ ଲୋକେ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି । ପୂର୍ବରୁ ସାଧାରଣ ଲୋକେ ଗୋଟିଏ ଶିଶୁ ଜନ୍ମ ହେବାପରେ ମାସ ମାସ ଧରି ନିଜର ଜନ୍ମ ପ୍ରମାଣପତ୍ର ପାଇବା ପାଇଁ ତହସିଲ କାର୍ଯ୍ୟାଳୟ, ଶିଶୁ ବିକାଶ କାର୍ଯ୍ୟାଳୟକୁ ଦୌଡି ଦୌଡି ନିରାଶ ହେଉଥିଲେ । ରାମନାଗୁଡା ବ୍ଲକର ୧୨ଗୋଟି ପଞ୍ଚାୟତରେ ଅଧିକାଂଶ ଆଦିବାସୀ ସମ୍ପ୍ରଦାୟର ଲୋକେ ବସବାସ କରନ୍ତି । ଜିଲ୍ଲାରେ ଏଭଳି ପଦକ୍ଷେପ ଦ୍ୱାରା ଆଉ ଜନ୍ମପ୍ରମାଣପତ୍ର ପାଇଁ ଅଭିଭାବକଙ୍କୁ ହସ୍ପିଟାଲ ଦୌଡିବାକୁ ପଡ଼ିବ ନାହିଁ ।

ତ୍ୱରିତ ପ୍ରମାଣପତ୍ର ପାଇଥିବା ଅଭିଭାବକମାନେ ଜିଲ୍ଲା ଚିକିତ୍ସାଧିକାରୀ ତଥା ମେଡିକାଲ ଇନଚାର୍ଜଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଏହି ସମୟରେ ଭାରାପ୍ରାପ୍ତ ରାମନାଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସା ଅଧିକାରୀ ଅଭିଷେକ ପଟ୍ଟନାୟକ, ଜନ୍ମ ମୃତ୍ୟୁ ପ୍ରମାଣପତ୍ର ସହାୟକ ଜଗଦୀଶ ପଣ୍ଡା,ଏ ଏନ୍ ଏମ୍ ଭାରତୀ ରାଉତ, ଉଷାରାଣୀ ବରାଳ, ନର୍ସିଂ ଅଫିସର ସରସ୍ୱତୀ ଦେବୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଦଶପଲ୍ଲାରେ ଗ୍ରାଫାଇଟ ଖଣିର ସନ୍ଧାନ

**ଦଶପଲ୍ଲା, ୨୬।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଦଶପଲ୍ଲା ବ୍ଲକ ତୁମାଣ୍ଡି ଗ୍ରାମପଞ୍ଚାୟତ ସଦର ଅଞ୍ଚଳ ତୁମାଣ୍ଡି ଗ୍ରାମ ନିକଟରେ ୩କିଲୋମିଟର ପରିଧି ଅଞ୍ଚଳ ମଧ୍ୟରେ ସୀସା ଖଣି ଥିବାର ସାଟେ ଲାଇଟ ଅନୁସନ୍ଧାନ ରୁ ଜଣା ପଡିବା ପରେ ପ୍ରାୟ ୩ ବର୍ଷରୁ ଉର୍ଦ୍ଧ୍ୱ ହେବ ତୁମାଣ୍ଡି ଗ୍ରାମ ଚତୁର୍ପାଶ୍ୱରେ ସର୍ଭେ ଚାଲିଚି । ଭାରତ ସରକାରଙ୍କ ଜିଓଲୋଜିକାଲ ସର୍ଭେ ଅଫ ଇଣ୍ଡିଆର କାର୍ଯ୍ୟକର୍ତ୍ତାଙ୍କ ଦ୍ୱାରା ଏହି କାର୍ଯ୍ୟ ଚାଲୁ ରହିଛି । ଏହି ଭଳି ଭାବରେ ପ୍ରାୟ ୪/୫ ଟି ସ୍ଥାନରେ ମାଟି ତଳର ପଥର ନମୁନା ସଂଗ୍ରହ କରି ପରୀକ୍ଷା କରାଯାଉଛି । ଏବେ ଗୋଟିଏ ସ୍ଥାନରେ ପ୍ରାୟ ୨ ଶହ ଫୁଟ ପର୍ଯ୍ୟନ୍ତ



ଖୋଳାଯାଇ ଦେଖା ଗଲାଣ । କିନ୍ତୁ ସର୍ଭେ ଅନୁଯାୟୀ ଏହି ଅଞ୍ଚଳରେ ମାଟି ତଳେ ସୀସା ଅଛି ବୋଲି କହିଛନ୍ତି କହିଛନ୍ତି ଜନୈକ ମେସିନ ମ୍ୟାନ ଦୀପ୍ତି ରଞ୍ଜନ କାଶ୍ୟପ । ଏହା ମଧ୍ୟ ବିଶ୍ୱାସ ଯୋଗ୍ୟ ଯେ ୧୯୯୫ ମସିହାରେ ଏହାର ନିକଟବର୍ତ୍ତି ଅଞ୍ଚଳ ସରିଗଣ୍ଡା ପାଖରେ ଗୋଟିଏ ସୀସାର କଞ୍ଚାମାଲ ଉତ୍ତୋଳନ ଫ୍ୟାକ୍ଟରୀ କିଛିଦିନ ଚାଲିଥିଲା । ଯାହାକୁ ଜଣେ ପ୍ରାଇଭେଟ ଲୋକ ଚଳାଉଥିଲେ. ପରେ କେତେକ କାରଣରୁ ତାହା ବନ୍ଦ ହୋଇଗଲା । ଏବେ ଯଦି ଆମ ଗାଁରୁ ସୀସା ଖଣି ବାହାରେ ଆମେ ବହୁ ଭାବରେ ଉପକୃତ ହେବୁ ବୋଲି କହିଛନ୍ତି ଗ୍ରାମରଯୁବକ ସୁଶାନ୍ତ କୁମାର ସାହୁ ।

## ଶାଶୁ–ଶଶୁରଙ୍କ ଆଗରେ ସ୍ତ୍ରୀଙ୍କୁ ହତ୍ୟା

**ବଲାଙ୍ଗିର : ଏକ୍ସପ୍ରେସ୍ ନ୍ୟୁଜ୍**

ରାତିରେ ଖାଇ ସାରିବା ପରେ ସ୍ୱାମୀ–ସ୍ତ୍ରୀ ଶୋଇଥିଲେ । ଘରେ ଶାଶୂ ଓ ଶଶୁର ବି ସାଙ୍ଗରେ ଥିଲେ । ତେବେ କୌଣସି କଥାକୁ ନେଇ ରାତିରେ ସ୍ୱାମୀ–ସ୍ତ୍ରୀଙ୍କ ମଧ୍ୟରେ ତୀବ୍ର ଝଗଡ଼ା ହୋଇଥିଲା । ଶାଶୂ ଓ ଶଶୁରଙ୍କୁ କବାଟ ଦେଇ ସ୍ତ୍ରୀଙ୍କୁ ଟାଙ୍ଗିଆରେ ହତ୍ୟା କଲେ । ଏଭଳି ବୀଭତ୍ସ ହତ୍ୟାକାଣ୍ଡ ବଲାଙ୍ଗିର ଜିଲା ଦେଓଗାଁ ଥାନା ଗାଇବାହାଲ ପଞ୍ଚାୟତ ଜୁର୍ଲାକାନି ଗାଁରେ ଘଟିଛି । ଜୁର୍ଲାକାନି ଗାଁର ମାଧବ ମଲ୍ଲିକ ସ୍ତ୍ରୀ ତପଙ୍କୁ ବୁଧବାର ରାତିରେ ଟାଙ୍ଗିଆରେ ହାଣି ହତ୍ୟା କରିଛନ୍ତି । ଦେଓଗାଁ ପୁଲିସ ଅଭିଯୁକ୍ତ ମାଧବଙ୍କୁ ଗିରଫ କରିଛି ।

## ବାର୍‌ହା ନଷ୍ଟ କଲେ ଧାନ ଫସଲ

**ମାହାଙ୍ଗା, ୨୬।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ବର୍ତ୍ତମାନ ଧାନ ଅମଳ କରିବା ସମୟ ହୋଇଥିବାବେଳେ ବହୁ ଚାଷୀଙ୍କ ଧାନ ବିଲରେ ରହିଛି । କିନ୍ତୁ ବାର୍‌ହାମାନେ ଏହି ଧାନ ଫସଲକୁ କାଟି ନଷ୍ଟ କରି ଉଜାଡି ଦେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ଏହଭଳି ଘଟଣା ଦେଖିବାକୁ ମିଳିଛି ଡାଳିଯୋଡା ବନ ବିଭାଗ ରେଞ୍ଜ ଅଧିନ ବୈରୀ ସେକ୍ସନ ଅନ୍ତର୍ଗତ ମାହାଙ୍ଗା ବ୍ଲକ ମୂଳବସନ୍ତ ପଞ୍ଚାୟତର ହଂସଦିଆ, କୁହୁଣ୍ଡା, କୋଳିଅଠା, ମୂଳବସନ୍ତ ପାଟରେ ଏକର ଏକର ଧାନ ଫସଲକୁ ୩ଟି ବାର୍‌ହା ନଷ୍ଟ କରି ଦେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ଏ ନେଇ ଚାଷୀମାନେ ବନବିଭାଗକୁ ଖବର ଦେଇଥିଲେ । ଖବର ପାଇ ରେଞ୍ଜର ସଚ୍ଚିଦାନନ୍ଦ ସୁବୁଦ୍ଧିଙ୍କ ନିର୍ଦ୍ଦେଶକ୍ରମେ ବୈରୀ ସେକ୍ସନର, ଫରେଷ୍ଟର ଜୀବନ ବେହେରା, ଅତିରିକ୍ତ ଫରେଷ୍ଟ ଗାର୍ଡ ରଶ୍ମିରଞ୍ଜନ ପଣ୍ଡା ସ୍ୱାର୍ଡ ସୁନୀଲ କୁମାର ମହାନ୍ତି ଆଦି ୩ ଜଣିଆ ଟିମ ହଂସଦିଆ ପାଟରେ ପହଂଚି ଫସଲ କ୍ଷୟକ୍ଷତି ଅନୁଧ୍ୟାନ କରିବା ସହ ବାରାହକୁ ଧରିବା ନିମନ୍ତେ ବଣବୁଦା ଆଦିରେ ଖୋଜିଥିଲେ । ତେଣୁ ଏହି ବାରାହଗୁଡିକୁ କାବୁ ଧରିବା ନିମନ୍ତେ ଚାଷୀ ରମେଶ କୁମାର କର, ପ୍ରଦୀପ୍ତ କୁମାର ପଣ୍ଡା, ସଞ୍ଜୟ ପଣ୍ଡା, ଅବିନାଶ ପଣ୍ଡା, ଜ୍ଞାନରଞ୍ଜନ ପଣ୍ଡା, ସୁଦାମ ପଣ୍ଡାଙ୍କ ସମେତ ବହୁ ଚାଷୀ ଦାବି କରିଛନ୍ତି ।

## ପିକଅପ୍ ଭ୍ୟାନ ଜବତ, ୨ ଗିରଫ

**ବୁଗୁଡ଼ା : ଏକ୍ସପ୍ରେସ୍ ନ୍ୟୁଜ୍**

ବୁଗୁଡ଼ା ଥାନା ଅନ୍ତର୍ଗତ ବିରଞ୍ଚିପୁର ଗାଁଠାରେ ରାତ୍ରିକାଳୀନ ଗାଡି ଯାଞ୍ଚ ସମୟରେ ଚୋରି ସାମଗ୍ରୀ ସହ ଏକ ପିକଅପ୍ ଭ୍ୟାନକୁ ଜବତ କରିବା ସହ ଏଥିରେ ସମ୍ପୃକ୍ତ ୨ ଜଣକୁ ପୋଲିସ ଗିରଫ କରିଥିବା ଜଣାଯାଇଛି । ଗିରଫ ୨ ଜଣ ହେଲେ ନୟାଗଡ ଜିଲ୍ଲା ଇଟାମାଟି ଅଞ୍ଚଳ ଅନ୍ତର୍ଗତ ଜଗତପାଟଣାର ମୁନା ମଛନ ଓ କୃଷ୍ଣପ୍ରସାଦର ଚନ୍ଦ୍ରମଣି ଦଳବେହେରା । ଏ ନେଇ କେସ୍ ନଂ ୮୦୯/୨୫ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ ପାଇଛି । ପ୍ରକାଶ ଯେ, ଗୁରୁବାର ରାତିରେ ଗାଡି ଚାଳକ ମୁନା ଓ ଚନ୍ଦ୍ରମଣି ଏକ ପିକଅପ୍ ଭ୍ୟାନ (ନଂ– ଓଆର–୦୨ ଏଏସ୍ ୦୮୭୪)ରେ ୮ମିମି ଲୁହାଖାଡି ୪୮ଟି, ୧୨ମିମି ଲୁହାଖାଡି ୧୪ଟି ଏବଂ ସ୍କ୍ରାପ ୨୦ କେଜି ଆଦି ଚୋରି ସାମଗ୍ରୀ ବୋଝେଇ କରି ବ୍ରହ୍ମପୁରରୁ ଇଟାମାଟି ଅଞ୍ଚଳକୁ ନେଉଥିଲେ । ତେବେ ଏସ୍‌ଆଇ ଜ୍ୟୋତିଶ୍ରୀ ସାହୁଙ୍କ ନେତୃତ୍ୱରେ ବିରଞ୍ଚିପୁରଠାରେ ରାତ୍ରୀକାଳୀନ ଗାଡି ଯାଞ୍ଚ ଚାଲିଥିବା ବେଳେ ପିକଅପ୍ ଭ୍ୟାନଟି ପୋଲିସ୍ ହାବୁଡରେ ପଡିଥିଲା । ପୋଲିସ ଗାଡିକୁ ଯାଞ୍ଚ କରି ଚୋରି ସାମଗ୍ରୀ ସହ ଗାଡିକୁ ଜବତ କରି ଉଭୟ ମୁନା ଓ ଚନ୍ଦ୍ରମଣିକୁ ଗିରଫ କରିଥିଲା ।

## ଝିଅାରୀକୁ ଦୁଷ୍କର୍ମ ଉଦ୍ୟମ, ପିଉସା ଫେରାର

**ଅନୁଗୁଳ, ୨୬।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଅନୁଗୁଳ ଜିଲ୍ଲା ଛେଣ୍ଡିପଦା ଥାନା ଅଞ୍ଚଳରେ ଲଜ୍ଜା । କାଜୁ ଜଙ୍ଗଲରେ ନାବାଳିକାଙ୍କୁ ଦୁଷ୍କର୍ମ ଉଦ୍ୟମ ହୋଇଥିବା ନେଇ ଆସିଛି ସାଂଘାତିକ ଅଭିଯୋଗ । ଅନୁଗୁଳ ଜିଲ୍ଲା ଛେଣ୍ଡିପଦା ଥାନା ହାଣ୍ଡିଗୋଡ଼ା ଗାଁ ନିକଟସ୍ଥ କାଜୁ ଜଙ୍ଗଲରେ ବାଗଡିଆ ଥାନା ଅଞ୍ଚଳର ଜଣେ ସପ୍ତମ ଶ୍ରେଣୀ ଛାତ୍ରୀଙ୍କୁ ସମ୍ପର୍କୀୟ ପିଉସା ଦୁଷ୍କର୍ମ ଉଦ୍ୟମ କରିଥିବା ନେଇ ଅଭିଯୋଗ ହୋଇଛି । ସୂଚନାଯୋଗ୍ୟ ଯେ ମଙ୍ଗଳବାର ଅପରାହ୍ନରେ ବାଗଡ଼ିଆ ଥାନା ଅଞ୍ଚଳର ପ୍ରଫୁଲ୍ଲ ପ୍ରଧାନ ସେହି ଥାନା ଅଞ୍ଚଳର ସପ୍ତମ ଶ୍ରେଣୀ ପଢୁଥିବା ନାବାଳିକାଙ୍କୁ ବ୍ଲକରୁ ବିରି ଆଣିବା ପାଇଁ କହି ମୋଟର ସାଇକେଲରେ ବସାଇ ଅପରାହ୍ନରେ ଘରୁ ଡାକି ଆଣିଥିଲେ । ଫେରିବାରେ ବିଳମ୍ବ ହେବା ଦେଖି ନାବାଳିକାଙ୍କ ମା' ବାରମ୍ବାର ଫୋନ କରିଥିଲେ । ବାରମ୍ବାର ଫୋନ କରିବା ପରେ ରାତି ୮ଟା ବେଳେ ଗାଁ ଠାରୁ ୩କିଲୋ ମିଟର ଦୂର ଏକ ସ୍କୁଲ ପଛ ପାଖେ ଛାଡ଼ିବା ସହିତ ଏହି ଘଟଣା କାହାକୁ ନକହିବା ପାଇଁ ୨ଶହ ଟଙ୍କା ଦେଇ ଫେରାର ହୋଇ ଯାଇଥିଲେ । ଏ ନେଇ ପରିବାର ଲୋକ ଝିଅକୁ ପାଇବା ପରେ ଘଟଣା ସମ୍ପର୍କରେ ଜାଣିବା ପରେ ବୁଧବାର ଛେଣ୍ଡିପଦା ଥାନା ଲିଖିତ ଅଭିଯୋଗ କରିଛନ୍ତି । ଛେଣ୍ଡିପଦା ଥାନା ପୋଲିସ ଅଭିଯୋଗକୁ ଭିତ୍ତି କରି ଥାନା କେସ ନଂ ୬୩୨/୨୫ରେ ମାମଲା ରୁଜୁ କରି ଘଟଣାର ଛାନଭିନ ଚଳାଇଛି । ପୋଲିସ ନାବାଳିକାଙ୍କ ବୟାନକୁ ରେକର୍ଡ କରିବା ସହିତ ଉକ୍ତ ଯୁବକଙ୍କୁ ଧରିବା ପାଇଁ ଉଦ୍ୟମ ଚଳାଇଛି ।

## ପ୍ରେମିକାକୁ ନଦୀକୁ ଠେଲିଲେ ପ୍ରେମିକ

**ଭଦ୍ରକ, ୨୬।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଭଦ୍ରକ ଜିଲ୍ଲା ଚାନ୍ଦବାଲିଠାରେ ବୁଧବାର ସନ୍ଧ୍ୟାରେ ଜଣେ ନାବାଳିକା ବୈତରଣୀ ନଦୀକୁ ଡେଇଁବା ଘଟଣା ଗୁରୁବାର ନୂଆ ମୋଡ଼ ନେଇଛି । ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଥିବା ନାବାଳିକା ଗଣମାଧ୍ୟମ ଆଗରେ ଚାଞ୍ଚଲ୍ୟକର ବୟାନ ଦେଇଛନ୍ତି । ହତ୍ୟା ଉଦ୍ଦେଶ୍ୟରେ ତାଙ୍କ ପ୍ରେମିକ ତାଙ୍କୁ ନଦୀକୁ ଠେଲି ଦେଇଥିବା ସେ ପ୍ରକାଶ କରିଛନ୍ତି । ପ୍ରକାଶ ଯେ, ବାଣପୁର ଅଞ୍ଚଳର ନାବାଳିକା ଗତ ମଙ୍ଗଳବାର ସନ୍ଧ୍ୟାରୁ ନିଖୋଜ ଥିଲେ । ପରିବାର ଲୋକେ ଖୋଜାଖୋଜି କରି ତାଙ୍କର କୌଣସି ସନ୍ଧାନ ନ ପାଇବାରୁ ବୁଧବାର ସକାଳେ ନାବାଳିକାଙ୍କ ମା' ଚାନ୍ଦବାଲି ଥାନାରେ ଝିଅ ନିଖୋଜ ନେଇ ଅଭିଯୋଗ କରିଥିଲେ । ପ୍ରେମିକ ନାବାଳିକାଙ୍କ ମା'ଙ୍କୁ ଫୋନ୍‌ରେ ତାଙ୍କ ଝିଅ ଚାନ୍ଦବାଲିରେ ଥିବା ଜଣାଇବା ପରେ ସେ ପୋଲିସ ସହ ଘଟଣାସ୍ଥଳକୁ ଯାଇଥିଲେ । ସେରପୁର ଅଞ୍ଚଳର ଉକ୍ତ ଯୁବକ ନାବାଳିକାଙ୍କୁ ନଦୀକୁ ଠେଲି ଦେଇ ଖସି ପଳାଇ ଯାଉଥିବା ସମୟରେ ପୋଲିସ ତାଙ୍କୁ କାବୁ କରିଥିଲା ବୋଲି ନାବାଳିକାଙ୍କ ମା' କହିଛନ୍ତି । ଅପରପକ୍ଷେ ନାବାଳିକାଙ୍କ କହିବା ଅନୁଯାୟୀ, ଯୁବକ ଜଣକ ତାଙ୍କୁ ବିବାହ ପ୍ରଲୋଭନ ଦେଖାଇ ଦୀର୍ଘଦିନ ଧରି ଶାରୀରିକ ସମ୍ପର୍କ ରଖିଆସୁଥିଲେ । ମଙ୍ଗଳବାର ରାତିରେ ତାଙ୍କୁ ଚାନ୍ଦବାଲି ଆଣି ଶାରୀରିକ ସମ୍ପର୍କ ରଖିବା ପରେ ତାଙ୍କୁ ଅଜାଙ୍କ ଘରେ ଛାଡ଼ି ଦେଇଥିଲେ । ବୁଧବାର ସକାଳେ ବାରମ୍ବାର ଫୋନ୍ କରିଥିଲେ ମଧ୍ୟ ସେ ଉଠାଇ ନ ଥିଲେ । ଅପରାହ୍ନ ୪ଟାରେ ଚାନ୍ଦବାଲିରେ ଯୁବକ ଥିବା ଖବରପାଇ ସେ ତାଙ୍କ ପାଖକୁ ଯାଇଥିଲେ । ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ପରେ ସେ ତାଙ୍କୁ ନଦୀକୁ ଠେଲି ଦେଇଥିଲେ । ପୋଲିସ ଉକ୍ତ ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଛି ।

## ଆନନ୍ଦବଜାରର ନଳକୂପ ସଚଳ ହେବ କେବେ?

**ମାହାଙ୍ଗା, ୨୬।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ମାହାଙ୍ଗା ବ୍ଲକ ଅନ୍ତର୍ଗତ କଇଥା ପଞ୍ଚାୟତସ୍ଥିତ ଆନନ୍ଦବଜାରରେ ଥିବା ନଳକୂପଟିକୁ ଏକ ଅଜଣା ଗାଡି ଧକ୍କା ଦେବା ଫଳରେ ତାହା ଭାଙ୍ଗି ଯାଇଥିଲା । ସେହିପରି ଏହି ବଜାର ଚାରି ଛକ ନିକଟରେ ଭୂତଳ ପାଇପ ଫାଟି ଯିବାରୁ ପାଣି ବାହାରୁଥିବା ଦେଖିବାକୁ ମିଳିଛି ।ସୂଚନା ମୁତାବକ ଗତ ୫ ତାରିଖ ବିଳମ୍ବିତ ରାତିରେ ଏକ ଅଜଣା ଗାଡି ଏହି ନଳକୂପଟି ଧକ୍କା ଦେବା ଫଳରେ ତାହା ଭାଙ୍ଗି ଯାଇଥିଲା । ଯାହାକୁ ନେଇ ସ୍ଥାନୀୟ ବ୍ୟବସାୟୀ ମାନେ ବିଭାଗ ନିକଟରେ ଅଭିଯୋଗ କରିଥିଲେ । ଅଭିଯୋଗ ପାଇବା ପରେ ବିଭାଗ ପକ୍ଷରୁ କେବଳ ନଳକୂପଟିକୁ ଠିଆ କରି କାମ ସାରି ଦେଇଥିବା ଅଭିଯୋଗ ହୋଇଛି । କିନ୍ତୁ ଏଥିରେ ପାଣି ବାହାରୁ ନାହିଁ । ତେଣୁ ଏହି ନଳକୂପ ଉପରେ ନିର୍ଭର କରୁଥିବା ବ୍ୟବସାୟୀ ଓ ସ୍ଥାନୀୟ ଲୋକେ ପାଣି ହନ୍ତସନ୍ତ ହେଉଛନ୍ତି । ଏଥିସହ ଏହି ବଜାରରେ ଭୂତଳ ପାଇପ ଫାଟି ନଷ୍ଟ ହୋଇ ଏଥିରେ ମଇଳା ଓ ଅଳିଆ ଆବର୍ଜନା ପ୍ରବେଶ କରିବା ଦ୍ୱାରା ଲୋକେ ଦୂଷିତ ପାଣି ପିଉଛନ୍ତି । ଯାହା ଫଳରେ ଏହି ପାଣିକୁ ପିଇ ରୋଗ ହେବାର ଆଶଙ୍କା ରହିଛି । ତେଣୁ ବିଭାଗୀୟଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ନଳକୂପ ମରାମତି ପାଇଁ ଦାବି ହୋଇଛି ।

## ଦୁର୍ଘଟଣାରେ ଜଣେ ମୃତ, ୨ ଗୁରୁତର

**ପିପିଲି, ୨୬।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ବଳଙ୍ଗା–ନିମାପଡ଼ା ରାସ୍ତାର ନୂଆହାଟରେ ବାଇକକୁ ଧକ୍କା ଦେଲା ଅଜଣାଗାଡି । ତେବେ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଦୁଇଜଣ ଗୁରୁତର ହୋଇଥିବା ଜଣାପଡିଛି ।

ସୂଚନା ଅନୁସାରେ, ପରିବାରର ତିନିଜଣ ଚିଲିକା ଅଭିମୁଖେ ଯାଉଥିଲେ । ସ୍ୱାମୀ, ସ୍ତ୍ରୀ ଏବଂ ଝୁଅା ଗୋଟିଏ ବାଇକରେ ଚିଲିକା ବୁଲିବାକୁ ଯାଉଥିବା ବେଳେ ତାଙ୍କୁ ଏକ ଅଜଣା ଗାଡ଼ି ଧକ୍କା ଦେଇଥିଲା । ଦୁର୍ଘଟଣାରେ ଘଟଣାସ୍ଥଳରେ ହିଁ ସ୍ୱାମୀଙ୍କ ମୃତ୍ୟୁ ହୋଇଥିବା ବେଳେ ସ୍ତ୍ରୀ, ଝୁଅା ଗୁରୁତର ହୋଇଛନ୍ତି । ୨ ଗୁରୁତର ଆହତ ସାକ୍ଷୀଗୋପାଳ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ତେବେ କେଉଁ ପରିସ୍ଥିତିରେ ଦୁର୍ଘଟଣା ଘଟିଲା ତାହା ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ହୋଇପାରି ନାହିଁ । ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

## ସୀତାକୁଣ୍ଡରେ ବୁଡ଼ି ୨ ପର୍ଯ୍ୟଟକଙ୍କ ମୃତ୍ୟୁ

**ବାରିପଦା, ୨୬।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ମୟୂରଭଞ୍ଜ ଜିଲ୍ଲା ଶାମାଖୁଣ୍ଟା ବ୍ଲକ ଶିମିଳିପାଳ ପାଦଦେଶ ସୀତାକୁଣ୍ଡରେ ବୁଡ଼ିଗଲେ ୨ ପର୍ଯ୍ୟଟକ । ମୃତକ ଦ୍ୱୟ ଭଦ୍ରକ ଜିଲାର ବୋଲି ଜଣାପଡିଛି । ବୁଡ଼ି ଯିବା ନେଇ ଦମକଳବାହିନୀକୁ ଖବର ଦେବା ପରେ ସେମାନେ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରିଥିବା ବେଳେ ମୃତଦେହ ଉଦ୍ଧାର କରାଯାଇଛି । ସୂଚନାଯୋଗ୍ୟ, ପିକନିକ କରିବା ପାଇଁ ଭଦ୍ରକ ଜିଲାରୁ କିଛି ପର୍ଯ୍ୟଟକ ସୀତାକୁଣ୍ଡ ଜଳପ୍ରପାତ ଆସିଥିଲେ । ତେବେ ତିନିଜଣଙ୍କ ଗୋଡ ଖସିଯାଇଥିଲା । ଫଳରେ ତିନି ଜଣ ପାଣିରେ ବୁଡି ଯାଇଥିଲେ । ଏହାପରେ ସଙ୍ଗେସଙ୍ଗେ ଜଣକୁ ଉଦ୍ଧାର କରାଯାଇଥିଲା । କୁଣ୍ଡର ପାଣି ଗହୀର ଓ ପ୍ରବଳ ଥଣ୍ଡା ଥିବାରୁ ଅନ୍ୟ ପର୍ଯ୍ୟଟକ ଦ୍ୱୟଙ୍କୁ ଉଦ୍ଧାର କରିପାରିନଥିଲେ । ଦମକଳବାହୀନି ଖୋଜାଖୋଜି କରିବା ସମୟରେ ସେମାନଙ୍କର ମୃତଦେହ ମିଳିଛି । ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି ।

# ଅବ୍ୟବସ୍ଥାରେ ଗୋରୁମହିଷାଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

**ରାଇରଙ୍ଗପୁର, ୨୫।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ବ୍ଲକ୍‌ର ଗୋରୁମହିଷାଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅବ୍ୟସ୍ଥା ଘେରରେ । ଡାକ୍ତରମାନେ ହସ୍ପିଟାଲକୁ ଠିକ୍ ସମୟରେ ଆସୁନଥିବା ବେଳେ ଅଧିକାଂଶ ଦିନ ବର୍ହିଃବିଭାଗ ୧୧.୩୦ ମଧ୍ୟରେ ବନ୍ଦ ହୋଇଯାଉଥିବା ଅଭିଯୋଗ ହେଉଛି । ଫଳରେ ଚିକିତ୍ସିତ ହେବାକୁ ଆସୁଥିବା ରୋଗୀମାନେ ନିରାଶ ହୋଇ ଘରକୁ ଫେରୁଥିବା ବେଳେ କିଛି ରୋଗୀ ଅଧିକ ଖର୍ଚ୍ଚାନ୍ତ ହୋଇ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସ୍ୟାଳୟ କିମ୍ବା ବେସରାକାରୀ କ୍ଲିନିକ୍‌ରେ ବସୁଥିବା ଡାକ୍ତରଙ୍କ ପାଖରେ ଚିକିତ୍ସିତ ହୋଇ ଘରକୁ



ଫେରୁଥିବା ସୂଚନା ମିଳୁଛି ।

ଏହା ବ୍ୟତିତ ରୋଗୀଙ୍କ ୱାର୍ଡରେ ରୋଗୀମାନଙ୍କ ବେଡ ପଡିଛି ତାହା ଅପରିଷ୍କାର ଛିଡାଫଟା ମଇଳା ଏବଂ ବେଡ୍‌ରେ ଦିଆଯାଉଥିବା ବେଡସିଟ ମଧ୍ୟ ଦିଆଯାଉ ନାହିଁ । ଫଳରେ ରୋଗୀମାନେ ଅସ୍ୱାସ୍ଥ୍ୟକର ପରିବେଶରେ ରହୁଛନ୍ତି । ଏହାଛଡା ବିଦ୍ୟୁତ୍ କଟିଗଲେ ଜେନେରେଟର ମଧ୍ୟ ଚାଲୁକରୁନଥିବା ଜଣା ପଡିଛି । ରୋଗୀ ଓ ତାଙ୍କ ସମ୍ପର୍କୀୟମାନେ ବହୁ ହନ୍ତସନ୍ତ ହେଉଥିବା ଅଭିଯୋଗ ହେଉଛି । ଏହାବ୍ୟତିତ ଡାକ୍ତରଖାନାର ପାଇଖାନା ମଧ୍ୟ ଭଲଭାବେ ପରିଷ୍କାର ପରିଚ୍ଛନ୍ନ ରଖୁନଥିବାରୁ ଦୁର୍ଗନ୍ଧ ବାହାରୁଥିବାର ଅଭିଯୋଗ ହେଉଛି । ଏପଟେ ରୋଗୀମାନଙ୍କୁ ଦେଖାଶୁଣା କରିବାକୁ ଯାଇଥିବା ପରିବାରର ଲୋକେ ମଧ୍ୟ ସେହି ଅସ୍ୱାସ୍ଥ୍ୟକର ପରିବେଶରେ ରହି ନିଜେ ମଧ୍ୟ ରୋଗୀ ପାଲଟିଯାଉଥିବା ଦେଖାଦେଇଥାଏ ।

ତା' ଛଡା ଡାକ୍ତରଖାନାରେ ପ୍ରସୂତି ଏବଂ ନବଜାତ ଶିଶୁମାନଙ୍କୁ ମଧ୍ୟ ସେହି ଗୋଟିଏ ୱାର୍ଡରେ ରଖାଯାଇଥାଏ ଯାହା ଫଳରେ ଶିଶୁମାନଙ୍କୁ ଇନ୍‌ଫେକସନ୍ ହେବାର ଭୟଥାଏ ତେବେ ସବୁଠାରୁ ଅଧିକ ଅସୁବିଧା, ଜିଲ୍ଲାର ଦ୍ୱିତୀୟ ବୃହତମ ସହର ତଥା ବ୍ଲକ୍ ରାଇରଙ୍ଗପୁର ଏବଂ ଏହି ବ୍ଲକର ସମସ୍ତ ପଞ୍ଚାୟତର ଜନସାଧାରଣଙ୍କ ପାଇଁ ଜନ୍ମ ଏବଂ ମୃତ୍ୟୁର ପଞ୍ଜୀକରଣ ସାର୍ଟିଫିକେଟ ମଧ୍ୟ ଏହି ଡାକ୍ତରଖାନରୁ ମିଳିଥାଏ କିନ୍ତୁ ଠିକ ସମୟରେ ଜନ୍ମ ମୃତ୍ୟୁ ପ୍ରମାଣପତ୍ର ମଧ୍ୟ ପାଇବାରେ ବିଳମ୍ବ ହେଉଥିବାରୁ ବହୁ ହଇରାଣ ହରକତ ହେଉଥିବା ଅଭିଯୋଗ ହେଉଛି । ଡାକ୍ତରଖାନାର ମୁଖ୍ୟ ଡାକ୍ତରାଣୀ ଅଧିକାଂଶ ସମୟରେ ଅଫିସ କାର୍ଯ୍ୟ, ବିଭିନ୍ନ ସମୟରେ ମିଟିଂରେ ବ୍ୟସ୍ତ ରହୁଥିବାରୁ ଏବଂ ଛୁଟିରେ ରହୁଥିବାରୁ ଏଭଳି ଅସୁବିଧାରେ ସମ୍ମୁଖିନ ହେଉଥିବାର ଅଭିଯୋଗ ହେଉଛି । ଏନେଇ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟଡାକ୍ତର ଛବିରାଣୀ ନାଏକଙ୍କ ସହିତ ଯୋଗାଯୋଗ କରିବାରୁ ଅଭିଯୋଗ ମିଛ ବୋଲି ନିଜ ମତ ରଖିଛନ୍ତି ।

■ ଚାଷୀଙ୍କ ପାଇଁ ଆଉ ଏକ ବଡ଼ ସମସ୍ୟା ହେଉଛି ସରକାର ଠିକ୍ ସମୟରେ ମଣ୍ଡି ଖୋଲୁନାହାନ୍ତି, ଅନ୍ୟପଟେ ଧାନ ଚାଲାଣ ଉପରେ କଡ଼ା ପ୍ରତିବନ୍ଧକ ଜାରି କରିଛନ୍ତି । ରାଜ୍ୟ ବାହାରୁ ଆସୁଥିବା ବେପାରୀମାନେ ଭୟ କରୁଛନ୍ତି ଚାଷୀଙ୍କ ପାଖକୁ ଆସି ଧାନ କିଣିବାକୁ, ଯେଉଁମାନେ ଧାନଖଳାରୁ ଧାନ କିଣି ନିଅନ୍ତି । ଚାଷୀ ଅଳ୍ପ ଟଙ୍କା ପାଇଲେ ମଧ୍ୟ ଏଥିରେ ଝାମେଲା କମ୍ । ମଣ୍ଡି ଯନ୍ତ୍ରଣା ପାଇବା ଅପେକ୍ଷା ଦଲାଲଙ୍କୁ ବିକିଦେବା ଭଲ ବୋଲି ଅନେକ ଚାଷୀ ମତ ଦେଉଛନ୍ତି । ■


ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ ଭୁବନେଶ୍ୱର | ୨୭ ଡିସେମ୍ବର ୨୦୨୫ | ଶନିବାର



# ଓଡ଼ିଶା ଏକ୍ସପ୍ରେସ୍


## ଧାନର ସହାୟକ ମୂଲ୍ୟ ବୃଦ୍ଧି ଚାଷୀ ପାଇଁ କେତେ ଲାଭଦାୟୀ?

**ଆ**ମ ରାଜ୍ୟରେ ମଣ୍ଡି ଅବ୍ୟବସ୍ଥା ନୂଆ ସମସ୍ୟା ନୁହେଁ, ପୂର୍ବ ସରକାର ଅମଳରେ ମଧ୍ୟ ଥିଲା, ଏବେବି ରହିଛି । ଚାଷୀ ଭାବିଥିଲେ ନୂଆ ସରକାର ଆସିବା ପରେ ମଣ୍ଡି ବ୍ୟବସ୍ଥିତ ହୋଇଯିବ । କିନ୍ତୁ ଚାଷୀଙ୍କ ସେ ଆଶା ବିଶେଷ ଫଳବତୀ ହୋଇନି । ଏବେବି ମଣ୍ଡି ଅବ୍ୟବସ୍ଥା ଜାରି ରହିଛି ଅଧିକାଂଶ ଜିଲ୍ଲାରେ।

ନୂଆ ସରକାର ଧାନର ସହାୟକ ମୂଲ୍ୟ ୩୧ଶହ ଟଙ୍କା କଲେ, ଏହା ଚାଷୀଙ୍କ ଭିତରେ ଆଶାର ସଂଚାର କରିଥିଲା । ଯେଉଁ ଚାଷୀ ଚାଷ ଆଡୁ ମୁହଁ ଫେରାଇ ନେଇଥିଲେ ସେମାନେ ପୁଣି ଅଣ୍ଟା ଭିଡ଼ିଥିଲେ। କିନ୍ତୁ ମଣ୍ଡି ଅବ୍ୟବସ୍ଥା ଲାଗି ରହିବା ଫଳରେ ସେମାନଙ୍କ ମନ ପୁଣି ମରିଗଲାଣି ।

ଚାଷ କେବେ ଆରମ୍ଭ ହୁଏ ଏବଂ ଅମଳ କେବେ ହୁଏ ଏହାର ଏକ ନିର୍ଦ୍ଦିଷ୍ଟ ସମୟ ରହିଛି । କୃଷି ବିଭାଗର ଏକ କୃଷି କ୍ୟାଲେଣ୍ଡର ଅଛି । ତେଣୁ ସରକାର ଅମଳର ବହୁ ପୂର୍ବରୁ ମଣ୍ଡି କଥା ଚିନ୍ତା କରିବା ଉଚିତ୍ । ଚାଷୀ ଯଦି ତା'ର ଶ୍ରମର ଉଚିତ୍ ମୂଲ୍ୟ ନ ପାଇବ ତା'ହେଲେ ସିଏ ଚାଷ କରିବ କାହିଁକି? କେବଳ କ'ଣ କରଜ ସୁଝିବା ପାଇଁ ସିଏ ଚାଷ କରିବ? କରଜ ସୁଝିସାରିବା ପରେ ତା' ହାତରେ କିଛି ଟଙ୍କା ରହିଲେ ସିନା ସିଏ ଚାଷ କରିବାକୁ ଆଗ୍ରହ ପ୍ରକାଶ କରିବ, ନହେଲେ ତ ସେଇ ନିଅଣ୍ଟ ଭିତରେ ସିଏ ଦହଗଞ୍ଜ ହେଉଥିବ । କ୍ୱିଣ୍ଟାଲ ପିଛା ୩୧ଶହ ଟଙ୍କାରେ ଯଦି ସିଏ ଧାନ ବିକି ନପାରିବ ସେ କେତେ ଲାଭ ପାଇବ? ଅଭାବୀ ବିକ୍ରିର ସାମ୍ନା କଲେ କେତେ ଟଙ୍କା ସିଏ ସଞ୍ଚିପାରିବ? ଚାଷ ପାଇଁ ସିଏ ଯେତିକି କରଜ ଆଣିଥିବ ତାକୁ ସୁଝିବା ପାଇଁ ସିଏ ନିଶ୍ଚେ ମଣ୍ଡି ଖୋଲିବାକୁ ଅପେକ୍ଷା ନକରି ଦଲାଲ ହାତକୁ ହିଁ ଟେକି ଦେବ । ଯାହା ଏବେ ଚାଲିଛି ରାଜ୍ୟରେ ।

ଖବରରୁ ପ୍ରକାଶ ନୟାଗଡ଼ ଜିଲ୍ଲାରେ ଏଯାଏଁ ଆରମ୍ଭ ହୋଇନି ଧାନକିଣା । ଅନ୍ୟପଟେ ଚାଷୀ ଧାନ ଅମଳ କରି ବିକ୍ରି ପାଇଁ ପ୍ରସ୍ତୁତ ହେଲାଣି । ବିଗତବର୍ଷମାନଙ୍କରେ ଡିସେମ୍ବର ମାସରେ ଧାନକିଣା ଆରମ୍ଭ ହେଉଥିବା ବେଳେ ଏପର୍ଯ୍ୟନ୍ତ କ୍ଷେତ୍ର ପରିଦର୍ଶନ କାର୍ଯ୍ୟ ଶେଷ ହୋଇନି । ଗାଁ ଗାଁରେ ଦଲାଲଙ୍କ ପ୍ରାଦୁର୍ଭାବ ବଢ଼ିଚାଲିଛି । ମଣ୍ଡି ଖୋଲିବାରେ ବିଳମ୍ବ ସାଙ୍ଗକୁ ମଣ୍ଡିରେ ନାନା ଅବ୍ୟବସ୍ଥା ଲାଗି ରହିଥିବା ହେତୁ ଚାଷୀ ମଣ୍ଡିଆଡୁ ମୁହଁ ଫେରାଇ ଖଳାମୁଣ୍ଡରୁ ଧାନ କିଣି ନେଉଥିବା ରାଜ୍ୟ ବାହାରର ଦଲାଲମାନଙ୍କୁ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି । ସରକାର ଏଫ୍ଏକ୍ୟୁ ମାନର ଧାନ କ୍ୱିଣ୍ଟାଲ ପ୍ରତି ୩୧ଶହ ଟଙ୍କା ଧାର୍ଯ୍ୟ କରିଥିବା ବେଳେ ଚାଷୀ ଖଳାମୁଣ୍ଡରୁ ୧୭ଶହରୁ ୧୮ଶହ ଟଙ୍କା ମୂଲ୍ୟରେ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି ।

ଚାଷୀଙ୍କ ପାଇଁ ଆଉ ଏକ ବଡ଼ ସମସ୍ୟା ହେଉଛି ସରକାର ଠିକ୍ ସମୟରେ ମଣ୍ଡି ଖୋଲୁନାହାନ୍ତି, ଅନ୍ୟପଟେ ଧାନ ଚାଲାଣ ଉପରେ କଡ଼ା ପ୍ରତିବନ୍ଧକ ଜାରି କରିଛନ୍ତି । ରାଜ୍ୟ ବାହାରୁ ଆସୁଥିବା ବେପାରୀମାନେ ଭୟ କରୁଛନ୍ତି ଚାଷୀଙ୍କ ପାଖକୁ ଆସି ଧାନ କିଣିବାକୁ, ଯେଉଁମାନେ ଧାନଖଳାରୁ ଧାନ କିଣି ନିଅନ୍ତି । ଚାଷୀ ଅଳ୍ପ ଟଙ୍କା ପାଇଲେ ମଧ୍ୟ ଏଥିରେ ଝାମେଲା କମ୍ । ମଣ୍ଡି ଯନ୍ତ୍ରଣା ପାଇବା ଅପେକ୍ଷା ଦଲାଲଙ୍କୁ ବିକିଦେବା ଭଲ ବୋଲି ଅନେକ ଚାଷୀ ମତ ଦେଉଛନ୍ତି ।

ପ୍ରଶ୍ନ ଉଠୁଛି ଧାନର ସହାୟକ ମୂଲ୍ୟ ବୃଦ୍ଧିର ଲାଭ ଯଦି ପ୍ରତିଟି ଚାଷୀ ନ ପାଇଲେ ଏ ମୂଲ୍ୟ ବୃଦ୍ଧିର ମୂଲ୍ୟ କ'ଣ?

ଅନେକ ମତ ଦେଉଛନ୍ତି ମଣ୍ଡି ଅବ୍ୟବସ୍ଥା ଏବଂ ମଣ୍ଡି ଖୋଲିବାରେ ବିଳମ୍ବ ଏକ ସୁପରିକଳ୍ପିତତ ଯୋଜନା ମିଲର ଏବଂ ଦଲାଲମାନଙ୍କୁ ପରୋକ୍ଷରେ ଲାଭବାନ କରିବା ପାଇଁ ।

# ହସିବା ମନା - କାନ୍ଦିବା ମନା

## ଅଆ-ପଣକିଆ



■ ବିଜୟ ଦାସ

**ହ**ସର ଖୋରାକ ମିଳିଲେ ହସିବା ଥୟ ଯେ, ସ୍ଥାନ, କାଳ ଓ ପାତ୍ର ବିଶେଷରେ ହସକୁ ରୋକିବାକୁ ପଡ଼େ। ଖୁସିବାସିର କଥା ହସ ଯେ, ବେଳେବେଳେ ବାଧବାଧକତାରେ ପୁଣି ହସିବାକୁ ପଡ଼େ । ଏକ ଗାମ୍ଭୀର୍ଯ୍ୟପୂର୍ଣ୍ଣ ପରିବେଶରେ ହସ ତ ହସ, ଅଳ୍ପ ସ୍ୱଳ୍ପ ଦାନ୍ତ ଦେଖାଇବା ବି ମନା । ନହେଲେ ଆଲୋଚନାର ଗାମ୍ଭୀର୍ଯ୍ୟତା ପାଣି ପାଣି ହୋଇଯିବ । ସ୍ଥାନ ବିଶେଷରେ ଏହା ବର୍ଜିତ । ଯେପରିକି ଗୃହରେ, ବାହାରେ ପୁଣି କାର୍ଯ୍ୟାଳୟ ଭିତରେ ବିଶେଷ ପରିସ୍ଥିତିରେ । ତା'ର ଅନିଷ୍ଟ ନହେବା ପାଇଁ ହସିବା ବର୍ଜିତ । ସେହିପରି ଏମିତି ସମୟ ଆସେ, ମୁହୂର୍ତ୍ତ ଆସେ, ଯେଉଁଠାରେ ହସ ଫୁଟେ ନାହିଁ । ପାତ୍ର ବୋଇଲେ ନାରୀ, ପୁରୁଷ, ପୁଅ, ଝିଅ ବା ଅନ୍ୟମାନେ । ଯେପରି ନବବଧୂକୁ ସ୍ମିତହାସ୍ୟ ଛଡ଼ା ମନଖୋଲା ହସ ହସିବାର ଅନୁମତି ନଥାଏ । ସେହିପରି ଗ୍ରହଣ କରିବାକୁ ଅନିଚ୍ଛୁକ ଝିଅକୁ ପୁଅଟିର ସ୍ମିତହାସ ହସିବାର ଅନୁମତି ନଥାଏ । ସେହିପରି ଗ୍ରହଣ କରିବାକୁ ଅନିଚ୍ଛୁକ ଝିଅକୁ ପୁଅଟିର ସ୍ମିତହାସ ବର୍ଜିତ। ଅନଚ୍ଛୁକ ପୁଅକୁ ଝିଅଟିର ହସ ନିଶ୍ଚେ ପିତା ଲାଗେ। ଏଣୁ ବର୍ଜନ ବାଞ୍ଛନୀୟ।

ହସର ଅନେକ ପ୍ରକାର ଭେଦ । ଚାପା ହସ, ମୁରୁକି ହସ, ଖୋଲା ହସ, ତାଚ୍ଛଲ୍ୟ ହସ, ବିସ୍ଫୋରକ ହସ, ଅଟ୍ଟହାସ୍ୟ, କଟାକ୍ଷ ହସ ଓ ଆଖିର ହସ ଇତ୍ୟାଦି । କେଉଁ ସମୟରେ କେଉଁ ହସର ତାତ୍ପର୍ଯ୍ୟ ରହିଛି । ତାହା ମଧ୍ୟ ତର୍ଜମା ସାପେକ୍ଷ । ଦାନ୍ତନିକୁଟେଇ ହସର ମୂଲ୍ୟବୋଧ ବଢ଼େଇବା ଏକ ହାସ୍ୟାସ୍ପଦ କଥା। ଏତେସବୁ ପ୍ରତିବନ୍ଧକ ସତ୍ତ୍ୱେ ଅନେକ ମୁହଁ ଅଛି ଯାହାକୁ ହସକୁରି/ହସକୁରା ମୁହଁ ବୋଲି କହିପାରିବା । ସ୍ୱଭାବବଶତଃ ମୁହଁଟି ହସ ହସ ଦିଶେ ଓ ପ୍ରସନ୍ନତା ବାରି ହୋଇପଡ଼େ। ସଦାସର୍ବଦା ଖୁସିବାସିଆ ରହୁଥିବା ମଣିଷକୁ କେମିତି ହସିବାକୁ ମନା କରିବ ଯେ? 'ଅନ୍ତରେ କାନ୍ଦେ, ବାହାରେ ହସେ ମୁଁ ଏହି ମୋର ପରିଚୟ, ମରିସାରିଛି ମୁଁ ଏବେବି କରୁଛି ବଞ୍ଚିବାର ଅଭିନୟ'

ଏପରି ଏକ ମାର୍ମିକ ଗୀତର ମର୍ମ ହେଲେ ସବୁ ହସୁଥିବା ଲୋକ ଯେ ଖୁସିରେ ହସନ୍ତି ତାହା ନୁହେଁ। ଛାତିରେ କୋହଚାପି, ଆଖିରେ ଲୁହଚାପି କେତେବେଳେ ଅନ୍ୟର ଖୁସି ପାଇଁ ହସିବାକୁ ପଡେ।

କଥାରେ କହନ୍ତି, ରାମଙ୍କର ବାଣ ସହ୍ୟ କରିହେବ କିନ୍ତୁ ବାନରଙ୍କର ଦାନ୍ତନିକୁଟା ସହିହେବନାହିଁ । ଏହାର ମର୍ମ, ତାଚ୍ଛଲ୍ୟ ହସର ଯନ୍ତ୍ରଣା ବେଶି । ପିଲାବେଳେ ଖଟେଇ ହେବାର ଏକ ବଦଭ୍ୟାସ ଓ କୁଅଭ୍ୟାସ ଅପଶବ୍ଦ ଉଚ୍ଚାରଣଠାରୁ ମଧ୍ୟ ବେଶି ବାଧକ। ଦାନ୍ତ ନଥାଇ ବି ସ୍ମିତହାସର ଅର୍ଥ ଶାନ୍ତି ଓ ଖୁସିର ପ୍ରତୀକ । ଯେପରି ଦାନ୍ତ ନ ଉଠିଥିବା ଶିଶୁର ଖୁସି ଓ ଦାନ୍ତ ପଡ଼ିଯାଇଥିବା ବୟୋଜ୍ୟେଷ୍ଠଙ୍କ ସୁଖ ବାରି ହୋଇପଡ଼େ । ଏମିତିରେ ପ୍ରେମ ପ୍ରୀତିରେ ମୌନ ଅବସ୍ଥାର ସ୍ମିତହାସ୍ୟ ଭଲପାଇବାର ପ୍ରତୀକ ଓ ସମର୍ଥନର ସ୍ମାରକ । ପ୍ରକାଶ୍ୟରେ ଶବ୍ଦାୟିତ ହାସ୍ୟ କେତେବେଳେ ବର୍ଜିତ ତ କେତେବେଳେ ମନଖୋଲା ହସର ରୂପରେଖ । ଏହିଠାରେ ଜଣେ ଜଣେ ସ୍ୱତନ୍ତ୍ର ବ୍ୟକ୍ତିଙ୍କର ହସରେ ବ୍ୟତିକ୍ରମ ଥାଏ । ଯେପରିକି ଜଣେ ହସିଦେଲେ ସର୍ବନାଶ ଓ ରାଗି ଗଲେ ଉପକାରି । ହଁ, ଏମିତିବି ବ୍ୟକ୍ତି ଅଛନ୍ତି, ଯିଏ ନିଜର କର୍ମଚାରୀ ବା ଅଧସ୍ତନଙ୍କୁ ଯଦି ବହିଷ୍କାର କରିବାକୁ ଚାହାନ୍ତି, ତେବେ ତାଙ୍କ ସହ ଉତ୍ତମ ବ୍ୟବହାର ପୂର୍ବକ ସ୍ମିତହାସ ଦିଅନ୍ତି । ଭାବନ୍ତି, ଯାଙ୍କ ସହ ମୋର ଭବିଷ୍ୟତରେ କିଛି କାମ ଦେବାର ନାହିଁ, ଏଣୁ କ୍ରୋଧ କରିବାର ଆବଶ୍ୟକତା କ'ଣ? ପୁଣି ଯଦି କାହାକୁ ପଦୋନ୍ନତି ଦେବାର ଅଛି, ତେବେ ତାଙ୍କ ଉପରେ ଉତ୍ତେଜିତ ହେବାର ଲାଭ ବି ଅଛି । ସେ ନିଶ୍ଚେ ଭୟପୂର୍ବକ ସତର୍କତା ଓ ମନୋନିବେଶରେ ଉନ୍ନତି କରିବ। ତାଙ୍କ ଭାଷାରେ ଏଠାରେ ହସିବା ମନା । ପୃଥିବୀରେ ସବୁଠାରୁ ଶସ୍ତା ଓ ଦାମୀ ଜିନିଷ ହେଲା ହସିବା । ହସିବାକୁ ପକେଟରୁ କିଛି ଖର୍ଚ୍ଚ କରିବାକୁ ପଡ଼େ ନାହିଁ କି ଶରୀରକୁ ପୀଡ଼ା ମଧ୍ୟ ଦିଆଯାଏ ନାହିଁ । ମାତ୍ର ଏହା ଅତ୍ୟନ୍ତ ମୂଲ୍ୟବାନ ଏଇଥିପାଇଁ ଏହା ସମ୍ପର୍କକୁ ଯୋଡ଼େ, ମଜଭୁତ କରେ ତଥା ଖୁସିର ପ୍ରତୀକ ସାଜେ । ଏଣୁ ହସିବାକୁ ମନା କରିବା କ'ଣ ଦରକାର?

ଗମ୍ଭୀର ପରିସ୍ଥିତିରେ, କୌଣସି ଗମ୍ଭୀର ବିଷୟରେ ଆଲୋଚନା କରିବା ସମୟରେ ହସିବା ମନା । ଯଦିଓ ଯୁକ୍ତି ଉପସ୍ଥାପନ ବେଳେ କେହି କେହି ଅବାନ୍ତର ଅଯୌକ୍ତିକ ତଥ୍ୟ ରଖନ୍ତି, ଯାହାକି ହାସ୍ୟ ଉଦ୍ଦୀପକ, ତେବେବି ପରିସ୍ଥିତିର ଗାମ୍ଭୀର୍ଯ୍ୟ ଓ ମର୍ଯ୍ୟାଦା ନିମିତ୍ତ ହସିବା ମନା । ସଖା ସହୋଦରଙ୍କ ମଧ୍ୟରେ ବା ସମାନସ୍ତରର ବ୍ୟକ୍ତିଙ୍କ ମଧ୍ୟରେ ହାସ୍ୟରୋଳ ଏକ ସାଧାରଣ କଥା । କିନ୍ତୁ ଏଠାରେ ବିଦ୍ରୁପାତ୍ମକ ହାସ୍ୟ ନିଶ୍ଚେ ବର୍ଜନ କରିବା ଉଚିତ୍ । ହସ ଯଦି କାହା ମନରେ ଦୁଃଖ ଦିଏ, ସେ ହସ ହସ ନୁହେଁ, ବିଷ। ରାବଣର ଅଟ୍ଟହାସ୍ୟ, କଂସର ଅଟ୍ଟହାସ୍ୟ, ଅସୁର ସମୁଦାୟର କିଳିକିଳାରାବ ନିଶ୍ଚେ ହିଂସ୍ରତାର ପ୍ରତୀକ । ଏହା ବିଶୃଙ୍ଖଳିତ ଜୀବନମାନଙ୍କର ଆକ୍ରମଣାତ୍ମକ ଚିତ୍କାର । ଏପରି ହସ ନିଶ୍ଚେ ମାନବ ପାଇଁ ବର୍ଜିତ ।

ଚାପା ହସ ଏକ ଗୁପ୍ତ ରହସ୍ୟର ପ୍ରତିଫଳନ ନତୁବା ସାମ୍ନାସାମ୍ନି ବିରୋଧ ନକରି କୌଣସି ଅଭିବ୍ୟକ୍ତିକୁ ନକରାତ୍ମକ ଭାବ ଦେଖାଇବା । ଏଠାରେ ସଂଶୟ ସୃଷ୍ଟି କରେ ମନରେ । କିନ୍ତୁ ଆଖିର ହସ ଏକ ପ୍ରତୀକାତ୍ମକ ସମର୍ଥନର ସମ୍ପର୍କର ପରିଭାଷା। ହସ ଓ ଖୁସି ଜାହିର କଲାବେଳେ କେବଳ ଓଠ ନୁହେଁ ସାରା ମୁଖମଣ୍ଡଳର ରୂପ ବଦଳିଯାଏ। ଏଥିରେ ପ୍ରମୁଖ ଭୂମିକା ନେଉଥିବା ଆଖି ହସିଦିଏ। ଏଣୁ ଆଖି କଥା କହିବା, ହସିବାର ଭାବ ଦେଖାଇବାର କାର୍ଯ୍ୟ ମଧ୍ୟ କରିଥାଏ । ଏ ହସକୁ ରୋକିବା ମଧ୍ୟ କଷ୍ଟ । କିନ୍ତୁ ହସର ଆନନ୍ଦ ନେବା ପାଇଁ ଚିହ୍ନରା ମଣିଷର ମଧ୍ୟ ଆବଶ୍ୟକତା ଥାଏ । ଏ ହସକୁ ରୋକିବା ମଧ୍ୟ କଷ୍ଟ । କିନ୍ତୁ ହସର ଆନନ୍ଦ ନେବା ପାଇଁ ଚିହ୍ନରା ମଣିଷର ମଧ୍ୟ ଆବଶ୍ୟକତା ଥାଏ । କେବଳ ହସିଲା ତ ଫସିଲାର କଥା ନୁହେଁ ବରଂ ହସିଲା ତ ସର୍ବନାଶ ଆସିଲାର ଘଟଣା ବି ଘଟିପାରେ ।

### କାନ୍ଦିବା ମନା

ଲୁହ ଝରିବାର ତିନୋଟି କାରଣ ଅଛି । କେବଳ ଦୁଃଖରେ କିମ୍ବା ସୁଖରେ ମଣିଷ କାନ୍ଦେ ନାହିଁ, ସ୍ଥୂଳତଃ ଆଖିରେ କୌଣସି ବାଧା ହେଲେ, ଧୂଳିକଣା ଇତ୍ୟାଦି ପ୍ରବେଶ କଲେ ମଧ୍ୟ ଲୁହ ବାହାରେ । କିନ୍ତୁ କାନ୍ଦିବାର ଦୁଇଟି ରୂପ । ଖୁସିରେ କାନ୍ଦିବା ଓ ଦୁଃଖରେ କାନ୍ଦିବା । ଏଠାରେ କହିବା ବାହୁଲ୍ୟ ଯେ ଯେକୌଣସି ପରିସ୍ଥିତିରେ କାନ୍ଦିବା ମନା । ହସିବା ବେଶୀ ଓ କାନ୍ଦିବା କମ୍ ହେଉଛି ସୁଖୀ ମଣିଷର ମୂଳମନ୍ତ୍ର। ଏହାର ଅର୍ଥ ନୁହେଁ ଯେ ଦୁଃଖ ଆସିବ ନାହିଁ କି ସୁଖ ଆସିବ ନାହିଁ । ଦୁଃଖୀ ମଣିଷର ଧୈର୍ଯ୍ୟ ଧରିବା ଓ ସୁଖୀ ମଣିଷର ବିହ୍ୱଳିତ ନହେବାର ଭାବ ହିଁ କାନ୍ଦିବାଠାରୁ ଦୂରରେ ରଖିବା ।

ଭାବରେ ଭାବରେ ଆନନ୍ଦାଶ୍ରୁ ହିଁ ପ୍ରଶାନ୍ତିର ଅନ୍ୟ ରୂପ । ଭଗବାନଙ୍କୁ ଧ୍ୟାନ କଲାବେଳେ, ତାଙ୍କର ଭଜନକୀର୍ତ୍ତନ କରିବା ସମୟରେ ଯେଉଁ ଲୋତକ ବାହାରେ ତାହାହିଁ ସ୍ୱତସ୍ଫୁର୍ତ୍ତ । ଏହା ଦ୍ୱାରା ଚେତନା ଯେ ଉର୍ଦ୍ଧ୍ୱଗାମୀ ଏକଥା ନିଶ୍ଚିତ । କାରଣ ବିଭୁସତ୍ତାର ସାନିଧ୍ୟ ପାଇବା ହେଉଛି ମଣିଷର ଶେଷ ଇଚ୍ଛା । ପୁଣି ନ ପାଇପାରିବାର କ୍ଷଣରେ ଗୁହାରି କରିବା ସମୟରେ ମଧ୍ୟ ଭାବ ବିଗଳିତ ହୁଏ । ଏହା ମଧ୍ୟ କାନ୍ଦିବାର ରୂପ । ଯେକୌଣସି ମାନସିକ ଦୁଶ୍ଚିନ୍ତା ଓ ଶାରୀରିକ ପୀଡ଼ାରୁ ନିଶ୍ଚେ ଲୁହଝରେ । ଏହା ମଧ୍ୟ ସ୍ୱାଭାବିକ । କିନ୍ତୁ ଏ ସମସ୍ତର ଉପଶମ ପାଇଁ ଚେଷ୍ଟା କରିବା ଉଚିତ୍ । ଏଠାରେ କାନ୍ଦିବା ମନା । ଅସଫଳତାର ନୂଆ ପରିଭାଷା ହେଉଛି ଲୁହ ଝରିବା ।

ଅପରିଣାମଦର୍ଶିତାମାନଙ୍କର ଦୁର୍ଦ୍ଦଶା କାନ୍ଦିବାରେ ଯାଏ । ଯେପରି ବେଳହୁଁ ସାବଧାନ ହେବା ଏହାର ମାର୍ଗଦର୍ଶିକା । ବାହାଘର ବେଳେ ବାଇଗଣ ଗଛ ରୁଆ ଓ ବର୍ଷା ଆସିଲେ ଘର ଛପର କରିବା ଇତ୍ୟାଦି ଏହି ଅପରିଣାମ ଦର୍ଶନର କାର୍ଯ୍ୟାବଳୀ । ପ୍ରତିକାର ଠାରୁ ପ୍ରତିରୋଧ ହିଁ ଶ୍ରେୟସ୍କର । ଏଠାରେ କାନ୍ଦିବା ମନା ଏକ ବୈକୁଣ୍ଠପୁରୀୟ ଆବହାଓ୍ୱା । ପରିବାର ଯଦି ସୁଖଶାନ୍ତ ସୁସମ୍ପର୍କ ବର୍ଜିତ ହୁଏ, ତାହା କିପରି ବୈକୁଣ୍ଠପୁର ହେବ? ଏଣୁ ଏଠାରେ ସମସ୍ତେ କାନ୍ଦିବାକୁ ବାଧ୍ୟ। ମାଆ କାନ୍ଦେ ଲୁଚିଲୁଚିବା ଚୋର ମାଆ ଲୁଚିଲୁଚି କାନ୍ଦେର ଅର୍ଥ ଦାୟାଦର ଅପକର୍ମରେ ପିତାମାତା ଆଖିରୁ ଲୁହ ଝରାନ୍ତି । ଏହା ଏକ ସଚେତନତାର ବାର୍ତ୍ତା ।

ସାମ୍ପ୍ରତିକ ସମୟରେ ସମ୍ପର୍କର ସୂତା ଛିଡ଼ି ଯାଉଥିବା କାରଣରୁ କାନ୍ଦଣାର ପରାଭବ ବେଶି । ଝିଅ ଜନମ ତ ଶାଶୁଘରକୁର କଥାରେ କନ୍ୟାଟିଏ ବାପଘରୁ ବିଦା ହେଲା ବେଳେ ଝିଅଟି କାନ୍ଦେ ଓ ସମସ୍ତେ ଏହି ବିଦାୟକାଳୀନ ଘଟଣାରେ ଆଖିରୁ ଲୁହ ଝରାନ୍ତି । ଯଦିଓ ଆଜିକାଲି ଏହି ପାରମ୍ପାରିକ ପ୍ରଥା ପତଳା ହୋଇଛି । ତଥାପି କଷ୍ଟ ତ ଲାଗେ । ସେହିପରି ଅନ୍ୟ ବିଦାୟକାଳୀନ ଉତ୍ସବମାନଙ୍କରେ ମଧ୍ୟ କାନ୍ଦିବା ଏକ ସ୍ୱୟଂକ୍ରିୟା ପ୍ରକ୍ରିୟା, ଯେପରି ଜଣେ ଶିକ୍ଷକର ବିଦାୟକାଳୀନ ବା ସେବା ନିବୃତ୍ତ ସମୟର ଉତ୍ସବରେ ସହଶିକ୍ଷକ ଓ ଛାତ୍ରଙ୍କ ଭିତରେ ଏକ ସମ୍ବେଦନାତ୍ମକ ଭାବ ସୃଷ୍ଟି ହୁଏ। ଏଠାରେ କାନ୍ଦିବା ମନା କହିବା କଷ୍ଟକର ବ୍ୟାପାର ।

ବ୍ୟବସାୟରେ କ୍ଷତି, ଚାକିରିରେ ପଦୋନ୍ନତି ସମସ୍ୟା ଓ ପାତର ଅନ୍ତର ନୀତି ହିଁ ପୀଡ଼ିତଙ୍କ ଆଖିରେ ଲୁହ ଆଣିପାରେ । ଯେତେବେଳେ ଯେଉଁ ପରିସ୍ଥିତିରେ କାନ୍ଦିବା ଅନିର୍ବାର୍ଯ୍ୟ ହୋଇପଡ଼ିଛି, ସେଠାରେ କାନ୍ଦିବା ମନାର ପରାମର୍ଶ କାମ୍ଭ କରେନାହିଁ । ବିରହର ଫଳାଫଳ ଲୁହରେ ହିଁ ଶେଷ ହୁଏ । ଶ୍ରୀକୃଷ୍ଣଙ୍କର ମଥୁରାଗମନ ସମୟରେ ମାତା ଯଶୋଦାଙ୍କର ଅବା ପ୍ରିୟତମା ରାଧାଙ୍କର ହେଉ, ବେଦନାଶିକ୍ତ ଅଶ୍ରୁ ହିଁ ପ୍ରକାଶ୍ୟ ହେଉଥିଲା । ଏଥକୁ ଶ୍ରୀକୃଷ୍ଣଙ୍କ ଆଖିରେ ଲୁହ ନଥିଲେ ବି ଅନ୍ତରରେ ଅଶେଷ ଦୁଃଖ ପାଉଥିଲେ । କିନ୍ତୁ କର୍ମକ୍ଷେତ୍ରକୁ ଯିବାକୁ ହେବ ବୋଲି ସେ ଅପେକ୍ଷା କରିବାକୁ ନାଚାର । ଏଠାରେ ମନ୍ତ୍ରୀ ଅକ୍ରୁରଙ୍କ ଆଖିରେ ଲୁହ ହିଁ ସବୁଠାରୁ ମୂଲ୍ୟବାନ ଥିଲା । ଏଣୁ ଅନ୍ୟର ଦୁଃଖରେ ଲୁହଟୋପେ ଝରାଇବା ମହାନ ବ୍ୟକ୍ତିର ଭାବ ।

ଧୈର୍ଯ୍ୟଶୀଳ ବ୍ୟକ୍ତି, ଦାୟିତ୍ୱବାନ ବ୍ୟକ୍ତି କୌଣସି ନକରାତ୍ମକ ପରିସ୍ଥିତିରେ ଲୁହ ଗଡ଼ାନ୍ତି ନାହିଁ । କିନ୍ତୁ ଛାତିରେ କୋହଚାପି ରଖି ଲୁହକୁ ଦୀର୍ଘଶ୍ୱାସରେ ବାଷ୍ପ କରିଦିଅନ୍ତି । ଅନ୍ୟକୁ ପ୍ରବୋଧନା ଦେଉଥିବା ମଣିଷ କିପରି କାନ୍ଦିବ ଯେ! ସମସ୍ତଙ୍କୁ ଏଠାରେ କାନ୍ଦିବା ମନା କହୁଥିବା ବ୍ୟକ୍ତି କିନ୍ତୁ ଭିତରେ କାନ୍ଦେ, ଅନ୍ତରେ କାନ୍ଦେ । କାନ୍ଦିବାର ପରବର୍ତ୍ତୀ କ୍ଷଣ କିନ୍ତୁ ଶାନ୍ତ ହେବା ମୁହୂର୍ତ୍ତ। ଯେପରିକି ଝନ କମିଗଲେ ସବୁ କିଛି ଥମ୍ ହୋଇଯାଏ । ବହେ ବର୍ଷା ବରଷି ଗଲେ ଆକାଶ ଫରଚା ହୋଇଯାଏ, ସେହିପରି ଲୁହ ଝରିଗଲେ ସବୁ ଯନ୍ତ୍ରଣାର କିଛି ମାତ୍ରାରେ ଉପଶମ ହୁଏ ପୁଣି ପୁନଃ ଦୁଃଖ ବାଦଲ ଘନୀଭୂତ ହେବା ପର୍ଯ୍ୟନ୍ତ ।


*ଅନନ୍ତବିହାର, ଫେଜ୍-୨,*
*ପୋଖରୀପୁଟ, ଭୁବନେଶ୍ୱର*
*ମୋ. ୯୩୪୮୯୩୭୫୨*


# ବଙ୍ଗଳା ଦେଶରେ ପୁଣି ଅଶାନ୍ତି

■ ସୌଭାଗ୍ୟ ରଞ୍ଜନ ମହାନ୍ତି ■

**ଛା**ତ୍ର ନେତା ଶରିଫ ଓସାମନା ହାଦିଙ୍କ ହତ୍ୟାକୁ କେନ୍ଦ୍ର କରି ବଙ୍ଗଳା ଦେଶରେ ସୃଷ୍ଟି ହୋଇଥିବା ହିଂସା ଦିନକୁ ଦିନ ଉଗ୍ର ରୂପ ନେଉଥିବାବେଳେ ଦେଶର ଆଇନ-ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିବାରେ ମହମ୍ମଦ ୟୁନୁସଙ୍କ କାମଚଳା ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛି । ଗତବର୍ଷ ସଂରକ୍ଷଣ ବିରୋଧୀ ଛାତ୍ର ଆନ୍ଦୋଳନ ଦେଶବ୍ୟାପୀ ଗଣ ଆନ୍ଦୋଳନରେ ପରିଣତ ହେବା ପରେ ଗଣତାନ୍ତ୍ରିକ ପଦ୍ଧତିରେ କ୍ଷମତାସୀନ ଶେଖ ହାସିନାଙ୍କ ସରକାରର ପତନ ଏବଂ ପ୍ରଧାନମନ୍ତ୍ରୀ ହାସିନା ଦେଶ ଛାଡି ପଳାୟନ କରିବା ପରେ ସେନାବାହିନୀ ସହାୟତାରେ ଶାନ୍ତି ନୋବେଲ ବିଜୟୀ ୟୁନୁସଙ୍କ ନେତୃତ୍ୱରେ କାମଚଳା ଅନ୍ତରୀଣ ସରକାର ପ୍ରତିଷ୍ଠା ହୋଇଥିଲା । କହିବା ଯଥାର୍ଥ ହେବ ଯେ, ବଙ୍ଗଳା ଦେଶରେ ନିର୍ବାଚନ ପଦ୍ଧତିରେ ଥିବା ତ୍ରୁଟି, ଦୁର୍ବଳତା ଆଦି ବାହାର କରି ଦେଶରେ ନିର୍ବାଚନ କରାଇବା କାମଚଳା ସରକାରଙ୍କ ମୂଳ ଉଦ୍ଦେଶ୍ୟ। କିନ୍ତୁ ଏହା ପରିବର୍ତ୍ତେ ୟୁନୁସ ପରିସ୍ଥିତିକୁ ସ୍ରୋତରେ ଭାସିଯିବା ପାଇଁ ଅନୁମତି ଦେବା ସହ ନିର୍ବାଚନକୁ ସ୍ଥଗିତ ରଖିବା ଏବଂ ଅସ୍ଥିରତା ମଧ୍ୟକୁ ଠେଲି ଦେବାର କାରଣ ପାଲଟିଛନ୍ତି। ଦେଶରେ ଭାରତ-ବିରୋଧୀ ମନୋଭାବ, ତୀବ୍ର ବିଦ୍ୱେଷ ତଥା ହିନ୍ଦୁ ବିରୋଧୀ ହିଂସା ଉଗ୍ରରୂପ ନେବାରେ ଲାଗିଛି । ଦେଶରେ ଆସନ୍ତା ଫେବୃୟାରୀ ମାସରେ ପାର୍ଲିଆମେଣ୍ଟ ନିର୍ବାଚନ କରାଇବା ପାଇଁ କାମ ଚଳା ସରକାର ଦିବସ ଧାର୍ଯ୍ୟ କରିଥିବା ସତ୍ତ୍ୱେ ଏବେ ଏହା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ବୋଲି କୁହାଯାଇପାରିବ। ଆନ୍ଦୋଳନକାରୀମାନେ କେବଳ ଶେଖ ହାସିନାଙ୍କ ଆଓ୍ୱାମୀ ଲିଗ୍ ପାର୍ଟିକୁ ଟାର୍ଗେଟ କରିନାହାଁନ୍ତି, ବଙ୍ଗଳା ଦେଶର ଅନ୍ୟତମ ମୁଖ୍ୟ ବିରୋଧୀଦଳ ବଙ୍ଗଳା ଦେଶ ଜାତୀୟ ଦଳ ( ବିଏନପି) ଏବଂ ଗଣମାଧ୍ୟମ ପ୍ରତିଷ୍ଠାନ ମଧ୍ୟ ବାଦ୍ ପଡିନାହିଁ । ହିଂସାକାଣ୍ଡ ସୃଷ୍ଟିକାରୀମାନେ ଜଣେ ହିନ୍ଦୁ ଯୁବକଙ୍କୁ ପିଟିପିଟି ହତ୍ୟା କରିବା ପରେ ଗଛରେ ବାନ୍ଧି ଜାଳି ଦେଇଥିବାବେଳେ ଜଣେ ବିଏନପି ନେତାଙ୍କ ଘରେ ନିଆଁ ଲଗାଇ ଦେଇଥିଲେ, ଯେଉଁ ନିଆଁରେ ଜଣେ ୭ବର୍ଷର ଶିଶୁ କନ୍ୟା ଜୀବନ୍ତ ଦଗ୍ଧ ହୋଇଥିଲା । ଆହୁରି ମଧ୍ୟ ଆଓ୍ୱାମୀ ଲିଗ୍‌ର ନେତା, କର୍ମୀଙ୍କୁ ଜେଲରେ ପୁରାଇବା, ହତ୍ୟା କରିବା ଏବେ ଏକ ନିୟମିତ ଘଟଣାରେ ପରିଣତ ହୋଇଛି। କେବଳ ଏତିକି ନୁହେଁ, ବଙ୍ଗଳାଦେଶର ଦୁଇଟି ବହୁଳ ପ୍ରସାରିତ ସମ୍ବାଦପତ୍ର 'ପ୍ରଥମ ଆଲୋ' ଏବଂ 'ଦି ଡେଲିଷ୍ଟାର' ଭଳି ପ୍ରତିଷ୍ଠିତ ଗଣମାଧ୍ୟମ ସଂସ୍ଥା ଉପରେ ଆକ୍ରମଣ, ୨୮ଜଣ ସାମ୍ବାଦିକ ଦୀର୍ଘ ୩ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ଅଟକ ରଖିବା ଘଟଣାରୁ ହିଂସାର ଗତି କୁଆଡେ ଯାଉଛି, ତାହା ସ୍ପଷ୍ଟ ବାରି ହୋଇପଡୁଛି। ଆତତାୟୀ ଗୁଳିମାଡରେ ନିହତ ଛାତ୍ର ନେତା ହାଦି ଜଣେ ଭାରତ ବିରୋଧି ଭାବେ ଜଣାଶୁଣା। ଦେଶର ସାଂପ୍ରତିକ ଅଶାନ୍ତି, ଅସ୍ଥିରତା ପାଇଁ ସେ ଭାରତକୁ ସିଧାସଳଖ ଦାୟୀ କରିଥିଲେ। କେବଳ ହାଦି ନୁହଁନ୍ତି, ବାଂଲାର ମୌଳବାଦୀ ଏବଂ ଅନ୍ୟତମ ରାଜନୈତିକ ଦଳ ଜାମତ-ଇ- ଇସଲାମୀ ମଧ୍ୟ ଭାରତ-ବିରୋଧୀ ମନୋଭାବକୁ ତେଜୀୟାନ କରିବାରେ ଲାଗିଛି। ଏପରିକି ୧୯୭୦ ମସିହାରେ ପଶ୍ଚିମ ପାକିସ୍ଥାନ (ବର୍ତ୍ତମାନର ପାକିସ୍ଥାନ) ସହ ଯୁଦ୍ଧରେ ପୂର୍ବ-ପାକିସ୍ତାନକୁ ସହାୟତା ଦେଇ ବଙ୍ଗଳାଦେଶ ଗଠନରେ ଭାରତର ଭୂମିକା ଏବଂ ଧର୍ମ ନିରପେକ୍ଷ ତତ୍ତ୍ୱକୁ ଜାମତ-ଇ-ଇସଲାମୀ ଅସ୍ୱୀକାର କରିଛି। ଏଥିରୁ ସେମାନଙ୍କର ଭାରତ-ବିରୋଧୀ ମନୋଭାବ କେତେ ଉଗ୍ର ତାହା ସ୍ପଷ୍ଟ ଅନୁମେୟ। ଆନ୍ଦୋଳନକାରୀ ଟାର୍ଗେଟରୁ ଭାରତୀୟ କୁଟନୈତିକ କାର୍ଯ୍ୟାଳୟ ଏବଂ କୁଟନୀତିଜ୍ଞମାନେ ମଧ୍ୟ ବାଦ୍ ପଡିନାହାଁନ୍ତି। ଯେଉଁଥିପାଇଁ କି ଢାକାସ୍ଥିତ ଭିସା କାର୍ଯ୍ୟାଳୟକୁ ଭାରତ ବନ୍ଦ କରିବା ବାଧ୍ୟ ହୋଇଛି। ହାଦିଙ୍କ ହତ୍ୟାକାରୀମାନେ ଭାରତ ପଳାଇଥିବା ନେଇ ସେମାନେ ପ୍ରଚାର ଚଳାଇଛନ୍ତି। ଏପରିକି ଯେଉଁମାନେ ଶାନ୍ତି, ସ୍ଥିରତା ପ୍ରତିଷ୍ଠା ପ୍ରୟାସ କରୁଛନ୍ତି। ସେମାନଙ୍କୁ ଭାରତର ଏଜେଣ୍ଟ ଭାବେ ଚିତ୍ରିତ କରାଯାଇଛି। ଏହା ନିସନ୍ଦେହ ଯେ, ବଙ୍ଗଳାଦେଶ ଏବେ ଇସଲାମୀକ ମୌଳବାଦୀ ଗୋଷ୍ଠୀଙ୍କ ହାତମୁଠାକୁ ଚାଲିଯାଇଛି। ସ୍ୱତନ୍ତ୍ର ବଙ୍ଗଳାଦେଶ ଗଠନରେ ଭାରତର ଭୂମିକା ଏବଂ ଦୁଇଦେଶ ମଧ୍ୟରେ ରହିଥିବା ବନ୍ଧୁତ୍ୱପୂର୍ଣ୍ଣ ଦ୍ୱିପାକ୍ଷିକ ସୁସମ୍ପର୍କ ଏବେ ବ୍ୟାହତ ହୋଇଥିବାବେଳେ ଭାରତରେ ପଳାତକ ପ୍ରଧାନମନ୍ତ୍ରୀ ହାସିନାଙ୍କ ଅବସ୍ଥାନ, ପାକିସ୍ତାନ ଭଳି ଭାରତ ବିରୋଧୀ ଶକ୍ତିମାନେ ଆହୁରି ସଂକ୍ରୀୟ ହୋଇ ପରିସ୍ଥିତିକୁ ଫାଇଦା ଉଠାଇବା ପାଇଁ ସକ୍ରୀୟ ହେବା ସ୍ୱାଭାବିକ । ଏହା ନିଶ୍ଚିତ ଯେ, ପଡୋଶୀ ରାଷ୍ଟ୍ରରେ ଅଶାନ୍ତି, ଉଗ୍ର ଭାରତ ବିରୋଧି ମନୋଭାବ 'ଭାରତ' ପାଇଁ ଆଦୌ ଶୁଭଙ୍କର ନୁହେଁ। ଏଥିପ୍ରତି ଭାରତ ସଜାଗ, ସତର୍କ ରହିବା ଜରୁରୀ । ଧର୍ମ ନିରପେକ୍ଷବାଦୀ ବଙ୍ଗଳାଦେଶର ଜନସାଧାରଣ ଏହା ନଷ୍ଟ ହେବା ପୂର୍ବରୁ ଦେଶକୁ ରକ୍ଷା କରିବା ଏବେ ସବୁଠାରୁ ବଡ ଆହ୍ୱାନ ବୋଲି କୁହାଯାଇପାରେ।


*ଗାଙ୍ଗୋତ୍ରୀ ନଗର, ଶିଶୁପାଳଗଡ*
*ମୋ-୭୯୭୮୬୬୬୪୦୩*


# ସଞ୍ଚାର ସାଥୀ ଆପ୍ : ଗୋପନୀୟତା ଉପରେ ଆକ୍ରମଣ!

■ ଅସିତ ମହାନ୍ତି ■

**ସ**ଞ୍ଚାର ସାଥୀ ଆପ୍, ଗ୍ରାହକ ସୁରକ୍ଷା ଏବଂ ଠକେଇ ନିବାରଣ ପାଇଁ ଏକ ଉପକରଣ ଭାବରେ ପ୍ରଚଳିତ ହୋଇଥିଲେ ମଧ୍ୟ, ଭାରତରେ ବ୍ୟାପକ ବିତର୍କ ସୃଷ୍ଟି କରିଛି କାରଣ ଏହାର ଗୋପନୀୟତା ନଷ୍ଟ କରିବାର ସମ୍ଭାବନା, ନିରୀକ୍ଷଣ ବିସ୍ତାର କରିବା ଏବଂ ବ୍ୟକ୍ତିଗତ ଡିଭାଇସଗୁଡ଼ିକ ଉପରେ ରାଜ୍ୟ ନିୟନ୍ତ୍ରଣକୁ ସାଧାରଣ କରିବା ସମ୍ଭାବନା ରହିଛି । ଏହାର ଅସୁବିଧାଗୁଡ଼ିକ କେବଳ ବୈଷୟିକ ଚିନ୍ତାଧାରା ନୁହେଁ ବରଂ ଗଣତନ୍ତ୍ର, ଡିଜିଟାଲ୍ ଅଧିକାର ଏବଂ ନାଗରିକ ସ୍ୱାୟତ୍ତତା ପାଇଁ ବ୍ୟାପକ ପ୍ରଭାବ ମଧ୍ୟ ରହିଛି ।

ସଞ୍ଚାର ସାଥୀ ଆପ୍ ଟେଲିକମ୍ୟୁନିକେସନ୍ ବିଭାଗ (DoT) ଦ୍ୱାରା ସିମ୍ ଠକେଇକୁ ରୋକିବା, ସ୍ପାମ୍ କଲ୍ ଅବରୋଧ କରିବା ଏବଂ ବ୍ୟବହାରକାରୀମାନଙ୍କୁ ଚୋରି ଫୋନ୍ ପୁନରୁଦ୍ଧାର କରିବାରେ ସାହାଯ୍ୟ କରିବା ଲକ୍ଷ୍ୟରେ ଲଞ୍ଚ କରାଯାଇଥିଲା । ପୃଷ୍ଠରେ, ଏହି ଉଦ୍ଦେଶ୍ୟଗୁଡ଼ିକ ଏପରି ଏକ ଦେଶରେ ପ୍ରଶଂସନୀୟ ମନେହୁଏ ଯେଉଁଠାରେ ମୋବାଇଲ୍ ସମ୍ବନ୍ଧୀୟ ଠକେଇ ବ୍ୟାପକ । ତଥାପି ବିବାଦ ଆରମ୍ଭ ହୋଇଥିଲା ଯେତେବେଳେ ସରକାର ଭାରତରେ ବିକ୍ରି ହେଉଥିବା ସମସ୍ତ ଡିଭାଇସରେ ଆପ୍ ପୂର୍ବରୁ ସଂସ୍ଥାପନ କରିବାକୁ ସ୍ମାର୍ଟଫୋନ୍ ନିର୍ମାତାମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ, ଯାହା ବାଧ୍ୟତାମୂଳକ ଡିଜିଟାଲ୍ ନିର୍ଦ୍ଦେଶ ବିଷୟରେ ସତର୍କ ଘଣ୍ଟି ସୃଷ୍ଟି କରିଥିଲା । ଯଦିଓ ଟେଲିକମ୍ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ପରେ ସ୍ପଷ୍ଟ କରିଥିଲେ ଯେ ଆପ୍ ଇଚ୍ଛାଧୀନ ଏବଂ ଏହାକୁ ଡିଲିଟ୍ କରାଯାଇପାରିବ, ପ୍ରାରମ୍ଭିକ ନିର୍ଦ୍ଦେଶନାମା ନାଗରିକଙ୍କ ଡିଭାଇସରେ ସେମାନଙ୍କ ସମ୍ମତି ବିନା ସଫ୍ଟୱେର୍ ଲାଗୁ କରିବାକୁ ସରକାରଙ୍କ ଇଚ୍ଛୁକତା ପ୍ରକାଶ କରିଥିଲା । ସ୍ୱେଚ୍ଛାକୃତ ବ୍ୟବହାର ଏବଂ ବାଧ୍ୟତାମୂଳକ ସଂସ୍ଥାପନ ମଧ୍ୟରେ ଏହି ଉତ୍ତେଜନା ଗୋପନୀୟତା ବିତର୍କର ମୂଳରେ ଅଛି ।

ସଞ୍ଚାର ସାଥୀର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅସୁବିଧାଗୁଡ଼ିକ ମଧ୍ୟରୁ ଗୋଟିଏ ହେଉଛି ଏହାର ନଜର ରଖିବାର ସମ୍ଭାବନା । ସମାଲୋଚକମାନେ ଯୁକ୍ତି ଦିଅନ୍ତି ଯେ ପ୍ରତ୍ୟେକ ସ୍ମାର୍ଟଫୋନରେ ସରକାର ଦ୍ୱାରା ବିକଶିତ ଆପ୍ଲିକେସନ୍ ଏମ୍ବେଡ୍ କରି, ରାଜ୍ୟ ବ୍ୟବହାରକାରୀଙ୍କ ତଥ୍ୟକୁ ଅଭୂତପୂର୍ବ ପ୍ରବେଶ ପାଏ । ଯଦିଓ ଏହି ଆପ୍ କେବଳ ସିମ୍ କାର୍ଡ, ଠକ କଲ୍ କିମ୍ବା ଡିଭାଇସ୍ ଚିହ୍ନଟକାରୀ ସହିତ ଜଡିତ ସୂଚନା ସଂଗ୍ରହ କରିବା ପାଇଁ ଡିଜାଇନ୍ କରାଯାଇଛି, ତଥାପି ଏହାକୁ ଆବଶ୍ୟକ ଅନୁମତିଗୁଡ଼ିକ ବ୍ୟାପକ ନଜର ରଖିବାର ଦ୍ୱାର ଖୋଲିପାରେ । ବିରୋଧୀ ନେତାମାନେ ସରକାର ଏହି ଆପ୍ଲିକେସନ୍‌କୁ ନଜର ରଖିବା ପାଇଁ ଏକ ଟ୍ରୋଜନ ହର୍ସ ଭାବରେ ବ୍ୟବହାର କରୁଥିବା ଅଭିଯୋଗ କରିଛନ୍ତି, ନାଗରିକମାନଙ୍କୁ ମନେପକାଇ ଦେଇଛନ୍ତି ଯେ ଗୋପନୀୟତା ହେଉଛି ଭାରତୀୟ ସମ୍ବିଧାନ ଦ୍ୱାରା ସୁନିଶ୍ଚିତ ଏକ ମୌଳିକ ଅଧିକାର । ଭୟ କେବଳ ଆଜି ଆପ୍ କ'ଣ କରେ ତାହା ନୁହେଁ, ବରଂ ରାଜନୈତିକ ପ୍ରାଥମିକତା ପରିବର୍ତ୍ତନ କରି ଏହା କାଲି କ'ଣ ବିକଶିତ ହୋଇପାରେ ।

ଆଉ ଏକ ଅସୁବିଧା ହେଉଛି ବ୍ୟବହାରକାରୀଙ୍କ ସ୍ୱାୟତ୍ତତାର କ୍ଷୟ । ସ୍ମାର୍ଟଫୋନ୍ ହେଉଛି ଗଭୀର ଭାବରେ ବ୍ୟକ୍ତିଗତ ଡିଭାଇସ୍, ଏବଂ କେଉଁ ସଫ୍ଟୱେର୍ ସଂସ୍ଥାପିତ ହେବା ଆବଶ୍ୟକ ତାହା ସରକାର ନିର୍ଦ୍ଦେଶ ଦେଇପାରିବେ ତାହା ଡିଜିଟାଲ୍ ଆତ୍ମନିର୍ଣ୍ଣୟର ନୀତିକୁ କ୍ଷୁଣ୍ଣ କରେ । ବ୍ୟବହାରକାରୀମାନେ ଆପ୍ ଡିଲିଟ୍ କରିପାରିବେ ବୋଲି ସ୍ପଷ୍ଟୀକରଣ ସହିତ ମଧ୍ୟ, ପୂର୍ବ-ସଂସ୍ଥାପନର ଉଦାହରଣ ଚିନ୍ତାଜନକ । ଏହା ସଙ୍କେତ ଦିଏ ଯେ ରାଜ୍ୟ ପ୍ରଯୁକ୍ତିର ବ୍ୟକ୍ତିଗତ ବଜାରରେ ହସ୍ତକ୍ଷେପ କରିପାରିବ, ନିର୍ମାତାମାନଙ୍କୁ ଲକ୍ଷ ଲକ୍ଷ ଗ୍ରାହକଙ୍କୁ ପ୍ରଭାବିତ କରୁଥିବା ନିର୍ଦ୍ଦେଶାବଳୀ ପାଳନ କରିବାକୁ ବାଧ୍ୟ କରିବ । ସାର୍ବଜନୀନ ନିୟମ ଏବଂ ବ୍ୟକ୍ତିଗତ ପସନ୍ଦ ମଧ୍ୟରେ ସୀମାର ଏହି ଝାପ୍ସାତା ସୁରକ୍ଷା ନାମରେ ଅନୁପ୍ରବେଶକାରୀ ଅଭ୍ୟାସଗୁଡ଼ିକୁ ସାଧାରଣ କରିବା ବିପଦ ସୃଷ୍ଟି କରେ ।

ଏହି ଆପ୍ ଡାଟା ପରିଚାଳନା ଏବଂ ସାଇବର ସୁରକ୍ଷା ବିପଦ ବିଷୟରେ ମଧ୍ୟ ଚିନ୍ତା ସୃଷ୍ଟି କରେ । ସାଇବର ସୁରକ୍ଷା ବିଶେଷଜ୍ଞମାନେ ବିଭାଜିତ: କେତେକ ସଞ୍ଚାର ସାଥୀଙ୍କୁ ଠକେଇର ମୁକାବିଲା ପାଇଁ ଏକ ଆବଶ୍ୟକୀୟ ଉପକରଣ ଭାବରେ ଦେଖନ୍ତି, ଯେତେବେଳେ ଅନ୍ୟମାନେ ଚେତାବନୀ ଦିଅନ୍ତି ଯେ ଖରାପ ଭାବରେ କାର୍ଯ୍ୟକାରୀ ହୋଇଥିବା ସରକାରୀ ଆପ୍ ନିଜେ ଦୁର୍ବଳତାରେ ପରିଣତ ହୋଇପାରେ । ଯଦି ଆପ୍ ସମ୍ବେଦନଶୀଳ ଚିହ୍ନଟକାରୀ କିମ୍ବା ଯୋଗାଯୋଗ ମେଟାଡାଟା ସଂଗ୍ରହ କରେ, ତେବେ ଏହି ତଥ୍ୟ କେତେ ସୁରକ୍ଷିତ ଭାବରେ ସଂରକ୍ଷଣ କରାଯାଇଛି, କାହାର ଏଥିରେ ପ୍ରବେଶ ଅଛି ଏବଂ ଏହାର ଅପବ୍ୟବହାର ହୋଇପାରେ କି ନାହିଁ ସେ ବିଷୟରେ ପ୍ରଶ୍ନ ଉଠେ । ଭାରତରେ ଏପର୍ଯ୍ୟନ୍ତ ଏକ ସମ୍ପୂର୍ଣ୍ଣ ଦୃଢ଼ ଡାଟା ସୁରକ୍ଷା ବ୍ୟବସ୍ଥା ନାହିଁ, ଏବଂ ଦୃଢ଼ ସୁରକ୍ଷା ବ୍ୟବସ୍ଥାର ଅନୁପସ୍ଥିତି ଅପବ୍ୟବହାର, ଲିକ୍ କିମ୍ବା ଅନଧିକୃତ ନିରୀକ୍ଷଣର ବିପଦକୁ ବୃଦ୍ଧି କରେ ।

ଯାନ୍ତ୍ରିକ ସମସ୍ୟା ବ୍ୟତୀତ, ସଞ୍ଚାର ସାଥୀ ବିବାଦ ଡିଜିଟାଲ୍ ଶାସନର ରାଜନୈତିକ ଦିଗକୁ ଉଜାଗର କରେ । ପୂର୍ବ-ସଂସ୍ଥାପନ ପାଇଁ ସରକାରଙ୍କ ଚାପ ମେସେଜିଂ ଆପ୍ ପାଇଁ ସିମ୍-ବାଇଣ୍ଡିଂ ଭଳି ଅନ୍ୟାନ୍ୟ ପଦକ୍ଷେପ ସହିତ ମେଳ ଖାଏ, ଯାହା ଡିଜିଟାଲ୍ ଯୋଗାଯୋଗର କଠୋର ନିୟନ୍ତ୍ରଣ ଆଡ଼କୁ ଏକ ବ୍ୟାପକ ପରିବର୍ତ୍ତନକୁ ସଙ୍କେତ ଦିଏ । ନାଗରିକମାନଙ୍କ ପାଇଁ, ଏହା ଭବିଷ୍ୟତର ଆଶଙ୍କା ସୃଷ୍ଟି କରେ ଯେଉଁଠାରେ ପ୍ରତ୍ୟେକ କଲ୍, ବାର୍ତ୍ତା କିମ୍ବା ଡିଭାଇସ୍ କେନ୍ଦ୍ରୀକୃତ ସିଷ୍ଟମ ମାଧ୍ୟମରେ ଟ୍ରେସେବଲ୍ ହେବ । ଜାତୀୟ ସୁରକ୍ଷା କିମ୍ବା ଠକେଇ ନିବାରଣର ବାକଚାତୁରୀ ଅଧୀନରେ ଏପରି ପଦକ୍ଷେପଗୁଡ଼ିକୁ ଯଥାର୍ଥ କରାଯାଇପାରେ, କିନ୍ତୁ ଏହା ଭିନ୍ନମତ, ଗୁପ୍ତ ନାମ ଏବଂ ମୁକ୍ତ ମତବ୍ୟକ୍ତ ପାଇଁ ସ୍ଥାନକୁ ସଙ୍କୁଚିତ କରିବାର ଆଶଙ୍କା ମଧ୍ୟ ସୃଷ୍ଟି କରେ । ଏକ ଗଣତନ୍ତ୍ରରେ, ସୁରକ୍ଷା ଏବଂ ସ୍ୱାଧୀନତା ମଧ୍ୟରେ ସନ୍ତୁଳନକୁ ସତର୍କତାର ସହିତ ବଜାୟ ରଖିବାକୁ ପଡିବ, ଏବଂ ସମାଲୋଚକମାନେ ଯୁକ୍ତି ଦିଅନ୍ତି ଯେ ସଞ୍ଚାର ସାଥୀ ନିୟନ୍ତ୍ରଣ ଆଡ଼କୁ ବିପଜ୍ଜନକ ଭାବରେ ସନ୍ତୁଳନକୁ ଢଳାଇ ଦିଏ ।

ଆପ୍ର ଅସୁବିଧାଗୁଡ଼ିକ ବିଶ୍ୱାସ ଏବଂ ବୈଧତାକୁ ମଧ୍ୟ ବିସ୍ତାର କରେ । ଯେତେବେଳେ ନାଗରିକମାନେ ଅନୁଭବ କରନ୍ତି ଯେ ଏକ ସରକାରୀ ଉପକରଣ ସେମାନଙ୍କ ଉପରେ ବାଧ୍ୟ କରାଯାଉଛି, ଯଦିଓ ପରେ ଏହାକୁ ଇଚ୍ଛାଧୀନ ଭାବରେ ସ୍ପଷ୍ଟ କରାଯାଏ, ଏହା ଉପକରଣ ଏବଂ ଏହା ପଛରେ ଥିବା ସଂସ୍ଥାଗୁଡ଼ିକ ଉପରେ ବିଶ୍ୱାସକୁ କ୍ଷୁଣ୍ଣ କରେ । ପ୍ରଭାବଶାଳୀ ଡିଜିଟାଲ୍ ଶାସନ ପାଇଁ ବିଶ୍ୱାସ ଅତ୍ୟାବଶ୍ୟକ: ଲୋକମାନେ ବିଶ୍ୱାସ କରିବାକୁ ପଡିବ ଯେ ସିଷ୍ଟମଗୁଡ଼ିକ ସେମାନଙ୍କର ଲାଭ ପାଇଁ ଡିଜାଇନ୍ କରାଯାଇଛି, ଲୁକ୍କାୟିତ ଏଜେଣ୍ଡା ପାଇଁ ନୁହେଁ । ସଞ୍ଚାର ସାଥୀଙ୍କ ବିରୁଦ୍ଧରେ ପ୍ରତିକ୍ରିୟା ଦର୍ଶାଏ ଯେ ସ୍ୱଚ୍ଛତାର ଅଭାବ ଥିଲେ ବିଶ୍ୱାସ କେତେ ଶୀଘ୍ର ଭାଙ୍ଗି ପଡ଼ିପାରେ । ଲିକ୍ ହୋଇଥିବା ରିପୋର୍ଟ, ବିରୋଧୀ ସମାଲୋଚନା ଏବଂ ଜନସାଧାରଣଙ୍କ ସନ୍ଦେହ ଏକ ବୈଧତା ସଙ୍କଟକୁ ଇଙ୍ଗିତ କରେ ଯାହା ଆପ୍ର ଉଲ୍ଲେଖିତ ଲକ୍ଷ୍ୟଗୁଡ଼ିକୁ ଦୁର୍ବଳ କରେ ।

ଶେଷରେ, ନିରୀକ୍ଷଣ ସଂସ୍କୃତିକୁ ସାଧାରଣ କରିବାର ବ୍ୟାପକ ଅସୁବିଧା ଅଛି । ଯଦିଓ ସଞ୍ଚାର ସାଥୀ ଏହାର ବର୍ତ୍ତମାନର ରୂପରେ ସୌଜନ୍ୟପୂର୍ଣ୍ଣ, ଏହାର ଅସ୍ତିତ୍ୱ ବ୍ୟକ୍ତିଗତ ପ୍ରଯୁକ୍ତିବିଦ୍ୟାରେ ରାଷ୍ଟ୍ରର ପ୍ରବେଶକୁ ଧୀରେ ଧୀରେ ଗ୍ରହଣ କରିବାରେ ସାହାଯ୍ୟ କରେ । ନାଗରିକମାନେ ସରକାରୀ ଆପ୍‌ଗୁଡ଼ିକୁ ଅନିବାର୍ଯ୍ୟ ଭାବରେ ଦେଖିବା ଆରମ୍ଭ କରିପାରନ୍ତି, ସୁବିଧା କିମ୍ବା ସୁରକ୍ଷା ବଦଳରେ ନିଜକୁ ହ୍ରାସିତ ଗୋପନୀୟତାରେ ଛାଡି ଦିଅନ୍ତି । ଏହି ସାଂସ୍କୃତିକ ପରିବର୍ତ୍ତନ ହୁଏତ ସବୁଠାରୁ କପଟପୂର୍ଣ୍ଣ ଅସୁବିଧା: ଏହା ଗୋପନୀୟତାର ଆଶାକୁ କ୍ଷୁଣ୍ଣ କରେ, ଭବିଷ୍ୟତର ଅନୁପ୍ରବେଶକୁ ଯଥାର୍ଥ କରିବା ସହଜ ଏବଂ ପ୍ରତିରୋଧ କରିବା କଷ୍ଟକର କରିଥାଏ ।

ଶେଷରେ, ସଂଚାର ସାଥୀ ଆପ୍ ଆଧୁନିକ ଡିଜିଟାଲ୍ ଶାସନର ବିରୋଧାଭାସକୁ ପ୍ରତିପାଦନ କରେ । ଏହା ଠକେଇ ଏବଂ ସାଇବର ଅପରାଧ ବିରୁଦ୍ଧରେ ସୁରକ୍ଷା ପ୍ରତିଶ୍ରୁତି ଦିଏ, ତଥାପି ଏହା ଏକକାଳୀନ ଗୋପନୀୟତା, ସ୍ୱାୟତ୍ତତା ଏବଂ ବିଶ୍ୱାସକୁ ବିପଦରେ ପକାଇଥାଏ । ଏହାର ଅସୁବିଧାଗୁଡ଼ିକ କେବଳ ବୈଷୟିକ ତ୍ରୁଟି ପର୍ଯ୍ୟନ୍ତ ସୀମିତ ନୁହେଁ ବରଂ ଭାରତୀୟ ଗଣତନ୍ତ୍ରର ରାଜନୈତିକ ଏବଂ ସାଂସ୍କୃତିକ ଗଠନ ପର୍ଯ୍ୟନ୍ତ ବିସ୍ତାରିତ । ପ୍ରାକ୍-ସଂସ୍ଥାପନକୁ ବାଧ୍ୟତାମୂଳକ କରି, ସଂକ୍ଷେପରେ ମଧ୍ୟ, ସରକାର ସମ୍ମତି ଉପରେ ନିୟନ୍ତ୍ରଣକୁ ପ୍ରାଥମିକତା ଦେବାକୁ ନିଜର ଇଚ୍ଛା ପ୍ରକାଶ କରିଛନ୍ତି । ନିରୀକ୍ଷଣ, ତଥ୍ୟ ପରିଚାଳନା ଏବଂ ବୈଧତା ବିଷୟରେ ପ୍ରଶ୍ନ ଉଠାଇ, ଆପ୍ ଡିଜିଟାଲ୍ ଯୁଗରେ ସୁରକ୍ଷା ଏବଂ ସ୍ୱାଧୀନତା ମଧ୍ୟରେ ବୃହତ ସଂଘର୍ଷର ପ୍ରତୀକ ପାଲଟିଛି । ନାଗରିକମାନଙ୍କ ପାଇଁ, ସଞ୍ଚାର ସାଥୀ ବିଷୟରେ ବିତର୍କ କେବଳ ଗୋଟିଏ ଆପ୍ ବିଷୟରେ ନୁହେଁ - ଏହା ଏକ ବର୍ଦ୍ଧିତ ସଂଯୁକ୍ତ ବିଶ୍ୱରେ ଗୋପନୀୟତାର ଭବିଷ୍ୟତ, ରାଷ୍ଟ୍ର କ୍ଷମତାର ସୀମା ଏବଂ ଗଣତାନ୍ତ୍ରିକ ଅଧିକାରର ସ୍ଥିରତା ବିଷୟରେ ।


*ସୁଜନପୁର, ଯାଜପୁର*
*ମୋ. ୯୪୩୭୨୮୮୦୨୮*





# ଚକିତ କଳାଭଳି ଚର୍ଚ୍ଚ

ଚାରିଆଡେ ବଡ଼ଦିନ ଉତ୍ସବ ମାହୋଲ୍ । ଆଗାମୀ ଜାନୁଆରୀ ୬ ତାରିଖ ପର୍ଯ୍ୟନ୍ତ ଚାଲିବ ବଡ଼ଦିନ ପର୍ବ ପାଳନ । ବଡ଼ଦିନ କେବଳ ଖ୍ରୀଷ୍ଟ ଅନୁଗାମୀମାନଙ୍କର ପର୍ବ ନୁହେଁ ଅନ୍ୟଧର୍ମର ଲୋକମାନେ ମଧ୍ୟ ଏହି ପର୍ବରେ ଆଗ୍ରହର ସହ ଭାଗନେଇଥାନ୍ତି । ଏହି ଅବସରରେ ଆସନ୍ତୁ ଜାଣିବା ବିଶ୍ୱର କିଛି ଅନନ୍ୟ ତଥା ସୁନ୍ଦର ଚର୍ଚ୍ଚଗୁଡ଼ିକ ବିଷୟରେ ।





### ସାଗ୍ରାଡା ଫାମିଲିଆ ବାର୍ସେଲୋନା, ସ୍ପେନ୍

ସ୍ପେନ୍‌ର କାଟାଲୋନିଆ ପ୍ରଦେଶର ବାର୍ସେଲୋନା ସହରରେ ଅଛି ଏହି ବିଶାଳ ରୋମାନ୍ କ୍ୟାଥଲିକ୍ ଚର୍ଚ୍ଚ । କାଲାଟନ୍ ପ୍ରଦେଶର ବିଖ୍ୟାତ ସ୍ଥପତି ଆଣ୍ଟୋନି ଗୌଡ଼ି ଏହି ଚର୍ଚ୍ଚର ଡିଜାଇନ୍ ପ୍ରସ୍ତୁତ କରିଥିଲେ । ୧୮୮୨ ମସିହାରେ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ଏ ପର୍ଯ୍ୟନ୍ତ ଏହା ସମ୍ପୂର୍ଣ୍ଣ ହୋଇନାହିଁ । ଅସମ୍ପୂର୍ଣ୍ଣ ହୋଇଥିଲେ ମଧ୍ୟ ଏହା ୟୁନେସ୍କୋ ଦ୍ୱାରା ବିଶ୍ୱ ଐତିହ୍ୟସ୍ଥଳର ମାନ୍ୟତା ପାଇଛି । ବିଶ୍ୱର ଅନ୍ୟତମ ସୁନ୍ଦର ଓ ଆକର୍ଷକ ଚର୍ଚ୍ଚ ଭାବରେ ଗ୍ରହଣ କରାଯାଏ ଏହାକୁ ।

### ସେଣ୍ଟ ବାସିଲ୍‌ସ କାଥେଡ୍ରାଲ୍ ମସ୍କୋ, ରୁଷିଆ

ମସ୍କୋର ରେଡ୍‌ସ୍କୋୟାରରେ ଅବସ୍ଥିତ ଏହି ବିଖ୍ୟାତ ଚର୍ଚ୍ଚ । ଏହା ସହରର ଜ୍ୟାମିତୀୟ କେନ୍ଦ୍ରସ୍ଥଳ ତଥା ଋଷର ଅନ୍ୟତମ ପ୍ରସିଦ୍ଧ ସ୍ଥାନ । ୧୫୫୫ରୁ ୧୫୬୧ ମସିହା ମଧ୍ୟରେ ଏହା ନିର୍ମିତ ହୋଇଥିଲା ।

### ନୋଟ୍ରେ ଡେମ୍ ଡି’ପ୍ୟାରିସ୍ ପ୍ୟାରିସ୍, ଫ୍ରାନ୍ସ

ନୋଟ୍ରେ ଡେମ୍ କ୍ୟାଥେଡ୍ରାଲ୍ ୟୁରୋପର ସବୁଠାରୁ ପ୍ରସିଦ୍ଧ ତଥା ସୁନ୍ଦର ଚର୍ଚ୍ଚ ମଧ୍ୟରୁ ଅନ୍ୟତମ । ଏହାର କାରୁକାର୍ଯ୍ୟପୂର୍ଣ୍ଣ କାନ୍ଥ, ଟାୱାର, ଶିଖର ଓ କାଚରେ ଏହାର ସାଜସଜ୍ଜା ଏହାକୁ ଅତି ଆକର୍ଷକ କରିଦେଇଛି । ପ୍ୟାରିସ୍‌ର ଏହା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନ । ସୌନ୍ଦର୍ଯ୍ୟପ୍ରେମୀଙ୍କ ମଧ୍ୟ ନୋଟ୍ରେଡେମ୍ କ୍ୟାଥେଡ୍ରାଲ୍ ପ୍ୟାରିସ୍‌ର ସୌନ୍ଦର୍ଯ୍ୟକୁ ବହୁଗୁଣିତ କରୁଛି । ଏହି ଚର୍ଚ୍ଚ ମଧ୍ୟଯୁଗୀୟ ଫ୍ରାନ୍ସର ହୃଦୟସ୍ଥଳ ଥିଲା । ଏହି ଚର୍ଚ୍ଚର ନିର୍ମାଣ କାର୍ଯ୍ୟ ପ୍ରାୟ ୧୦୦ ବର୍ଷ ଲାଗି ରହିଥିଲା ।



### ସେଣ୍ଟ ପିଟର୍ସ ବାସିଲିକା ରୋମ୍, ଇଟାଲୀ

୧୫୦୬ ମସିହାରୁ ୧୬୧୫ ମଧ୍ୟରେ ରୋମ୍‌ର ଏହି ବିଖ୍ୟାତ ଚର୍ଚ୍ଚ ନିର୍ମିତ ହୋଇଥିଲା । ଏହା ବିଶ୍ୱର ସର୍ବବୃହତ୍ତମ ଚର୍ଚ୍ଚଗୁଡ଼ିକ ମଧ୍ୟରୁ ଅନ୍ୟତମ । ଏହାର ଉଚ୍ଚତା ପ୍ରାୟ ୧୩୬.୫୭ ମିଟର । ଏହାର ମୁଖ୍ୟ ଗମ୍ବୁଜର ଡିଜାଇନ୍ ୧୫୪୭ରେ ରୋମ୍‌ର ବିଖ୍ୟାତ ସ୍ଥପତି ମାଇକେଲଆଞ୍ଜେଲୋ ପ୍ରସ୍ତୁତ କରିଥିଲେ । ରୋମ୍ ଓ ଇଟାଲୀର ଏହା ମୁଖ୍ୟ ପର୍ଯ୍ୟଟନସ୍ଥଳ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ରୋମାନ୍ କ୍ୟାଥଲିକ୍ ଖ୍ରୀଷ୍ଟ ଅନୁଗାମୀ ଗୋଷ୍ଠୀ ପାଇଁ ଏହା ପବିତ୍ରତମ ସ୍ଥାନ । ଏହି ଚର୍ଚ୍ଚ ରହିଛି ରୋମ୍ ମଧ୍ୟରେ ଥିବା ଭଟିକାନ୍ ସିଟି ମଧ୍ୟରେ । ଏହା ରୋମାନ୍ କ୍ୟାଥଲିକ୍ ଧର୍ମାବଲମ୍ବୀଙ୍କ ସର୍ବୋଚ୍ଚ ଧାର୍ମିକ ଗୁରୁ ପୋପ୍‌ଙ୍କ ସ୍ଥାନ ।



### ଓ୍ୱେଷ୍ଟମିନିଷ୍ଟର ଆବେ ଲଣ୍ଡନ୍, ଇଂଲଣ୍ଡ

ଲଣ୍ଡନର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ହେଉଛି ଓ୍ୱେଷ୍ଟମିନିଷ୍ଟର ଆବେ । ଇଂଲଣ୍ଡ ରାଜବଂଶର ମୁଖ୍ୟ ଆବାସ ଓ୍ୱେଷ୍ଟମିନିଷ୍ଟର ପ୍ରସାଦରେ ରହିଛି ଏହି ବିଶାଳ ଗୋଥିକ ଚର୍ଚ୍ଚ ।

ଯୁକ୍ତରାଜ୍ୟ ବ୍ରିଟେନ୍‌ର ସବୁଠାରୁ ପ୍ରଭାବଶାଳୀ ଧାର୍ମିକ ସ୍ଥାପତ୍ୟ ଏହା । ଦଶମ ଶତାବ୍ଦୀରେ ନିର୍ମିତ ହୋଇଥିବା ଏହି ଚର୍ଚ୍ଚ ୟୁନେସ୍କୋ ଦ୍ୱାରା ବିଶ୍ୱ ଐତିହ୍ୟ ସ୍ଥଳର ମାନ୍ୟତା ପାଇଛି । ବ୍ରିଟେନ୍ ରାଜବଂଶର ସମସ୍ତ ବିବାହ ଓ ଅନ୍ତ୍ୟେଷ୍ଟି ଏହି ଚର୍ଚ୍ଚ ପରିସରରେ ଅନୁଷ୍ଠିତ ହୁଏ ।

### ସେଣ୍ଟ ପଲ୍‌ସ କ୍ୟାଥେଡ୍ରାଲ୍ ଲଣ୍ଡନ, ଇଂଲଣ୍ଡ

ଇଂଲଣ୍ଡର ମୁଖ୍ୟ ଚର୍ଚ୍ଚ ଏହା । ଲଣ୍ଡନରେ ଏକ ଛୋଟ ପାହାଡ଼ ଉପରେ ଥିବା ଏହି ଚର୍ଚ୍ଚ ସହରର ଉଚ୍ଚତମ ସ୍ଥାନ । ୬୦୪ ଖ୍ରୀଷ୍ଟାବ୍ଦରୁ ରହିଥିବା ଏହି ଚର୍ଚ୍ଚ ଯିଶୁଖ୍ରୀଷ୍ଟଙ୍କ ଶିଷ୍ୟ ସେଣ୍ଟ ପଲ୍‌ଙ୍କ ଉଦ୍ଦେଶ୍ୟରେ ସମର୍ପିତ । ବର୍ତ୍ତମାନ ଯେଉଁ ଚର୍ଚ୍ଚ ଅଛି ତାହା ସପ୍ତଦଶ ଶତାବ୍ଦୀରେ ପୁନଃନିର୍ମିତ ହୋଇଥିଲା ।

### ଚର୍ଚ୍ଚ ଅଫ୍ ଦି ନେଟିଭିଟି ବେଥଲହାମ୍, ଇସ୍ରାଏଲ୍

ବିଶ୍ୱର ଅନ୍ୟତମ ପୁରାତନ ଓ ବିଖ୍ୟାତ ଚର୍ଚ୍ଚ ମଧ୍ୟରୁ ଅନ୍ୟତମ ଏହି ଚର୍ଚ୍ଚ ଅଫ୍ ଦି ନେଟିଭିଟି । ଏହି ଚର୍ଚ୍ଚ ସୁନ୍ଦର ଏବଂ ଅନେକ ଧାର୍ମିକ କାରଣରୁ ସାରା ବିଶ୍ୱର ଖ୍ରୀଷ୍ଟ ଅନୁଗାମୀମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ । ଏହାର ଐତିହାସିକ ମହତ୍ତ୍ୱ ମଧ୍ୟ ରହିଛି । ଖ୍ରୀଷ୍ଟ ଧର୍ମାବଲମ୍ବୀମାନେ ଏହା ଯିଶୁଙ୍କ ଜନ୍ମସ୍ଥାନ ବୋଲି ମାନନ୍ତି । ରୋମ୍‌ର ଶାସକ କନଷ୍ଟାଣ୍ଟାଇନ୍ ଓ ତାଙ୍କ ମା’ ହେଲେନା ଯେଉଁ ଗୁମ୍ଫା ମଧ୍ୟରେ ଯିଶୁ ଜନ୍ମଗ୍ରହଣ କରିଥିବାର ବିଶ୍ୱାସ ରହିଥିଲା ସେଠାରେ ଏହି ଚର୍ଚ୍ଚ ନିର୍ମାଣ କରିଥିଲେ । ବର୍ତ୍ତମାନ ଏହା ବିଶ୍ୱ ଐତିହ୍ୟ ତାଲିକାରେ ସ୍ଥାନ ପାଇଛି । ଏହି ସ୍ଥାନ ପାଲେଷ୍ଟାଇନ୍ ନିୟନ୍ତ୍ରଣାଧୀନ ଇସ୍ରାଏଲ୍‌ରେ ରହିଛି ।

### ଚର୍ଚ୍ଚ ଅଫ୍ ହୋଲି ସେପ୍‌ଲକ୍ରେ ଜେରୁଜେଲମ୍, ଇସ୍ରାଏଲ୍

ଚର୍ଚ୍ଚ ଅଫ୍ ହୋଲି ସେପଲ୍‌କ୍ରେକୁ ଚର୍ଚ୍ଚ ଅଫ୍ ରିସ୍‌ର୍କେସନ୍ ମଧ୍ୟ କୁହାଯାଏ । ପୁରାତନ ଜେରୁଜେଲମ୍ ସହରର ଖ୍ରୀଷ୍ଟିଆନ୍ କ୍ୱାର୍ଟରରେ ଏହି ଚର୍ଚ୍ଚ ଅବସ୍ଥିତ । ଗୋଲଗାଥା ପାହାଡ଼ ବା ହିଲ୍ ଅଫ୍ କାଲ୍‌ଭାରିର ଏହି ସ୍ଥାନରେ ଯିଶୁଙ୍କୁ କ୍ରୁଶବିଦ୍ଧ କରାଯାଇଥିଲା ଓ କବର ଦିଆଯାଇଥିଲା । ଜେରୁଜେଲମ୍‌ର ଏହା ଅନ୍ୟତମ ମୁଖ୍ୟ ଆକର୍ଷଣ । ଖ୍ରୀଷ୍ଟିଆନ୍‌ମାନଙ୍କ ପାଇଁ ଏହା ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ତୀର୍ଥସ୍ଥାନ । ଏହି ଚର୍ଚ୍ଚରେ ଯିଶୁଙ୍କ କବର ରହିଛି ଏବଂ ସେ ଏହି ସ୍ଥାନରେ କବରରୁ ପୁଣିଥରେ ଉଠିଥିଲେ ।

### ସେଣ୍ଟ ମାର୍କ ବାସିଲିକା ଭେନିସ୍, ଇଟାଲୀ

ବୈଜାଣ୍ଟାଇନ୍ ସ୍ଥାପତ୍ୟ କଳାରେ ସମୃଦ୍ଧ ଏହି ଚର୍ଚ୍ଚ । ଏହା ଇଟାଲୀର ଅନ୍ୟତମ ପ୍ରମୁଖ ଚର୍ଚ୍ଚ ଓ ଭେନିସ୍ ସହରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନ । ୧୬୫୦ ମସିହାରେ ଏହି ଚର୍ଚ୍ଚ ନିର୍ମିତ ହୋଇଛି । ଏହା ଭେନିସ୍‌କୁ ଆସୁଥିବା ପର୍ଯ୍ୟଟକମାନଙ୍କ ପାଇଁ ମୁଖ୍ୟ ଆକର୍ଷଣ ।

### ହାଗିଆ ସୋଫିଆ ଚର୍ଚ୍ଚ ଇସ୍ତାନବୁଲ୍, ତୁର୍କୀ

ପ୍ରଥମେ ଏହା ଥିଲା ଗ୍ରୀକ୍ ଅର୍ଥୋଡକ୍ସ ପାଟ୍ରିଏକାଲ୍ ଚର୍ଚ୍ଚ । ପରେ ଏହା ରାଜକୀୟ ମସ୍‌ଜିଦ୍ ପାଲଟିଲା । ଏବେ ଏହା ଏକ ସଂଗ୍ରହାଳୟର ରୂପ ନେଇଛି । ୫୩୭ ମସିହାରୁ ୧୪୫୩ ମସିହା ପର୍ଯ୍ୟନ୍ତ ଏହା ଇଷ୍ଟର୍ଣ୍ଣ ଅର୍ଥୋଡକ୍ସ ଚର୍ଚ୍ଚ ଥିଲା । ତେବେ ଏ ମଧ୍ୟରେ ରୋମ୍ ସାମ୍ରାଜ୍ୟର ଆଧିପତ୍ୟ ସମୟରେ ଏହାକୁ ୧୨୦୪ରୁ ୧୨୬୧ ପର୍ଯ୍ୟନ୍ତ ରୋମାନ୍ କ୍ୟାଥଲିକ୍ ଚର୍ଚ୍ଚରେ ବଦଳାଇ ଦିଆଗଲା । ଏହି ଚର୍ଚ୍ଚ ୧୪୫୩ରୁ ୧୯୩୧ ମସିହା ପର୍ଯ୍ୟନ୍ତ ମସ୍‌ଜିଦ୍ ଭାବରେ କାର୍ଯ୍ୟ କଲା । ଏହା ବୈଜାଣ୍ଟିନ୍ ସ୍ଥାପତ୍ୟର ଅନ୍ୟତମ ଶ୍ରେଷ୍ଠ ନମୁନା ଭାବରେ ପରିଚିତ । ବୈଜାଣ୍ଟିନ୍ ସମ୍ରାଟ୍ ଜଷ୍ଟିନିନ୍ ଏହି ଚର୍ଚ୍ଚର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିଥିଲେ ।

ଏହାପରେ ଏହି ସୁନ୍ଦର ସ୍ମାରକକୁ ଧର୍ମନିରପେକ୍ଷ ଘୋଷଣା କରାଯାଇ ୧୯୩୫ରେ ଏହାକୁ ସଂଗ୍ରହାଳୟରେ ପରିଣତ କରାଗଲା । ବର୍ତ୍ତମାନ ଏହା ସଂଗ୍ରହାଳୟ ଭାବରେ ପରିଚିତ ।









---

# ଶକ୍ତିର ବିନିଯୋଗ ଅପେକ୍ଷା ସଂରକ୍ଷଣ ଜରୁରୀ



ଜୀବଜଗତର ସୃଷ୍ଟି, ସ୍ଥିତି ଓ ବିକାଶ ପାଇଁ ଶକ୍ତି ଏକାନ୍ତ ଅପରିହାର୍ଯ୍ୟ । ପ୍ରାକୃତିକ ଶକ୍ତିକୁ ଭିନ୍ନ ଭିନ୍ନ କାର୍ଯ୍ୟକାରୀ ଶକ୍ତିରେ ରୂପାନ୍ତରିତ କରି ମାନବ ହୁଏ ଗତିଶୀଳ । ମାତ୍ର ଅତ୍ୟଧିକ ଶକ୍ତି ବିନିଯୋଗରୁ ରୂପାନ୍ତରିତ ଶକ୍ତିର ଅଭାବ ଦେଖାଯାଏ, ଯାହାକୁ କୁହାଯାଏ ଶକ୍ତି ସଂକଟ । ଶକ୍ତିର ବ୍ୟବହାର ଦ୍ୱାରା ପ୍ରାଣୀ ବା ବସ୍ତୁ କାର୍ଯ୍ୟକ୍ଷମ ଓ ଚଳନକ୍ଷମ ହୋଇଥାଏ । ଶକ୍ତି ବିକାଶର ଚାବିକାଠି । ଆମମାନଙ୍କ ଘରେ, ଶିଳ୍ପ ତଥା କଳକାରଖାନାରେ, କୃଷି ଓ ପରିବହନ କ୍ଷେତ୍ରରେ ନୂତନ ଉପକରଣର ବହୁଳ ବ୍ୟବହାର ଏବଂ ଉତ୍ପାଦନର ବୃଦ୍ଧି ତଥା ଆରାମଦାୟକ ଓ ସୁବିଧାଜନକ ଜୀବନଶୈଳୀରେ ଅଧିକରୁ ଅଧିକ ଆଗ୍ରହ ଯୋଗୁ ଶକ୍ତିର ଚାହିଦା ଦିନକୁ ଦିନ ବଢ଼ିଚାଲିଛି । ଏହି ଶକ୍ତି କେଉଁଠାରୁ ଆସେ, କିପରି ଆସେ, ଏହା କେତେ ପରିମାଣରେ ଗଚ୍ଛିତ ଅଛି, ଏସବୁ ବିଷୟକୁ ଚିନ୍ତା ନ କରି ଆମେ ପ୍ରତିଦିନ, ପ୍ରତି ମୁହୂର୍ତ୍ତରେ ଶକ୍ତିର ଅପଚୟ କରିଚାଲିଛୁ । ଆମ ପୃଥିବୀର ଜୀବାଶ୍ମ ଇନ୍ଧନର ଭଣ୍ଡାର ଆସନ୍ତା କେଇ ଦଶକ ମଧ୍ୟରେ ସମାପ୍ତ ହୋଇଯିବ । ଏ କଥା ଆମମାନଙ୍କୁ ଜଣାଥିଲେ ମଧ୍ୟ ଆମେ ସତର୍କତା ଅବଲମ୍ବନ କରିବା ପରିବର୍ତ୍ତେ ଅନାବଶ୍ୟକ ଭାବରେ ଶକ୍ତି ଅପଚୟ କରିବାକୁ ଦ୍ୱିଧା କରୁନାହୁଁ ।



ଦେଶର ଜାତୀୟ ଅର୍ଥନୈତିକ କାର୍ଯ୍ୟପନ୍ଥାର ବିକାଶ ପାଇଁ ଶକ୍ତି ଏକ ବଳିଷ୍ଠ ଉପାଦାନ । ବିଶ୍ୱର ପ୍ରତିଟି ରାଷ୍ଟ୍ରରେ ଉଦ୍‌ବେଗ ଦେଖାଯାଉଛି ଯେ ଏହି ଶତାବ୍ଦୀ ମଧ୍ୟରେ ଅନେକ ଶକ୍ତିର ଉତ୍ସ ବିଶେଷ କରି ଜୀବାଶ୍ମ ଜାଳେଣିର ଉତ୍ସସବୁ ଶେଷ ହୋଇଯିବ । ଏହିଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଅଧିକ ପ୍ରାଚୁର୍ଯ୍ୟତା ଓ ପୋଷଣୀୟ ଶକ୍ତି ଉତ୍ସର ସନ୍ଧାନ ଏକାନ୍ତ ଜରୁରୀ ହୋଇପଡ଼ିଛି ।





ଉନ୍ନତ ପ୍ରଯୁକ୍ତି ବିଦ୍ୟା ମାଧ୍ୟମରେ ଅମାପ ସୌରଶକ୍ତିକୁ ଉପଯୋଗ କରାଯାଇ ସବୁଜଶକ୍ତି ଉତ୍ପାଦନ କ୍ଷେତ୍ରରେ ବୈପ୍ଲବିକ ପରିବର୍ତ୍ତନ ଆଣିବାକୁ ହେବ । ପବନ ଶକ୍ତିକୁ ବିନିଯୋଗ କରି ସମୁଦ୍ର ତଟବର୍ତ୍ତୀ ଅଞ୍ଚଳରେ ବ୍ୟାପକ ବ୍ୟବସ୍ଥା କରାଯାଇ ଉପକୂଳବର୍ତ୍ତୀ ଅଞ୍ଚଳକୁ ଶକ୍ତି ସ୍ୱାବଲମ୍ବୀ କରିବାକୁ ପଡ଼ିବ । ସାମୁଦ୍ରିକ ଜଳରାଶି ଶଯ୍ୟାର ଅମାପଶକ୍ତିକୁ ଉପଯୋଗ କରାଯାଇପାରିଲେ ବିଷୁବ ମଣ୍ଡଳୀୟ ଅଞ୍ଚଳରେ ଶକ୍ତି ସମସ୍ୟା ଅନେକାଂଶରେ ଦୂର ହୋଇପାରିବ ।

ଅନ୍ୟପକ୍ଷରେ ଶକ୍ତିର ନବୀକରଣ ଅକ୍ଷମ ଉତ୍ସଗୁଡ଼ିକ କାଳକ୍ରମେ ନିଃଶେଷ ହୋଇଯିବ । ଏଗୁଡ଼ିକର ଉଚିତ୍ ବ୍ୟବହାର ଦ୍ୱାରା ଉତ୍କଟ ଶକ୍ତି ସଂକଟ ସୃଷ୍ଟିର ସମ୍ଭାବନାକୁ ବହୁମାତ୍ରାରେ ଏଡାଯାଇପାରିବ । ଏହି ଶକ୍ତି ଉତ୍ସଗୁଡ଼ିକୁ ବ୍ୟବହାର କରିବା ସମୟରେ ମିତବ୍ୟୟିତା ଅବଲମ୍ବନ କରିବା ନିତାନ୍ତ ଜରୁରୀ । ଦିନକୁ ଦିନ ମଣିଷର ଶକ୍ତି ଚାହିଦା ବଢ଼ୁଛି । ଅନବୀକରଣ ଶକ୍ତି ଦିନେ ନା ଦିନେ ସରିଯିବ । ତେଣୁ ଆଗାମୀ ଦିନକୁ ଆଖି ଆଗରେ ରଖି ବିଜ୍ଞାନୀମାନେ ବିକଳ୍ପ ଶକ୍ତିର ସନ୍ଧାନରେ ଲାଗିଛନ୍ତି । ପେଟ୍ରୋଲିୟମ୍‌ର ବ୍ୟବହାର କମାଇବା ପାଇଁ ପେଟ୍ରୋଲ ବଦଳରେ ଇଥାନଲ୍ ବ୍ୟବହାର ହେଲାଣି । ଇଲେକ୍ଟ୍ରିକ୍ କାର୍, ସୌରଚାଳିତ କାର୍‌ମାନଙ୍କର ବ୍ୟବହାର ଆରମ୍ଭ ହୋଇଗଲାଣି ।

ସଂପ୍ରତି ବିଜ୍ଞାନୀମାନେ ଏହି ପେଟ୍ରୋବୃକ୍ଷ (ଜାଟ୍ରୋପା)ର ସନ୍ଧାନ ପାଇଲେଣି । ଏହି ପେଟ୍ରୋବୃକ୍ଷମାନଙ୍କରୁ ନିଃସୃତ କ୍ଷୀର ପେଟ୍ରୋଲରେ ମିଶାଇଲେ ଅଳ୍ପ ପେଟ୍ରୋଲ ଖର୍ଚ୍ଚ ହେବ । ଆଗାମୀ ଦିନରେ ବିକଳ୍ପ ଶକ୍ତି ହେବ ସୌରଶକ୍ତି ଆଗାମୀ ୨୦୨୨ ମସିହା ସୁଦ୍ଧା ଭାରତ ଏକଲକ୍ଷ ମେଗାୱାଟ୍ ସୌରଶକ୍ତି ଉତ୍ପାଦନ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଥିବା ନିଶ୍ଚିତ ଭାବେ ଏକ ଶୁଭସୂଚନା । ସୌରଶକ୍ତିର ଉପଯୁକ୍ତ ବ୍ୟବହାର ଓ ବିନିଯୋଗ ହୋଇପାରିଲେ ମଣିଷର ଶକ୍ତି ସଂକଟ ଅନେକଟା ଲାଘବ ହୋଇପାରିବ । ଅନ୍ୟ ବିକଳ୍ପ ଶକ୍ତିର ଉତ୍ସ ଏକ ସନ୍ଧାନ ସାପେକ୍ଷ ।

ଶକ୍ତି ବିନା ଦେଶର ପ୍ରଗତି ଅସମ୍ଭବ । ସେହିପରି ଶକ୍ତି ବିନା ଆଧୁନିକ ଜୀବନଯାପନ ଅସମ୍ଭବ । ଶକ୍ତି ଯୋଗୁ ଆଧୁନିକ ମଣିଷ ସମସ୍ତ ପ୍ରକାରର ସୁଖ ସମ୍ଭୋଗ ପାଇପାରୁଛି । ବିନା ଶକ୍ତିରେ ମାନବ ସଭ୍ୟତା ଅସମ୍ଭବ ପରି ଲାଗୁଛି । ଗୋଟିଏ ଦେଶର ଅର୍ଥନୈତିକ ପ୍ରଗତିର ମୁଖ୍ୟଭିତ୍ତି ହେଉଛି ଶକ୍ତି । ଶକ୍ତି ଉତ୍ପାଦନ ପାଇଁ ଭାରତରେ ବହୁଳ ଭାବରେ କୋଇଲା ବ୍ୟବହୃତ ହୁଏ । ଘରେ ଜାଳେଣୀଠାରୁ ଆରମ୍ଭ କରି କଳକାରଖାନା ଓ ତାପଜ ବିଦ୍ୟୁତ୍ ଶକ୍ତି ଉତ୍ପାଦନରେ ବ୍ୟବହୃତ ହୁଏ । ଅଧିକ ମାତ୍ରାରେ କୋଇଲା ଜାଳିବା ଦ୍ୱାରା ସହରମାନଙ୍କରେ ବାୟୁ ପ୍ରଦୂଷଣ ଅଧିକ ପରିମାଣରେ ହେଉଛି । ଏହା ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରୁଛି । କୋଇଲା ଜାଳିବା ଫଳରେ ଅଙ୍ଗାରକାମ୍ଳ ଗ୍ୟାସ୍ ବୃଦ୍ଧି ଯୋଗୁ ବାୟୁମଣ୍ଡଳର ତାପମାତ୍ରା ବୃଦ୍ଧି ପାଉଛି । ଆଧୁନିକ ସହରଗୁଡ଼ିକ ‘ତାପଦ୍ୱୀପ’ରେ ପରିଣତ ହେଲାଣି । ଗ୍ରାମାଞ୍ଚଳଠାରୁ ସହରାଞ୍ଚଳର ତାପମାତ୍ରା ୦.୬ରୁ ୧.୩ ଡିଗ୍ରୀ ଅଧିକ । ଏହାର ପ୍ରଭାବରେ ସହରାଞ୍ଚଳରେ ‘ସୂକ୍ଷ୍ମ ଜଳବାୟୁ’ରେ ପରିବର୍ତ୍ତନ ଅନୁଭୂତ ହେଉଛି ।

କେବଳ ଶକ୍ତି ଉତ୍ପାଦନ ଓ ବ୍ୟବହାର ଦ୍ୱାରା ପ୍ରାୟତଃ ୮୦% ପ୍ରଦୂଷଣ, ତଥା ୮୮% ଗ୍ରୀନ୍ ହାଉସ୍ ଗ୍ୟାସ୍ ନିର୍ଗମନ ପାଇଁ ଦାୟୀ । ମଣିଷର ଯେକୌଣସି କ୍ରିୟାକଳାପ ଠାରୁ ଏହା ବେଶୀ ପରିମାଣରେ ପରିବେଶର କ୍ଷତିକାରକ । ଗୋଟିଏ ଲିଟର ପେଟ୍ରୋଲ ଜଳିଲେ ତା’ର ୨.୫ ଗୁଣ ଅଙ୍ଗାରକାମ୍ଳ ସୃଷ୍ଟି କରିଥାଏ । ବିଦ୍ୟୁତ୍‌ଶକ୍ତି ଉତ୍ପାଦନ ପାଇଁ ଜୀବାଶ୍ମ ଇନ୍ଧନର ବ୍ୟବହାର ଯୋଗୁ ଗ୍ରୀନ୍ ହାଉସ୍ ପ୍ରଭାବ ଓ ଗ୍ଲୋବାଲ୍ ୱାର୍ମିଂ ଭଳି ନୂତନ ସମସ୍ୟାମାନ ମୁଣ୍ଡ ଟେକୁଛି । ଫଟୋ କେମିକାଲ୍ ସ୍ମଗ୍ ସୃଷ୍ଟି ଫଳରେ ଦିଲ୍ଲୀ, କୋଲକାତା ପରି ବଡ଼ ବଡ଼ ସହରମାନଙ୍କରେ ଦିନ ଦିନ ବ୍ୟାପୀ କୁହୁଡ଼ି ଢାଙ୍କି ରହୁଛି । ଦୈନନ୍ଦିନ ମାତ୍ରାଧିକ ସଂଖ୍ୟାକ ଗାଡ଼ିମଟର ଚଳାଚଳ ଯୋଗୁ ବାୟୁମଣ୍ଡଳ ପ୍ରଦୂଷଣ ମାତ୍ରା ବୃଦ୍ଧି ଘଟୁଛି । ତେଣୁ ସର୍ବସାଧାରଣ ପରିବହନ ବ୍ୟବହାର କରିବା ସବୁଠାରୁ ଉତ୍ତମ । ଗୋଟିଏ ବସ୍ ବ୍ୟବହାର ଦ୍ୱାରା ରାସ୍ତାରୁ ୪୦ଟି ଛୋଟ ଗାଡ଼ି ବ୍ୟବହାର ହ୍ରାସ କରେ । ୨୦ ଲିଟର ତେଲ କମ୍ ଖର୍ଚ୍ଚ ହୁଏ । ବର୍ଷକୁ ପ୍ରାୟ ୧୨୫ ଟନ୍ ଅଙ୍ଗାରକାମ୍ଳ ଗ୍ୟାସ୍‌ର ବାୟୁମଣ୍ଡଳରେ କମ୍ ମିଶିଥାଏ ।

ଅତ୍ୟନ୍ତ ଖୁସିର କଥା ଶକ୍ତିର ମିତବ୍ୟୟିତା ତଥା ପ୍ରଦୂଷଣ ମାତ୍ରା କମାଇବା ପାଇଁ ଦିଲ୍ଲୀ ସରକାରଙ୍କ ପ୍ରଣୀତ ନିୟମ ସ୍ୱାଗତଯୋଗ୍ୟ । ସପ୍ତାହରେ ତିନିଦିନ ଯୁଗ୍ମ ନମ୍ବର ଥିବା ଯାନ ଓ ତିନିଦିନ ଅଯୁଗ୍ମ ନମ୍ବର ଥିବା ଯାନ ଚାଲିବା ପାଇଁ ନିଷ୍ପତ୍ତି ହୋଇଛି । କିନ୍ତୁ ଏହି ନିଷ୍ପତ୍ତି ଉପରେ ନ୍ୟାସନାଲ ଗ୍ରୀନ୍ ଟ୍ରିବ୍ୟୁନାଲ ସନ୍ଦେହପ୍ରକଟ କରିଛି । ପ୍ରଦୂଷଣ ମାତ୍ରା ହ୍ରାସ କରିବା ପାଇଁ ନ୍ୟାସନାଲ ଗ୍ରୀନ୍ ଟ୍ରିବ୍ୟୁନାଲର ଡିଜେଲ ଯାନର ପଞ୍ଜିକରଣକୁ ନିଷିଦ୍ଧ କରିବା ଆଉ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଏହା ସମଗ୍ର ଦେଶରେ କାର୍ଯ୍ୟକାରୀ ହେଲେ ସୁଫଳ ମିଳିବା ସ୍ୱାଭାବିକ । ଏଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ କିଭଳି ନୂତନ ଶକ୍ତିର ଅନ୍ୱେଷଣ, ଆହରଣ ଏବଂ ସଂରକ୍ଷଣ କରି ଶକ୍ତି ସଂକଟକୁ ସାମ୍ନା କରିବା ଏକାନ୍ତ ଜରୁରୀ । କେବଳ ଶକ୍ତି ସଂକଟ ନୁହେଁ, ଶକ୍ତିର ଉପଯୁକ୍ତ ବ୍ୟବହାର ହୋଇ ନପାରି ପରିବେଶ ପ୍ରଦୂଷଣଜନିତ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି ।

ଆନ୍ତର୍ଜାତିକ ସର୍ବେକ୍ଷଣରୁ ଜଣାଯାଏ ଯେ ଏକ ଉନ୍ନତ ଜୀବନଶୈଳୀ ପାଇଁ ଭାରତର ମୁଣ୍ଡପିଛା ଖର୍ଚ୍ଚର ପରିମାଣ ବଢ଼ି ବଢ଼ି ଚାଲିଛି । ଏଥିପାଇଁ ଯେ କେବଳ ଶକ୍ତିର ଉତ୍ପାଦନ କରି ନେଲେ ହେବନାହିଁ, ବରଂ ତା’ର ସଠିକ୍ ପରିଚାଳନାର ମୂଳ ଲକ୍ଷ୍ୟ ହେଉଛି ଶକ୍ତି ଉତ୍ପାଦନ ଓ ମିତବ୍ୟୟୀ ବ୍ୟବହାର । ଶକ୍ତିର ବ୍ୟବହାର ଅପରିହାର୍ଯ୍ୟ ହୋଇଥିଲେ ହେଁ ଏହାର ଅପଚୟ ଆଜି ମୁଣ୍ଡବ୍ୟଥାର କାରଣ ହୋଇଛି । ଏଥିପାଇଁ ଉତ୍ପାଦିତ ଶକ୍ତିର ବିନିଯୋଗ ଅପେକ୍ଷା, ସଂରକ୍ଷଣ ନିତାନ୍ତ ଜରୁରୀ ।

ଯଦି ପ୍ରଗତି ଏକ ନିରବଚ୍ଛିନ୍ନ ପ୍ରକ୍ରିୟା ହେବା ଦରକାର, ତେବେ ଆମକୁ ଶକ୍ତି ସଂରକ୍ଷଣ ପ୍ରତି ସଜାଗ ହେବାକୁ ପଡ଼ିବ । ଶକ୍ତି ସଂରକ୍ଷଣ ଓ ନବୀକରଣକ୍ଷମ ସମ୍ବଳର ବ୍ୟବହାର କରିବା । ବିଭିନ୍ନ କ୍ଷେତ୍ରରେ ଶକ୍ତିର ଅପଚୟକୁ ଚିହ୍ନଟ କରି ତା’ର ସୁବିନିଯୋଗ ନିମନ୍ତେ ଜନସଚେତନତା ସୃଷ୍ଟି କରିବାକୁ ପଡ଼ିବ । ଏ ବିଶ୍ୱକୁ ପ୍ରଦୂଷଣ ଓ ତାପନରୁ ମୁକ୍ତ କରିବାକୁ ହେଲେ ଏକମାତ୍ର ସମାଧାନର ରାସ୍ତା ହେଉଛି ସୌର ତଥା ଅକ୍ଷୟଶକ୍ତିର ଅଭିନବ ପ୍ରୟୋଗ ଓ ବ୍ୟବହାର । ଶକ୍ତି ଅପଚୟ ହ୍ରାସ ଘଟିଲେ ଆମେ ପରିବେଶ ପ୍ରଦୂଷଣକୁ ରୋକିବାରେ ସାହାଯ୍ୟ କରିପାରିବା, ବିଶ୍ୱତାପନ କମିବ ଏବଂ ଜଳବାୟୁ ପରିବର୍ତ୍ତନକୁ ରୋକିବାରେ ସହାୟକ ହେବ । ମାନବ ସଭ୍ୟତାକୁ ଧ୍ୱଂସାଭିମୁଖୀ ନକରି ପ୍ରଗତିପଥରେ ଅଗ୍ରସର କରିବାକୁ ହେଲେ ଶକ୍ତିର ଉପଯୁକ୍ତ ବିନିଯୋଗ ଆବଶ୍ୟକ । ଏଥିପାଇଁ ଆମେ ପ୍ରଥମେ ସଚେତନ ହେବା ବାଞ୍ଛନୀୟ । ପୁଣ୍ୟବନ୍ତର ପୁଣ୍ୟ ଅର୍ଜନ ପରି ଆଜିର ସଭ୍ୟ ମଣିଷ ବିଜ୍ଞାନର ତପସ୍ୟା କରି ଶକ୍ତି ସଂଗ୍ରହରେ ବ୍ରତୀ ହେବା ଆବଶ୍ୟକ ।



ଶକ୍ତି ବିନିଯୋଗ କ୍ଷେତ୍ରରେ ମୂର୍ଖତା ଓ ଅସାବଧାନତା ହେତୁ ଶକ୍ତି ସଂକଟ ମାନବ ସଭ୍ୟତା ପାଇଁ ଆମନ୍ତ୍ରଣ କରୁଛି ଆସନ୍ନ ବିପଦ । ପ୍ରତି ମୁହୂର୍ତ୍ତରେ ଶକ୍ତି ଉପରେ ନିର୍ଭର କରୁଥିବା ଉତ୍ତାନପାଦ ମଣିଷକୁ ଶେଷରେ ଶକ୍ତି ସଙ୍କଟରୂପୀ ବାମନ କରିଦେବ ପାତାଳଗାମୀ । ଅଜ୍ଞମାନବ ଆଜି ଯେପରି ଭାବରେ ଶକ୍ତି ଖର୍ଚ୍ଚ କରିଚାଲିଛି, ତାହାକୁ ନିୟନ୍ତ୍ରଣ ନ କଲେ ଆପେ ହିଁ ଆପଣା ଖୋଳିତ ଗର୍ତ୍ତରେ ପତିତ ହୋଇ ହେବ କ୍ଷତାକ୍ତ । ‘ଆପଣା କଲା କର୍ମମାନ, ଆଗୁ ହୋଇବ ସାବଧାନ’ । ଭାଗବତର ଏଇ ସତର୍କବାଣୀ ଆଜି ମାନବର ଧ୍ୟେୟ ହେବା ଦରକାର । ନଚେତ୍ ସମୟ ଆସିବ ଜନସଂଖ୍ୟା ବୃଦ୍ଧି ଯୋଗୁ ଏହାର ବହୁଳ ବ୍ୟବହାର ଦ୍ୱାରା ଏହି ଶକ୍ତି କ୍ଷୟ ଓ ଏହାର ଅଭାବ ବହୁ ପରିମାଣରେ ବୃଦ୍ଧି ପାଇବ । ଭବିଷ୍ୟତରେ ମାନବ ସମାଜ ଏହି ଶକ୍ତି ସଂକଟର ସମ୍ମୁଖୀନ ହୋଇ ସଭ୍ୟତାର ବିଲୟ ସାଧନାର ଅନିବାର୍ଯ୍ୟତାକୁ ସ୍ୱୀକାର କରିବ ।








ଓଡ଼ିଶା ଏକ୍ସପ୍ରେସ୍
ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ
ଭୁବନେଶ୍ୱର ୨୭ ଡିସେମ୍ବର ୨୦୨୫ । ଶନିବାର

# ଘରେ ପଶି ଯୁବତୀଙ୍କୁ ଦୁଷ୍କର୍ମ !

ଭଦ୍ରକ,୨୬।୧୨ ଏକ୍ସପ୍ରେସ୍ ନ୍ୟୁଜ୍

ଭଦ୍ରକ ଜିଲ୍ଲା ଚାନ୍ଦବାଲି ଥାନା ଅଞ୍ଚଳର ନାବାଳିକା ଛାତ୍ରୀଙ୍କୁ ଦୁଷ୍କର୍ମ ଓ ହତ୍ୟା ଘଟଣାକୁ ନେଇ ଆଲୋଡନ ସୃଷ୍ଟି ହୋଇଥିବା ବେଳେ ସେହି ଅଞ୍ଚଳରୁ ଆଉ ଏକ ଦୁଷ୍କର୍ମ ଘଟଣା ସାମନାକୁ ଆସିଛି । ଚାନ୍ଦବାଲି ବ୍ଲକ୍ ଧାମରା ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ପଡୋଶୀ ଘରର ଯୁବକ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି । ଅଭିଯୋଗ ମୁତାବକ, କିଛି ଦିନ ତଳେ ପଡୋଶୀ ଘରର ଯୁବକ ସଂପୃକ୍ତ ଯୁବତୀଙ୍କ ଘରକୁ ଯାଇଥିଲା । ଘରେ କେହି ନଥିବା ସୁଯୋଗରେ ଯୁବକ ଜଣକ ବଳପୂର୍ବକ ଦୁଷ୍କର୍ମ କରିଥିଲା । ଲୋକଲଜ୍ଜା ତଥା ମାନସିକ ସନ୍ତୁଳନ ହରାଇ ଯୁବତୀ ଜଣକ ବିଷ ପିଇ ଦେଇଥିଲେ ।

ତାଙ୍କୁ ଧାମରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ଗୁରୁବାର ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକର ଏକ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ପୀଡିତା ମାଆଙ୍କ ଏତଲାକ୍ରମେ ଧାମରା ଥାନାରେ କେସ୍ ନମ୍ବର ୫୬/୨୫ରେ ମାମଲା ରୁଜୁ କରି ପୋଲିସ ଗୁରୁବାର ବିଳମ୍ବିତ ରାତିରେ ଅଭିଯୁକ୍ତ ଯୁବକକୁ ଗିରଫ କରିଛି । ଗିରଫ ଯୁବକକୁ କୋର୍ଟ ଚାଲାଣ କରାଯିବ ବୋଲି ଧାମରା ଥାନାଧିକାରୀ ଶୁଭମ ସ୍ୱାଇଁ ସୂଚନା ଦେଉଛନ୍ତି ।

# ବିଦ୍ୟାଳୟରେ ପିଏମଶ୍ରୀ ଉତ୍ସବ ପାଇଁ ପ୍ରସ୍ତୁତି

କେନ୍ଦ୍ରାପଡ଼ା,୨୬।୧୨ ଏକ୍ସପ୍ରେସ୍ ନ୍ୟୁଜ୍

କେନ୍ଦ୍ର ସରକାରଙ୍କ ପିଏମଶ୍ରୀ ଯୋଜନାରେ ଅନ୍ତର୍ଭୁକ୍ତ ପିଏମଶ୍ରୀ କୋରୋ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ସୋମନାଥ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆଗାମୀ ଜାନୁଆରୀମାସରେ ହେବାକୁଥିବା ପିଏମଶ୍ରୀ ଉତ୍ସବ ପାଇଁ ପ୍ରଥମ ପ୍ରାକ୍ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ପଞ୍ଚସଖା ଶିକ୍ଷାସେତୁ ସଭାପତି ରଞ୍ଜିତ ପ୍ରସାଦ ଜେନା, ଶିକ୍ଷାସେତୁ ସଦସ୍ୟ ବୃନ୍ଦ, ପୂର୍ବତନ ସରପଞ୍ଚ ବାବାଜୀ ମଳିକ, ଶିକ୍ଷାବିତ ହରିହର ସିଂହ, ବସନ୍ତ କୁମାର ନାୟକ, ମଳୟ କୁମାର ସାହୁ, ଗଣେଶ ଚନ୍ଦ୍ର ରାଉତ, ଅନନ୍ତ ଓଝା, ଜଗନ୍ନାଥ ସାହୁ, କରୁଣାକର ସାହୁ, ଭାଗବତ ଚନ୍ଦ୍ର ବରାଳ ଓ ବିଦ୍ୟାଳୟର ସମସ୍ତ ଶିକ୍ଷକମାନେ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରି ଉତ୍ସବକୁ କିପରି ସଫଳ କରିବେ ସେ ବିଷୟରେ ମତାମତ ପ୍ରଦାନ କରିଥିଲେ । ଏହାସହିତ ଆସନ୍ତା ୩୦ତାରିଖରେ ହେବାକୁ ଥିବା ପରବର୍ତ୍ତୀ ଚୂଡାନ୍ତ ପ୍ରସ୍ତୁତି ବୈଠକରେ ସ୍ଥାନୀୟ ସମସ୍ତ ବୁଦ୍ଧିଜୀବୀ, ମାନ୍ୟଗଣ୍ୟବ୍ୟକ୍ତି, ପୂର୍ବତନ ଛାତ୍ରଛାତ୍ରୀ, ବିଦ୍ୟାଳୟ ପରିଚାଳନା ସମିତିର ସମସ୍ତ ସଭ୍ୟସଭ୍ୟାମାନେ ଯୋଗଦେଇ ମୂଲ୍ୟବାନ ମତାମତ ଦେବାକୁ ପ୍ରଧାନ ଶିକ୍ଷକ ନିବେଦନ କରିଛନ୍ତି ।

# ବାଲ୍ ବୈଜ୍ଞାନିକ ପ୍ରକଳ୍ପ ପ୍ରଦର୍ଶନ

କେନ୍ଦ୍ରାପଡ଼ା,୨୬।୧୨ ଏକ୍ସପ୍ରେସ୍ ନ୍ୟୁଜ୍

ଇଚ୍ଛାପୁର ହାଇସ୍କୁଲରେ ଆୟୋଜିତ ୨୫-୨୬ବର୍ଷର ଜିଲ୍ଲାସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀରେ ବେଣୀପୁର ସ୍ଥିତ ସରସ୍ୱତୀ ସରକାରୀ ଉଚ୍ଚ ବିଦ୍ୟାଳୟର ଷଷ୍ଠ ଶ୍ରେଣୀର ଛାତ୍ର ଜ୍ଞାନରଞ୍ଜନ ରାଉତଙ୍କ ପ୍ରକଳ୍ପ ପ୍ରଥମ ସ୍ଥାନ ଅଧିକାର କରିଛି । ଏହି ଜିଲ୍ଲାସ୍ତରୀୟ ପ୍ରଦର୍ଶନୀରେ ବ୍ଲକସ୍ତରକୁ ଚୟନ ହୋଇଥିବା ୭୨ଟି ପ୍ରକଳ୍ପ ସ୍ଥାନ ପାଇଥିଲା । ସେଥିମଧ୍ୟରୁ ସରସ୍ୱତୀ ସରକାରୀ ଉଚ୍ଚ ବିଦ୍ୟାଳୟର 'ଗଣିତ ଉଦ୍ୟାନ' ପ୍ରକଳ୍ପ ପ୍ରଥମ ସ୍ଥାନ ଅଧିକାର କରିଛି । ଏହି ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ କଳ୍ପନା ବେହେରା, ମଧୁସ୍ମିତା ଲେଙ୍କା ତତ୍ୱାବଧାନରେ ଷଷ୍ଠ ଶ୍ରେଣୀର ଛାତ୍ର ଶ୍ରୀ ରାଉତ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ । ଏହି ସଫଳତା ପାଇଁ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କାଦମ୍ବିନୀ ନାୟକ, ପଞ୍ଚସଖା ଶିକ୍ଷା ସେତୁର ସଭାପତି ଡଃ ଉପେନ୍ଦ୍ର ନାଥ ପ୍ରଧାନ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ମନୋଜ ନାୟକ ଓ ବିଦ୍ୟାଳୟର ଶିକ୍ଷକ ମହେଶ୍ୱର ସାହୁ, ସନ୍ତୋଷ କୁମାର ଜେନା, ସୁଜତା ସାହୁ, ମାନସ କୁମାର ତରାଇ, ଲକ୍ଷ୍ମୀ ନାୟକ, ରାଇସନ ମାରାଣ୍ଡି, ସବିତା ରାଉତ ରାୟ, ଜୟନ୍ତି ମହାନ୍ତି, ଆରତୀ ଖଟୁଆ, ଦିବ୍ୟ ଜ୍ୟୋତି ଦାସ ଆଦି ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଞ୍ଚଳର ବୁଦ୍ଧିଜୀବୀ ମାନେ ଜ୍ଞାନ ରଞ୍ଜନ ରାଉତଙ୍କୁ ଶୁଭେଚ୍ଛା ପ୍ରଦାନ କରିବା ସହ ଛାତ୍ରଟିର ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି ।

# ସାଂସଦ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଛାତ୍ରଙ୍କ କୃତିତ୍ୱ

ରାଜନଗର,୨୬।୧୨ ଏକ୍ସପ୍ରେସ୍ ନ୍ୟୁଜ୍

ରାଜନଗର ବ୍ଲକ ଖମାରସାହି ଗ୍ରାମର ପ୍ରଦୀପ କୁମାର ଦାସଙ୍କ ପୁଅ ପ୍ରୀତି ରଞ୍ଜନ ଦାସ ଜିଲ୍ଲାସ୍ତରୀୟ ସାଂସଦ କ୍ରୀଡା ପ୍ରତିଯୋଗିତାରେ ଅଂଶ ଗ୍ରହଣକରି ସଟପୁଟ ଥ୍ରୋରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ଶ୍ରୀ ଦାସ କେନ୍ଦ୍ରାପଡ଼ା ସାନ୍ଧ୍ୟ ମହାବିଦ୍ୟାଳୟରେ ପ୍ରଥମ ବର୍ଷରେ ଅଧ୍ୟୟନ କରୁଛନ୍ତି । ତାଙ୍କର ଏହି କୃତିତ୍ୱ ଯୋଗୁ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରୀ ଖେଳି ଯାଇଛି । ବାଲ୍ୟସାଥିଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# ସୁଶାସନ ଦିବସ

କେନ୍ଦ୍ରାପଡ଼ା,୨୬।୧୨ ଏକ୍ସପ୍ରେସ୍ ନ୍ୟୁଜ୍

ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମ ଶତବାର୍ଷିକ ଅବସରରେ ଜିଲ୍ଲାସ୍ତରୀୟ ସୁଶାସନ ଦିବସ ପାଳିତ ହୋଇଯାଇଛି । ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକ୍ରିଷ୍ଣ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକିର ମୋହନ ମାଝୀ ସ୍ୱାଗତ ଭାଷଣ ଏବଂ ଅତିଥି ପରିଚୟ ପ୍ରଦାନ କରିଥିଲେ । ବୈଠକରେ ମୁଖ୍ୟଅତିଥି ତାଙ୍କ ବକ୍ତବ୍ୟରେ ବାଜପେୟୀ ଜଣେ ମହାନ ଜନନାୟକ ଥିଲେ, ଦେଶର ବିକାଶରେ ତାଙ୍କର ଅବଦାନ ଅନେକ ଥିଲା ବୋଲି ମତବ୍ୟକ୍ତ କରିଥିଲେ । ଜଣେ ବିଚକ୍ଷଣ ରାଜନେତା ଏବଂ ରାଷ୍ଟ୍ରନୀତିଜ୍ଞ ଥିଲେ ବୋଲି ଅତିଥିମାନେ ମତ ଦେଇଥିଲେ । ବାଜପେୟୀଙ୍କ ଅମଳରେ ଆରମ୍ଭ ହୋଇଥିବା ପ୍ରଧାନମନ୍ତ୍ରୀ ସଡକ ଯୋଜନା, ସ୍ୱର୍ଣ୍ଣ ଚତୁର୍ଭୁଜ ପ୍ରକଳ୍ପ, ସମଗ୍ର ଶିକ୍ଷା ଅଭିଯାନ, ପୋଖରାନରେ ପରମାଣୁ ପରୀକ୍ଷଣ ଇତ୍ୟାଦି ଅବତାରଣ କରିଥିଲେ । ଏହା ସହିତ ବାଜପେୟୀଙ୍କ ନିର୍ମଳ ଭାବମୂର୍ତ୍ତି, ବିଦେଶୀ ନୀତି, ସୂଚନା ଓ ପ୍ରଯୁକ୍ତି ବିଦ୍ୟା, ଦୂରସଂଚାର ଓ ଯୋଗାଯୋଗ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ଏବଂ କାରଗିଲ ଯୁଦ୍ଧରେ ଦୃଢ଼ ନେତୃତ୍ୱ ସମ୍ପର୍କରେ ଆଲୋଚନା ହୋଇଥିଲା । ଏହା ସହିତ ବରିଷ୍ଠ ସାମ୍ବାଦିକ ସଚ୍ଚିଦାନନ୍ଦ ବେହେରା ଏବଂ ଉପସ୍ଥିତ ଛାତ୍ରଛାତ୍ରୀ ବାଜପେୟୀଙ୍କ ବିଷୟରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାନ୍ତି, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବେହୁରା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ, ସହକାରୀ ନିର୍ଦ୍ଦେଶକ, ହସ୍ତଶିଳ୍ପ ସନ୍ତୋଷ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶୋକ ବଳିଆର ସିଂ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ



ବୁଗୁଡ଼ା,୨୬।୧୨ ଏକ୍ସପ୍ରେସ୍ ନ୍ୟୁଜ୍

ବୁଗୁଡ଼ା ବ୍ଲକ ଓ ଏନ୍ଏସି ବିଜେଡି ପକ୍ଷରୁ ଦଳର ୨୯ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ଏବଂ ନୂଆଁ ବସଷ୍ଟାଣ୍ଡ ପରିସରସ୍ଥ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ଦ୍ୱୟରେ ପୁଷ୍ପମାଲ୍ୟ ଅର୍ପଣ ସାଙ୍ଗକୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ପ୍ରାକ୍ତନ କାଉନସିଲର ସୁଧାଂଶୁ ଶେଖର ପାଢୀ ଓ ସୂର୍ଯ୍ୟ ନାରାୟଣ ମହାନ୍ତି, ସରପଞ୍ଚ ସୁଶାନ୍ତ ପ୍ରଧାନ, ମନୋରଞ୍ଜନ ଦାଶ, କେ.ତ୍ରିଲୋଚନ ଦୋରା, ପ୍ର.ବୁଗୁଡା ବ୍ଲକ ପ୍ରାକ୍ତନ ଅଧ୍ୟକ୍ଷ କିଶୋର ଚନ୍ଦ୍ର ବେହେରା, ଜିତେନ୍ଦ୍ର ସ୍ୱାଇଁ, କବିରାଜ ଗୌଡ, ପ୍ରାକ୍ତନ ଜିଲ୍ଲା ପରିଷଦ ସଦସ୍ୟ ଖଦାଳ ଖଟେଇ, ବରୁଣ ସେନାପତି, ଅମରେନ୍ଦ୍ର ସେନାପତି, କାଉନସିଲର ଆଶୁତୋଷ ବଡେଇ, ସନ୍ତୋଷ କୁମାର ଜେନା, ରାଜେନ୍ଦ୍ର ପ୍ରସାଦ ଦାଶ, କୈଳାସ ପ୍ରଧାନ, କାର୍ତ୍ତିକ ସାହାଣୀ, ଚୋରିଆ ମଲ୍ଲିକ, ପ୍ରଶାନ୍ତ କୁମାର ପାତ୍ର, ବାବାଜୀ ନାୟକ, ହରିହର ବିଷୋୟୀଙ୍କ ସମେତ ବିଜେଡିର ବହୁ କର୍ମକର୍ତ୍ତା ଓ କର୍ମୀ ଯୋଗ ଦେଇଥିଲେ ।

# ଭିଟାମାଟି ଓ ଜୀବନଜୀବିକା ସୁରକ୍ଷା ମଞ୍ଚର ଗଣଧାରଣା



ନୀଳଗିରି,୨୬।୧୨ ଏକ୍ସପ୍ରେସ୍ ନ୍ୟୁଜ୍

ପୂର୍ବ ନିର୍ଦ୍ଧାରିତ ସମୟ ଅନୁସାରେ ଗୁରୁବାର ପୂର୍ବାହ୍ନରେ ଭିଟାମାଟି ଓ ଜୀବନ ଜୀବିକା ସୁରକ୍ଷା ମଞ୍ଚର ଆବାହକ ବିଜୟ କୁମାର ପାତ୍ରଙ୍କ ନେତୃତ୍ୱରେ ବାଲେଶ୍ୱର ଜିଲ୍ଲା ନୀଳଗିରି କୁଲଡିହା ରେଞ୍ଜରଙ୍କ ଅଫିସ ଆଗରେ ଦୁଇ ଦଫା ଦାବିରେ ଗଣଧାରଣା ଅନୁଷ୍ଠିତ ହୋଇ ଯାଇଛି । ଗତ ୧୩ ତାରିଖରେ କିଶୋରଚନ୍ଦ୍ରପୁର ପଞ୍ଚାୟତର କଇମହୁଡ଼ି ଗ୍ରାମର ମକରା ସୋରେନକୁ ଜଙ୍ଗଲରେ ଗୟଳ ମାରିଦେଇ ଥିଲା । ଉକ୍ତ ଘଟଣାକୁ ଗ୍ରାମବାସୀମାନେ ବନ ବିଭାଗୀୟ ଅଧିକାରୀମାନଙ୍କୁ ଜଣାଇ ଥିଲେ ସୁଦ୍ଧା ବିଭାଗୀୟ ଅଧିକାରୀମାନେ କ୍ଷତି ପୂରଣ ଦେବା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରିନଥିଲେ । ତତସହିତ ବିଭାଗୀୟ ଅଧିକାରୀମାନେ କୌଣସି କାରଣ ନ ଥାଇ ନିରୀହ ଶାନ୍ତିକାମୀ ଆଦିବାସୀ ଲୋକଙ୍କ ଉପରେ ଅକଥନୀୟ ଅତ୍ୟାଚାର କରୁଛନ୍ତି । ଯାହାକି ଆଦିବାସୀମାନଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି କରିଛି । ଏହାକୁ ଭିଟାମାଟି ଓ ଜୀବନ ଜୀବିକା ସୁରକ୍ଷା ମଞ୍ଚ ପକ୍ଷରୁ ଦୃଢ ନିନ୍ଦା କରାଯାଇଛି । ମକରା ସୋରେନ ପରିବାରକୁ କ୍ଷତି ପୂରଣ ଦେବା ସହିତ ଆଦିବାସୀମାନଙ୍କ ଉପରେ ରେଞ୍ଜରଙ୍କ ଅତ୍ୟାଚାର ବନ୍ଦ କରିବା ପାଇଁ ଆଜି ଗଣଧାରଣାର ମୁଖ୍ୟ ପ୍ରସଙ୍ଗ ଥିଲା । ଉକ୍ତ ଧାରଣା କାର୍ଯ୍ୟକ୍ରମରେ ସତ୍ୟଜିତ ଦାସ ସଭାପତିତ୍ୱ କରିଥିଲେ । ପ୍ରଥମେ ଭିଟାମାଟି ଓ ଜୀବନ ଜୀବିକା ସୁରକ୍ଷା ମଞ୍ଚର ଆବାହକ ଶ୍ରୀ ପାତ୍ର ଡବଲ ଇଞ୍ଜିନ ସରକାରର ଜନ ବିରୋଧିନୀତି ବିରୁଦ୍ଧରେ ଆଲୋଚନା କରିଥିଲେ । ତତସହିତ ରେଞ୍ଜରଙ୍କ ମନମାନି କାର୍ଯ୍ୟକୁ ସମାଲୋଚନା କରିବା ସହିତ ମୃତ ମକରା ସୋରେନ ପରିବାରକୁ କ୍ଷତି ପୂରଣ ପୂରଣ ଦେବା ପାଇଁ ପ୍ରଶାସନ ଠାରେ ଦାବି କରିଥିଲେ । ନୀଳଗିରି ଥାନା ଅଧିକାରୀ ଗୋବର୍ଦ୍ଧନ ନାୟକଙ୍କ ସହିତ ରେଞ୍ଜର ସୁବ୍ରତ ବେହେରା ଓ ତାଙ୍କର ସମସ୍ତ କର୍ମଚାରୀ ଧାରଣାସ୍ଥଳକୁ ଆସି ଧାରଣାରେ ଉପସ୍ଥିତ ଥିବା ସମସ୍ତ ନେତୃତ୍ୱଙ୍କ ସହ ଆଲୋଚନା କରିଥିଲେ । ମୃତ ମକରା ସୋରେନଙ୍କ ପରିବାରକୁ ପନ୍ଦର ଦିନ ଭିତରେ କ୍ଷତି ପୂରଣ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ତତସହିତ ଜଙ୍ଗଲ ଆଇନ୍ ଉପରେ ଅଭୟାରଣ୍ୟରେ ସମସ୍ତ ଗ୍ରାମରେ ସଚେତନତା କାର୍ଯ୍ୟକ୍ରମ କରି ଜନଗଣ ଓ ବନ ବିଭାଗ ଭିତରେ ଭାଇଚାରା ସୃଷ୍ଟି ପାଇଁ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଲା ପରେ, ଧାରଣା କାର୍ଯ୍ୟକ୍ରମ ପ୍ରତ୍ୟାହୃତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ସୁନାରାମ ସିଂ, ଷ୍ଟାଲିନ ମିଶ୍ର, ଯାମିନୀ ହାଁସଦା, ଗଜେନ୍ଦ୍ର ସିଂ, ପୁରୁଷୋତ୍ତମ ଖଣ୍ଡିଏ, ସିତାଂଶୁ ସେନାପତି, ଉମାକାନ୍ତ ଷଡଙ୍ଗୀ, ଯୋଗାନନ୍ଦ ଦାଶ, ଶ୍ୟାମ ସିଂ, ରାମଚନ୍ଦ୍ର ସିଂ, ଲକ୍ଷ୍ମୀଧର ସାହୁଙ୍କ ସମେତ ବହୁ ନେତୃତ୍ୱ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିବା ଦେଖା ଯାଇଛି ।

# ଜମି ବିବାଦକୁ ନେଇ ଫୁଟିଲା ବୋମା: ୩ ଆହତ

କଣାସ,୨୬।୧୨ ଏକ୍ସପ୍ରେସ୍ ନ୍ୟୁଜ୍

ପୁରୀ ଜିଲା ପିପିଲି କଣାସ ବ୍ଲକ ଗୋପୀନାଥପୁର ଗ୍ରାମରେ ବୋମା ମାଡ ହୋଇଛି । ଜମିବାଡି ବିବାଦକୁ ନେଇ ବୋମାମାଡ ହୋଇଥିବା ସୂଚନା ମିଳିଛି । ସୂଚନା ଅନୁସାରେ ଜମି ପାଣି ମଡାଇବାକୁ ନେଇ ଦୁଇ ପରିବାର ମଧ୍ୟରେ ଗୁରୁବାର ସନ୍ଧ୍ୟାରେ ପାଟି ତୁଣ୍ଡ ଲାଗିରହିଥିଲା । ଶୁକ୍ରବାର ସକାଳ ସମୟରେ ପ୍ରକାଶ ପ୍ରଧାନ ଦୋକାନକୁ ଯାଉଥିବା ସମୟରେ ଟୁଲୁ ପ୍ରଧାନ ୩ଟି ବୋମା ପିଙ୍ଗିଥିଲା । ବୋମା ମାଡ଼ରେ ଦିଲୀପ ପ୍ରଧାନ ଓ ପ୍ରକାଶ ପ୍ରଧାନ ଦୁଇ ଭାଇ ଆହତ ହୋଇଥିବା ବେଳେ ସେହି ଗ୍ରାମର ସର୍ବେଶ୍ୱର ପ୍ରଧାନ ଆହାତ ହୋଇ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ହେଉଛନ୍ତି ।

ଖବର ପାଇଁ ଗଡିଶାଗୋଦା ଥାନା ଅଧିକାରୀ ସୁଧୀର କୁମାର ଦାସ ଉକ୍ତ ଗ୍ରାମରେ ପହଁଚି ବୋମା ପିଙ୍ଗିଥିବା ଟୁଲୁ ପ୍ରଧାନଙ୍କୁ ଧରି ଆଣି ଗଡିଶାଗୋଦା ଥାନାରେ ଅଟକ ରଖିଛନ୍ତି । ପ୍ରକାଶ ପ୍ରଧାନ ବୋମା ମାଡ଼ ସମ୍ପର୍କରେ ଗଡିଶାଗୋଦା ଥାନାରେ ଏତେଲା ଦେବାରୁ ଗଡିଶାଗୋଦା ଥାନା ଅଧିକାରୀ ମାମଲା ରୁଜୁ କରି ତଦନ୍ତ କରୁଛନ୍ତି ।

# ଘନ କୁହୁଡି ବଳୟରେ ବ୍ଲାକ ପାଗୋଡା



କୋଣାର୍କ୨୬।୧୨ ଏକ୍ସପ୍ରେସ୍ ନ୍ୟୁଜ୍

ବଡଦିନ ପାଇଁ କୋଣାର୍କ ସୂର୍ଯ୍ୟମନ୍ଦିରରେ ପର୍ଯ୍ୟଟକମାନଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା । ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ପ୍ରବଳ ଗହଳି ହୋଇଥିବା ବେଳେ ସକାଳ ସମୟରେ ଘନ କୁହୁଡି ଭିତରେ ସୂର୍ଯ୍ୟ ମନ୍ଦିର ଅଦୃଶ୍ୟ ହୋଇଯାଇଥିବା ଦେଖିବାକୁ ମିଳିଥିଲା । ବଡି ଭୋରରୁ କୁହୁଡିର ପ୍ରକୋପରେ ସୂର୍ଯ୍ୟ ମନ୍ଦିର ମୁଖଶାଳା ସମ୍ପୂର୍ଣ୍ଣ ଲୁଚିଯାଇଥିଲା । ସକାଳ ପ୍ରାୟ ୮ ଘଟିକାରେ ସୂର୍ଯ୍ୟଙ୍କ କିରଣରେ କୁହୁଡି ହଟିବା ପରେ ପର୍ଯ୍ୟଟକମାନେ ସୂର୍ଯ୍ୟ ମନ୍ଦିର ସୂକ୍ଷ୍ମ କାରୁକାର୍ଯ୍ୟ, କଳାକୃତି ବୁଲି ଦେଖିଥିଲେ । ବଡ଼ଦିନ ଉପଲକ୍ଷେ ସୂର୍ଯ୍ୟ ମନ୍ଦିରରେ ପ୍ରବଳ ଗହଳି ହୋଇଥିବା ବେଳେ ରାସ୍ତା ଉପରେ ଗାଡି ପାର୍କିଂ ଯୋଗୁଁ ନାହିଁ ନଥିବା ସମସ୍ୟା ଉପୁଜି ଥିଲା । ସେହିପରି ରାସ୍ତା ଉପରେ ଦୋକାନ ପାଇଁ ଯିବା ଆସିବାରେ ପର୍ଯ୍ୟଟକ ହଇରାଣ ହରକତ ହେଉଥିବା ପରିଲକ୍ଷିତ ହୋଇଥିଲା ।

# ହତ୍ୟା ମାମଲାରେ ଦଣ୍ଡାଦେଶ, ଅଭିଯୁକ୍ତକୁ ଆଜୀବନ ଜେଲ୍

ରାୟଗଡା/ବିଷମକଟକ, ୨୬।୧୨ ଏକ୍ସପ୍ରେସ୍ ନ୍ୟୁଜ୍

ରାୟଗଡ଼ା ଜିଲ୍ଲାରେ ହତ୍ୟା ମାମଲାରେ ସବୁଠାରୁ ଦ୍ରୁତ ଦଣ୍ଡାଦେଶର ରେକର୍ଡ ସ୍ଥାପିତ ହୋଇଛି । ଏକ ହତ୍ୟା ମାମଲାର ବିଚାର କରି ବିଷମକଟକ ଅତିରିକ୍ତ ଜିଲ୍ଲା ଓ ସତ୍ର ନ୍ୟାୟାଳୟ ମାତ୍ର ୭୧ ଦିନ ମଧ୍ୟରେ ଦୋଷୀଙ୍କୁ ଦଣ୍ଡିତ କରିଛନ୍ତି ।

ବିଷମକଟକ ଥାନା ଅଧୀନରେ, ୧୫.୧୦.୨୦୨୫ତାରିଖରେ କେସ୍ ନଂ:୧୫୩ ଅନୁଯାୟୀ ଏକ ହତ୍ୟା ମାମଲା ରୁଜୁ କରାଯାଇଥିଲା । ୧୪ ଅକ୍ଟୋବର ୨୦୨୫ରେ ଅପରାଧ ଘଟିଥିବା ବେଳେ ତା'ପର ଦିନ ଏଫଆଇଆର୍ ରୁଜୁ ହୋଇଥିଲା । ଏହାର ୮ ଦିନ ମଧ୍ୟରେ ଫୋରେନ୍ସିକ୍ ନମୁନା ଏସଏଫଏସଏଲକୁ ପଠାଯାଇଥିବା ବେଳେ ୨୦ ଦିନ ମଧ୍ୟରେ ଏହାର ଚାର୍ଜସିଟ୍ ମଧ୍ୟ ଦାଖଲ କରାଯାଇଥିବା ସୂଚନା ରହିଛି ।

ତେବେ ଶୁକ୍ରବାର ଅଦାଲତ ତାଙ୍କ ରାୟ ଘୋଷଣା କରି ଅଭିଯୁକ୍ତଙ୍କୁ ଆଜୀବନ କାରବାସ ସହ ଅର୍ଥଦଣ୍ଡ ମଧ୍ୟ ଘୋଷଣା କରିଛନ୍ତି । ସମୟବଦ୍ଧ ନ୍ୟାୟ ପ୍ରଦାନର ଏକ ଦୁର୍ଲଭ ଉଦାହରଣ ସୃଷ୍ଟି କରି ରାୟଗଡ଼ା ଜିଲ୍ଲା ଗୁରୁବାର ହତ୍ୟା ମାମଲାରେ ମାତ୍ର ୭୧ ଦିନରେ ଦୋଷୀଙ୍କୁ ଦଣ୍ଡିତ କରି ଜିଲ୍ଲା ଇତିହାସରେ ସବୁଠାରୁ ଦ୍ରୁତ ଦଣ୍ଡାଦେଶର ରେକର୍ଡ ସ୍ଥାପନ କରିପାରିଛି । ଏହି ରାୟ ଅପରାଧ ଘଟିଥିବା ତାରିଖରୁ ୭୧ ଦିନ ମଧ୍ୟରେ ଘୋଷିତ ହୋଇଛି, ଯାହା ରାୟଗଡ଼ା ଜିଲ୍ଲାର ଆପରାଧିକ ନ୍ୟାୟ ପ୍ରଣାଳୀରେ ଏକ ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି ଭାବେ ଦେଖାଯାଉଛି ।



ପ୍ରକାଶ ଥାଉକି ବିଷମକଟକ ଥାନାରେ ଭାରତୀୟ ନ୍ୟାୟ ସଂହିତାର ଧାରା ୧୦୩(୧), ୧୦୯(୧) ଏବଂ ୨୩୮ ଆଧାରରେ ରୁଜୁ ହୋଇଥିବା ହତ୍ୟା ମାମଲାକୁ ପ୍ରାଥମିକତା ଭିତ୍ତିକ ଦଣ୍ଡାଦେଶ ମାମଲା ଭାବେ ଗ୍ରହଣ କରାଯାଇ ଜିଲ୍ଲା ପୋଲିସ ଓ ଅଭିଯୋଗ ପକ୍ଷ ଦ୍ୱାରା ଦ୍ରୁତ ଭାବେ ଏହା ପରିଚାଳିତ କରାଯାଇଥିଲା ।

ଏହା ପଛରେ ତତକ୍ଷଣାତ୍ ପ୍ରମାଣ ସଂଗ୍ରହ, ଫୋରେନ୍ସିକ୍ ପ୍ରକ୍ରିୟାକୁ ପ୍ରାଥମିକତା ଏବଂ ତଦନ୍ତ ଅଧିକାରୀ ଓ ଅଭିଯୋଗ ପକ୍ଷ ମଧ୍ୟରେ ଅବିରତ ସମନ୍ୱୟ, ସହିତ ଉଚ୍ଚସ୍ତରୀୟ ନିରୀକ୍ଷଣ ମୁଖ୍ୟ କାରଣ ହୋଇଥିବା ନେଇ ଚର୍ଚ୍ଚା ହେଉଛି । ଏହି ମାମଲାର ତଦନ୍ତ ଭାର ବିଷମକଟକ ଥାନା ଭାରପ୍ରାପ୍ତ ଅଧିକାରୀ ସୂର୍ଯ୍ୟଚନ୍ଦ୍ର ପାଢ଼ୀ ବହନ କରୁଥିବା ଜଣାପଡିଛି । ଏଥିସହ ଅତିରିକ୍ତ ସରକାରୀ ଓକିଲ ପ୍ରଶାନ୍ତ କୁମାର ରଥ ମାମଲା ପରିଚାଳନା କରିଥିବା ବେଳେ, ସମଗ୍ର ପ୍ରକ୍ରିୟାକୁ ଉପ-ଜିଲ୍ଲା ସରକାରୀ ଅଭିଯୋଜକ ଅଜିତ ପଟ୍ଟନାୟକ, ନିରୀକ୍ଷଣ କରୁଥିବା ସୂଚନା ରହିଛି । ଆଇନ ବିଶେଷଜ୍ଞଙ୍କ ଅନୁସାରେ, ଏହି ମାମଲା ସମୟବଦ୍ଧ ଓ ପ୍ରମାଣଭିତ୍ତିକ ଅଭିଯୋଗ ପରିଚାଳନାର ପ୍ରଭାବକୁ ସ୍ପଷ୍ଟ କରିଛି ଏବଂ ସଂସ୍ଥାଗତ ସମନ୍ୱୟ ଥିଲେ ଗୁରୁତର ଅପରାଧର ବିଚାରରେ ବିଳମ୍ବ କିପରି କମାଯାଇପାରିବ, ତାହାର ଏକ ନିଚ୍ଛକ ଉଦାହରଣ ।

ଏହି ମାମଲାରେ ଅଭିଯୁକ୍ତ କୁନି ଲୋହାରଙ୍କୁ ଜୀବନ ଶିକ୍ଷା ସହ ଅର୍ଥଦଣ୍ଡ ଦଣ୍ଡାଦେଶ ହୋଇଛି । 'ମୁଁ କେବଳ ମୋର କର୍ତ୍ତବ୍ୟ ପାଳନ କରିଛି । ସମସ୍ତ ଶ୍ରେୟ ରାୟଗଡ଼ା ଜିଲ୍ଲା ପୋଲିସ ଅଧୀକ୍ଷକ, ବିଷମକଟକ ଥାନାଭାର ପ୍ରାପ୍ତ ଅଧିକାରୀ ଓ ତାଙ୍କ ଟିମ ସମେତ ଜିଲ୍ଲା ଅଭିଯୋଗ ପକ୍ଷକୁ ଯାଉଛି' ବୋଲି ସରକାରୀ ଓକିଲ ପ୍ରଶାନ୍ତ ରଥ ପ୍ରକାଶ କରିଛନ୍ତି । ତେବେ ଅଦାଲତଙ୍କ ଏହି ରାୟ ବର୍ତ୍ତମାନ ଜିଲ୍ଲାରେ ଚର୍ଚ୍ଚାର ବିଷୟ ହୋଇଛି ।

# ସତ୍ୟବାଦୀ ମହୋତ୍ସବ ପ୍ରସ୍ତୁତି



ସାକ୍ଷୀଗୋପାଳ,୨୬।୧୨ ଏକ୍ସପ୍ରେସ୍ ନ୍ୟୁଜ୍

ପୁରୀ ଜିଲ୍ଲା ସତ୍ୟବାଦୀ ଚଳିତ ବର୍ଷ ଐତିହ୍ୟ ସମ୍ପନ୍ନ ସତ୍ୟବାଦୀ ମହୋତ୍ସବ ପାଳନ ପାଇଁ ପ୍ରସ୍ତୁତି ବୈଠକ ସତ୍ୟବାଦୀ ବ୍ଲକ୍ ଅନ୍ତର୍ଗତ ଏକ ବଉଳ ବାଟିକାରେ ଅନୁଷ୍ଠିତ ହୋଇଯାଇଛି । ଜାନକୀ ବରାଳରଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ଦଶମ ବାର୍ଷିକ ସତ୍ୟବାଦୀ ମହୋତ୍ସବ - ୨୦୨୬ ଆସନ୍ତା ଫେବୃଆରୀ ମାସ ୬, ୭ ଓ ୮ ତାରିଖରେ ଅନୁଷ୍ଠିତ ହେବ ବୋଲି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଚଳିତ ବର୍ଷ ମହୋତ୍ସବକୁ ଅଧିକ ଆକର୍ଷଣୀୟ କରାଯିବ ବୋଲି କର୍ମକର୍ତ୍ତା ମତବ୍ୟକ୍ତ କରିଥିଲେ । ମହୋତ୍ସବର ମୁଖ୍ୟ ଲକ୍ଷ୍ୟ ସତ୍ୟବାଦୀର ସଂସ୍କୃତି ଓ ପରମ୍ପରାକୁ ଲୋକଲୋଚନକୁ ଆଣିବା ସହିତ, ୨୪ଟି ପଞ୍ଚାୟତରେ, ମହୋତ୍ସବ ରଥ ପରିକ୍ରମା କରି, ଗୋଟିଏ ଗୁଆ ଓ ନଡିଆ, ଲୋକମାନଙ୍କ ଠାରୁ ଅଣା ଯିବା ସହିତ ସେହିପରି ପ୍ରଥମ ଦିନରେ ମହୋତ୍ସବର ମୁଖ୍ୟ ଆକର୍ଷଣ ଜ୍ୟୋତିଯାତ୍ରାକୁ ମଧ୍ୟ ଆକର୍ଷଣୀୟ କରାଯିବା ପାଇଁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିବା ଜଣାପଡିଛି । ମହୋତ୍ସବ କମିଟିର ସଭାପତି, ଓମ ପ୍ରକାଶ ମିଶ୍ର, ରତିକାନ୍ତ ମିଶ୍ର, ଉପସଭାପତି ବିଷ୍ଣୁ ପ୍ରିୟା ବରାଳ, ସମ୍ପାଦକ ଦୀପକ ଶତପଥୀ, କୋଷାଧ୍ୟକ୍ଷ, ସଂଯୋଜକ ଜାନକୀ ବରାଳ । ସମ୍ପାଦକ ଶ୍ରୀ ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରଞ୍ଜନ କୁମାର ବରାଳ, ପ୍ରଦ୍ୟୁମ୍ନ ଶତପଥି, ଶରତ ମହାପାତ୍ର, ପୂର୍ଣ୍ଣ୍ୟ ଶ୍ଳୋକ ସ୍ୱାଇଁ, ଦେବ କିଶୋର ସ୍ୱାଇଁ, ତ୍ରିଲୋଚନ ରଥ, ବାବୁଲି ସାହୁ, ସୁବାସ ଜେନା, ଅଶୋକ ରାଉତଙ୍କ ସହିତ ଶତାଧିକ ଯୁବ ପ୍ରେମୀମାନେ ଉପସ୍ଥିତ ଥିଲେ । ଶେଷରେ ସଦସ୍ୟ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିବା ସହିତ ସତ୍ୟବାଦୀର ଗରିମାମୟ ଐତିହ୍ୟକୁ ବଜାୟ ରଖିବା ପାଇଁ ଏବଂ ମହୋତ୍ସବର ସଫଳତା ନିମନ୍ତେ ସମସ୍ତଙ୍କ ସହଯୋଗ କାମନା କରିଥିଲେ ।

# ମା'ମଙ୍ଗଳା ନାଟ୍ୟ ପରିଷଦ ଆନୁକୂଲ୍ୟରେ ନାଟ୍ୟ ପ୍ରତିଯୋଗିତା



ଚଣ୍ଡିଖୋଲ,୨୬।୧୨ ଏକ୍ସପ୍ରେସ୍ ନ୍ୟୁଜ୍

ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ ଚଣ୍ଡିଖୋଲ ମା'ମଙ୍ଗଳା ନାଟ୍ୟ ପରିଷଦ ଆନୁକୂଲ୍ୟରେ ଆଞ୍ଚଳିକ ନାଟ୍ୟ ପ୍ରତିଯୋଗିତା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ନାଟ୍ୟ ପରିଷଦର ସଭାପତି ପ୍ରକାଶ ରାଉତଙ୍କ ଅଧକ୍ଷତା ଓ ସମରେନ୍ଦ୍ର ମାହାଲା ସଞ୍ଚାଳନରେ ମୁଖ୍ୟଅତିଥି ଭାବେ ଚଣ୍ଡିଖୋଲ ଅଗ୍ନିଶମ ଅଧିକାରୀ ସନ୍ତୋଷ କୁମାର ସ୍ୱାଇଁ, ମୁଖ୍ୟବକ୍ତା ଭାବେ ସଂଗୀତ ନିର୍ଦ୍ଦେଶକ ବିକାଶ ଶୁକ୍ଳା, ସମ୍ମାନୀତ ପ୍ରେସକ୍ଲବ ଚଣ୍ଡିଖୋଲର ସମ୍ପାଦକ ହେମନ୍ତ କୁମାର ଜେନା, ଅନ୍ୟତମ ଅତିଥି ନାଟ୍ୟକାର ବିକାଶ ବାରିକ, ସୁଙ୍ଗୁଡା ପଞ୍ଚାୟତ ସମିତି ସଭ୍ୟା ସିଗ୍ଧା ରାଣୀ ସ୍ୱାଇଁ, ସୁଙ୍ଗୁଡା ନାଏବ ସରପଞ୍ଚ ସୁଜିତ ଜେନା, ଅଗ୍ନିଶମ ଯୁଗ୍ମ ଅଧିକାରୀ ଶ୍ରୀରାମ ଶର୍ମା, ସମ୍ପାଦକ ଦେବଦତ ଜେନା, କୋଷାଧକ୍ଷ ସଞ୍ଜୀବ ବଳ, ଉପସଭାପତି ସ୍ମୃତି ରଞ୍ଜନ ମାହାଲା, ମଞ୍ଚରେ ଉପସ୍ଥିତ ଥିଲେ । ପ୍ରଥମେ ଅତିଥିମାନେ ପ୍ରଦୀପ ପ୍ରଜ୍ଜଳନ କରି ଶୁଭରାମ୍ଭ କରିଥିଲେ, ଏହି ପ୍ରତିଯୋଗିତା ଉତ୍ସବରେ ୪ଟି ନାଟ୍ୟ ଅନୁଷ୍ଠାନ, ସତ୍ୟନାରାୟଣ ନାଟ୍ୟ ପରିଷଦ ନିଶିମଳା, କାର୍ତ୍ତିକେୟ ପୁସ୍ତକ ଗାର ସୁଙ୍ଗୁଡା, ନଳୁଆଶୁଣୀ ନାଟ୍ୟ ପରିଷଦ ଖୋସାଲିପୁର, ଲକ୍ଷ୍ମୀ ନାରାୟଣ ନାଟ୍ୟ ପରିଷଦ ନୂଆ ସୁଙ୍ଗୁଡା ଭାଗ ନେଇଥିଲେ । ସତ୍ୟ ନାରାୟଣ ନାଟ୍ୟ ପରିଷଦ ନିଶିମଳା, ପ୍ରଥମ ରଜନୀରେ ସେଇ ଗୋଟିଏ ଭୁଲ ପାଇଁ ନାଟକ ମଞ୍ଚସ୍ଥକରି ସମାଜକୁ ବିପଥଗାମୀ ଯୁବ ଗୋଷ୍ଠିକୁ ମାର୍ଜିତ କରିବା, ଈଶ୍ୱରଙ୍କ ପ୍ରତି ଭକ୍ତି ଭାବ ଜାଗ୍ରତ କରିବା, ପରିବାର ପ୍ରତି ସ୍ନେହ ଶ୍ରଦ୍ଧା ସମାଜ ପ୍ରତି ଭାଇଚାରା ସୃଷ୍ଟି କରିବାର ପ୍ରେରଣା ଦେଇଥିଲେ । ନିଶିମଳା ଗ୍ରାମର ପୂର୍ବତନ କଳାକାରଙ୍କୁ ସମ୍ମାନିତ କରାଯାଇଥିଲା ।

# ଆଦିବାସୀ ଖାଦ୍ୟ ଓ ଦୀର୍ଘସ୍ଥାୟୀ ଜୀବିକା ପ୍ରୋତ୍ସାହନ ଲାଗି ପ୍ରୟାସ

କଳିଙ୍ଗନଗର,୨୬।୧୨ ଏକ୍ସପ୍ରେସ୍ ନ୍ୟୁଜ୍

କଳିଙ୍ଗନଗର ଆଖପାଖ ଅଞ୍ଚଳର ଲୋକମାନଙ୍କ ସାମଗ୍ରିକ ବିକାଶ ସହ ସ୍ଥାନୀୟ ଆଦିବାସୀ ସମୁଦାୟର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଓ ପାରମ୍ପରିକ ଜୀବନଶୈଳୀର ସଂରକ୍ଷଣ ଦିଗରେ ଟାଟା ଷ୍ଟିଲ୍ ଫାଉଣ୍ଡେସନ (ଟିଏସଏଫ୍) ନିଜର ପ୍ରୟାସ ଜାରି ରଖିଛି । ଏହି ପଦକ୍ଷେପର ଅଂଶ ସ୍ୱରୂପ, ଫାଉଣ୍ଡେସନ ପକ୍ଷରୁ ଗୋବରଘାଟି-୧, ଗୋବରଘାଟି-୨ ଏବଂ ରାମଠେଙ୍ଗ ଗ୍ରାମର ଚାରିଜଣ ପ୍ରତିଭାଶାଳୀ ଆଦିବାସୀ ମହିଳା ସେଫ୍ଙ୍କ ପାଇଁ ପୁରୀ ଜିଲ୍ଲାସ୍ଥିତ କୋଣାର୍କ ଇକୋ ରିଟ୍ରିଟ୍‌ରେ ତିନି ମାସିଆ ଆବାସିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ କରାଯାଇଛି ।



ଡିସେମ୍ବର ୧୧ରୁ ଆରମ୍ଭ ହୋଇଥିବା ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆସନ୍ତା ମାର୍ଚ୍ଚ ୧୧, ୨୦୨୬ ପର୍ଯ୍ୟନ୍ତ ଚାଲିବ । ଓଡ଼ିଶା ସରକାରଙ୍କ ଇକୋ-ଟୁରିଜିମ ପଦକ୍ଷେପ ସହଯୋଗରେ କାର୍ଯ୍ୟକାରୀ ହେଉଥିବା ଏହି ତାଲିମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଆଦିବାସୀ ପାରମ୍ପରିକ ଖାଦ୍ୟ ପ୍ରଣାଳୀକୁ ସୁଦୃଢ଼ କରିବା ସହ ଏହା ମାଧ୍ୟମରେ ଦୀର୍ଘସ୍ଥାୟୀ ଜୀବିକାର ସୁଯୋଗ ସୃଷ୍ଟି କରିବା । ଟାଟା ଷ୍ଟିଲ୍ ଫାଉଣ୍ଡେସନର 'ସଂବାଦ' କାର୍ଯ୍ୟକ୍ରମ ଅଧୀନରେ ପରିଚାଳିତ ଏହି ପ୍ରଶିକ୍ଷଣ ଶିବିରରେ ପ୍ରସିଦ୍ଧ ଆଦିବାସୀ ଖାଦ୍ୟ ପରାମର୍ଶଦାତ୍ରୀ ଓ ଫୁଡ୍ ବ୍ଲଗର୍ ମାଷ୍ଟର ସେଫ୍ ମଧୁସ୍ମିତା ସୋରେନ ମୁର୍ମୁ ମୁଖ୍ୟ ପ୍ରଶିକ୍ଷିକା ଭାବେ ଯୋଗଦେଇଛନ୍ତି । ସେ ପୂର୍ବରୁ କଳିଙ୍ଗନଗର ଅଞ୍ଚଳର ୩୫ ଜଣ ଆଦିବାସୀ ରୋଷେୟାଙ୍କୁ ତାଲିମ ପ୍ରଦାନ କରି ସ୍ଥାନୀୟ ଖାଦ୍ୟ ସଂସ୍କୃତିର ପ୍ରଚାର-ପ୍ରସାରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଛନ୍ତି । ଏହି ପ୍ରଶିକ୍ଷଣରେ ଅଂଶଗ୍ରହଣ କରିଥିବା ଗୋବରଘାଟି ଗ୍ରାମର ଗୀତା ଜାମୁଦା ଏବଂ ପ୍ରିୟଦର୍ଶିନୀ ସୋଏ ନିଜ ଅନୁଭୂତି ସାଝା କରି ଏପରି ବୃତ୍ତିଗତ ପରିବେଶରେ ଶିଖିବାର ସୁଯୋଗ ପାଇଥିବାରୁ ଟାଟା ଷ୍ଟିଲ୍ ଫାଉଣ୍ଡେସନ ପ୍ରତି କୃତଜ୍ଞତା ପ୍ରକାଶ କରିଛନ୍ତି ।

ବିଶେଷକରି ପ୍ରିୟଦର୍ଶିନୀ ଆଗାମୀ ଦିନରେ ନିଜର ଏକ 'କ୍ଲାଉଡ୍ କିଚେନ୍' ଆରମ୍ଭ କରିବାକୁ ଲକ୍ଷ୍ୟ ରଖିଥିବା କଥା କହିଛନ୍ତି, ଯାହା ତାଙ୍କୁ ଆର୍ଥିକ ଭାବେ ସ୍ୱାବଲମ୍ବୀ କରିବ ।

ପ୍ରଶିକ୍ଷଣ ସମାପ୍ତି ପରେ ଏକ ସାଧାରଣ ଖାଦ୍ୟ ମହୋତ୍ସବ ଆୟୋଜନର ଯୋଜନା ରହିଛି, ଯେଉଁଠାରେ ଅଂଶଗ୍ରହଣକାରୀମାନେ ସେମାନଙ୍କର ରୋଷେଇ କୌଶଳ ପ୍ରଦର୍ଶନ କରିବେ । ଏହା ମାଧ୍ୟମରେ ସେମାନଙ୍କୁ ବଜାର ସୁଯୋଗ ମିଳିବା ସହ ପାରମ୍ପରିକ ଆଦିବାସୀ ଖାଦ୍ୟର ପୁଷ୍ଟିକର ମୂଲ୍ୟ ଓ ସାଂସ୍କୃତିକ ଗୁରୁତ୍ୱ ବିଷୟରେ ସାଧାରଣ ଲୋକଙ୍କୁ ସଚେତନ କରାଯିବ ।ସାରକଥା, ଗ୍ରାମୀଣ ସ୍ତରରେ ଖାଦ୍ୟ ଭିତ୍ତିକ ଉଦ୍ୟୋଗ ପ୍ରତିଷ୍ଠା କରି ପାରମ୍ପରିକ ଜ୍ଞାନ ଓ କୌଶଳକୁ ଦୀର୍ଘସ୍ଥାୟୀ ଜୀବିକାରେ ପରିଣତ କରିବା ଏହି ଅଭିନବ ପ୍ରୟାସର ମୂଳ ଲକ୍ଷ୍ୟ ।

# ଗୁଣ୍ଡିଚାଘାଗି ମହୋତ୍ସବ



ଘଟଗାଁ,୨୬।୧୨ ଏକ୍ସପ୍ରେସ୍ ନ୍ୟୁଜ୍

ବଣଚକୁଲିଆ ଉନ୍ନୟନ ପରିଷଦ ଅନକୂଲ୍ୟରେ ୧୫ତମ ଗୁଣ୍ଡିଚାଘାଗୀ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ପରିଷଦର ଉପଦେଷ୍ଟା କୁସୁନ ମୁଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ମହୋତ୍ସବରେ ସ୍ଥାନୀୟ ସରପଞ୍ଚ ଅନ୍ନପୂର୍ଣ୍ଣା ଦେହୁରୀ ମୁଖ୍ୟଅତିଥି, ନାରାୟଣ ସେବା ଟ୍ରଷ୍ଟ ଅଧକ୍ଷ ସଞ୍ଜୟ କୁମାର ମିଶ୍ର, ସମିତି ସଭ୍ୟା ସୁବାସିନୀ ନାଏକ, ଓ୍ୱାର୍ଡ ସଭ୍ୟା ସୁବାସିନୀ ନାଏକ, ସମାଜସେବୀ ମକର ଧ୍ୱଜ ବେହେରା, ସୁନିତା ବିଶ୍ୱାଳ ପ୍ରମୁଖ ସମ୍ମାନିତ ଅତୀଥି ଭାବେ ଯୋଗଦେଇ ଦୀର୍ଘ ଏକ ସପ୍ତାହ ଧରି ପାଳନ ହେବାକୁ ଯାଉଥିବା ଏହି ମହୋତ୍ସବ ମଧ୍ୟରେ ଭାଇଚାରା ସୃଷ୍ଟିପାଇଁ ଆହ୍ୱାନ ଦେଇଥିଲେ । ପରିଷଦର ସଭାପତି ଦଶରଥ ମୁଣ୍ଡା ପାରମ୍ପରିକ ନୃତ୍ୟ କଳା ସମ୍ପର୍କରେ ଆଲୋକପତ କରିବା ସହ ସ୍ୱାଗତ ଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମ, ପାପୁନ ମୁଣ୍ଡା, ସଚିନ ମୁଣ୍ଡା, ସନାତନ ମୁଣ୍ଡା, ସୁଶାନ୍ତ ନାଏକ, ଦୁଃଶାସନ ଖଣ୍ଡା, ବିର୍ସା ମୁଣ୍ଡା, ତ୍ରିଲୋଚନ ମୁଣ୍ଡା, ଦଶରଥ ମୁଣ୍ଡା, ଶିଳାଇ, ମୁଣ୍ଡା, ଗଣେଶ ମୁଣ୍ଡା, ଜିତେନ୍ଦ୍ର ମୁଣ୍ଡା, କୃଷ୍ଣ ମୁଣ୍ଡା, ଘନ ମୁଣ୍ଡା, କବିନ୍ଦ୍ର ମହାକୁଡ଼ ପ୍ରମୁଖ ସହଯୋଗ କରିଥିଲେ । ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର | ପୃଷ୍ଠା : ୭

● ୨୭ ଡିସେମ୍ବର ୨୦୨୫ ● ଶନିବାର


## ବିଭିନ୍ନ ସ୍ଥାନରେ ବିଜେଡି ପ୍ରତିଷ୍ଠା ଦିବସ

**ଶେରଗଡ:** ବିଜେଡି ର ପ୍ରତିଷ୍ଠା ଦିବସ ଶେରଗଡ ଠାରେ ପାଳିତ ହୋଇଯାଇଛି। ବିଧାୟକଙ୍କ ପ୍ରତିନିଧି ଦିଗାମ୍ବର ନାହାକ ଓ ବ୍ଲକ ଅଧକ୍ଷ କୃଷ୍ଣଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ଦଳୀୟ କର୍ମୀ ଓ କର୍ମକର୍ତ୍ତା ଶେରଗଡସ୍ଥିତ ଚାରି ଛକଠାରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତି ନିକଟରେ ଏକତ୍ରିତ ହୋଇ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଦଳୀୟ କର୍ମୀମାନେ ବିଜୁବାବୁ ଅମର ରହେ, ବିଜେଡି ଜିନ୍ଦାବାଦ ନାରା ଦେଇଥିଲେ। ସେଠାରେ ଉପସ୍ଥିତ କର୍ମକର୍ତ୍ତାମାନେ ବିଜେଡିର ସୁଶାସନ ବ୍ୟବସ୍ଥା ସାଙ୍ଗକୁ ବିଭିନ୍ନ ଲୋକାଭିମୁଖୀ ଯୋଜନା ଉପରେ ବିଜେଡି କର୍ମୀମାନେ ପ୍ରକାଶ କରିଥିଲେ। ଆଗାମୀ ପଞ୍ଚାୟତ ନିର୍ବାଚନରେ ଦଳକୁ ସଶକ୍ତ କରି ବିଧାୟକଙ୍କ ହାତମୁଠା ତଥା ଦଳକୁ ସୁଦୃଢ କରିବା ଲାଗି ପ୍ରତିଶ୍ରୁତିବଦ୍ଧ ଥିବା କର୍ମକର୍ତ୍ତାମାନେ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ଉପାଧକ୍ଷାଙ୍କ ପ୍ରତିନିଧି କାହ୍ନୁ ଚରଣ ପଟ୍ଟନାୟକ, ବ୍ଲକ ବିଜେଡି ସଭାପତି ଶରତ ଚନ୍ଦ୍ର ପାତ୍ର, ଜିଲ୍ଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ପାଣିଗ୍ରାହୀ, ଆମ୍ବାର ଅଧକ୍ଷ ରଞ୍ଜନ ସେଠି, ତହଁର ସରପଞ୍ଚ ଶିବରାମ ମେହେଣା, ବରିଷ୍ଠ ବିଜେଡି ନେତା ତଥା ପୂର୍ବତନ ସରପଞ୍ଚ ମେଘନାଦ ଦାସ, ବରିଷ୍ଠ ସମାଜସେବୀ ଦୁର୍ଗା ମାଧବ ବିଷୋୟୀଙ୍କ ସହିତ ବହୁ ବିଜେଡି କର୍ମକର୍ତ୍ତା, ଦଳୀୟ କର୍ମୀ ଉପସ୍ଥିତ ଥିଲେ।

**କଳିଙ୍ଗନଗର:** ଓଡ଼ିଶାର ଶ୍ରେଷ୍ଠ ଆଞ୍ଚଳିକ ଦଳ ବିଜେଡି ୨୯ତମ ପ୍ରତିଷ୍ଠା ଦିବସ ସମଗ୍ର ରାଜ୍ୟରେ ଉତ୍ସାହ ଓ ଆନନ୍ଦର ସହ ପାଳନ କରୁଥିବାବେଳେ ସୁକିନ୍ଦା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଦୁଇଟି ବ୍ଲକରେ ମଧ୍ୟ ଏହି ଅବସରକୁ ଧୁମଧାମରେ ପାଳନ କରାଯାଇଛି। ଏହି ଅବସରରେ ଦାନଗଦି ଅଞ୍ଚଳରେ ଥିବା ବିଜୁ ଜନତା ଦଳ କାର୍ଯ୍ୟାଳୟରେ ୨୯ତମ ପ୍ରତିଷ୍ଠା ଦିବସ ମହାସମାରୋହରେ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ବକ୍ତାମାନେ ବିଜୁବାବୁ କିପରି ଓଡ଼ିଶାର ସର୍ବାଙ୍ଗୀଣ ବିକାଶ ପାଇଁ ଅହରହ ଚେଷ୍ଟା କରିଥିଲେ, ସେ ସମ୍ପର୍କରେ ଆଲୋକପାତ କରିଥିଲେ। ବିଜୁ ବାବୁଙ୍କ ନୀତି–ଆଦର୍ଶକୁ ଆଧାର କରି ଗଠିତ ବିଜୁ ଜନତା ଦଳ ଆଜି ଓଡ଼ିଶାର ଶ୍ରେଷ୍ଠ ଓ ସବୁଠାରୁ ଶକ୍ତିଶାଳୀ ଆଞ୍ଚଳିକ ଦଳ ଭାବେ ପରିଚିତ ହୋଇଉଠିଛି। ବିଜୁ ବାବୁଙ୍କ ସୁପୁତ୍ର ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜୁ ଜନତା ଦଳ ଦୁଇ ଦଶକରୁ ଅଧିକ ସମୟ ଧରି ଓଡ଼ିଶାକୁ ସୁଶାସନ ଦେଇ ଆସିଛି ଏବଂ ସାଢ଼େ ଚାରି କୋଟି ଓଡ଼ିଆ ଜନତାଙ୍କ ହୃଦୟରେ ସ୍ଥାନ ଦଖଲ କରିପାରିଛି। ବକ୍ତାମାନେ ବିଗତ ଦିନଗୁଡ଼ିକରେ ବିଜୁ ଜନତା ଦଳ ସରକାର ସମୟରେ ରାଜ୍ୟରେ ହୋଇଥିବା ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନା ଓ ଉନ୍ନତିମୂଳକ କାର୍ଯ୍ୟ ବିଷୟରେ ମଧ୍ୟ ଆଲୋଚନା କରିଥିଲେ। ଆଜିର ଏହି ପ୍ରତିଷ୍ଠା ଦିବସ ଅବସରରେ ବହୁ ସଂଖ୍ୟାରେ ବିଜୁ ଜନତା ଦଳର କର୍ମୀ, ନେତୃବୃନ୍ଦ ଓ ଶୁଭେଚ୍ଛୁମାନେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ମିଲିଟାରୀ ଛକରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହି ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ଦାନଗଦି ବ୍ଲକ୍ ପଞ୍ଚାୟତ ସମିତିର ଅଧ୍ୟକ୍ଷା, ଉପାଧ୍ୟକ୍ଷ, ଦାନଗଦି ବିଜୁ ଜନତା ଦଳର ସଭାପତି ସହ ବହୁ ସଂଖ୍ୟାରେ ମହିଳା କର୍ମୀ ଓ ଦଳୀୟ ସମର୍ଥକମାନେ ଉପସ୍ଥିତ ଥିଲେ।

**ନିଆଳି:** ନିଆଳୀ ନିର୍ବାଚନ ମଣ୍ଡଳୀ ୪୫ଟି ପଞ୍ଚାୟତର ଆଗଧାଡିର ଛାମୁଆ କମ ପଞ୍ଚାୟାତ ଲୋକ ପ୍ରତିନିଧି ଓ ବିଜେଡିର ପଞ୍ଚାୟତ ସଭାପାତିମାନଙ୍କୁ ନେଇ ୨୯ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ନିଆଳି ଅଚିନ୍ନା ପଡିଆ ପାଖରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୂର୍ବତନ ବିଧାୟକ ଡଃ ପ୍ରଫେସର ପ୍ରମଦ କୁମାର ମାଲିକ୍ ଶତାଧିକ କର୍ମୀଙ୍କ ସହ ପହଞ୍ଚି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ନୂଆଗାଁସ୍ଥିତ ସୋଭେନେଶ୍ୱର ମନ୍ଦିର ପଡ଼ିଆରେ ଏକ ବିଶାଳ ସାଧାରଣ ସଭା ଆୟୋଜନ ହୋଇଥିଲା।

ଏହି ସଭାରେ ସଭାରେ ସଭାପତିତ୍ୱ କରିଥିଲେ ନିଆଳି ବ୍ଲକ ବଜେଡି ସଭାପତି ଅତୁଲ୍ୟ ଜେନା, ମୁଖ୍ୟ ଅତିଥି ପୂର୍ବତନ ବିଧାୟକ ଡଃ ପ୍ରଫେସର ପ୍ରମଦ କୁମାର ମଲ୍ଲିକ୍ ଯେଗ ଦେଇଥିଲେ। ସଭା ପରିଚାଳନା କରୁଥିଲେ ପ୍ରଦୀପ କୁମାର ଦାସ୍। ଏହି ସଭାରେ ଡା. ମଲ୍ଲିକ୍ କହିଲେ ଆଗାମୀ ପଞ୍ଚାୟତ ନିର୍ବାଚନରେ କିଭଳି ବିଜେଡି ଭଲ ପ୍ରଦର୍ଶନ କରି ତିନିଗୋଟି ବ୍ଲକ୍ ସମିତି ଦଖଲ କରିବ ସେ ନେଇ କର୍ମୀମାନେ ପରିଶ୍ରମ କରିବାକୁ କହିଥିଲେ। ସଭାରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ୍ ଅଧ୍ୟକ୍ଷ ଉମେଶ ଚନ୍ଦ୍ର ବେହେରା, ଜିଲା ପରିଷଦ ସଭ୍ୟ ଦେବାଷସି ସଡ଼ଙ୍ଗୀ, ସଭ୍ୟା ସୌଦାମିନୀ ମହାପାତ୍ର, କବିତା ରାଉତ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ନ୍ୟାୟ ବ୍ରତ ରାଉତ, ନକୁଳ ରାଉତ, ବିଷ୍ଣୁଚରଣ ସୁଇଁ, ଅନ୍ତର୍ଯାମି ବଡୁ, ସୁବ୍ରତ ପାତ୍ର, ବିମାନ ବିହାରୀ ବେହେରା, ସ୍ମିତାରାଣୀ ସୁଇଁ, ମହିଳା ଶୋଭାନେତ୍ରୀ ଦୀପ୍ତି ପତିଆରି, ଅଭିମନ୍ୟୁ ମଲିକ୍, ସିମିତ ନିଆଳୀ ନିର୍ବାଚନ ମଣ୍ଡଳୀର ସମସ୍ତ ବିଜୁ ପ୍ରେମି, ବିଜେଡି ସଦସ୍ୟ ଓ ସଦସ୍ୟା, ବିଜେଡି ସମର୍ଥ ସରପଂଚ, ସମିତି ସଭ୍ୟ ଓ ସଭ୍ୟା, ଯୁବସଭାପତି, ମହିଳା ସୋଭା ନେତ୍ରି, ଛାତ୍ର ସଭାପତି, ଛାମୁଆଁ କର୍ମୀ ସିମିତ ବହୁ ବିଜେଡି କର୍ମକର୍ତ୍ତା ଏକତ୍ରିତ ହୋଇ ସଭାରେ ଉପସ୍ଥିତ ଥିଲେ।

**ବାଙ୍କୀ:** ବାଙ୍କୀ ଉପଖଣ୍ଡରେ ବିଜୁ ଜନତାଦଳର ୨୯ତମ ପ୍ରତିଷ୍ଠା ଦିବସ ମହାରଣା ମଣ୍ଡପ ଠାରେ ମହାସମାରୋହରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଯୋଗଦେଇ ଆଗାମୀ ଦିନରେ ବିଜୁ ଜନତା ଦଳ ତୃଣମୂଳ ସ୍ତରରେ ଶକ୍ତିଶାଳୀ ହେବା ସହ ସମସ୍ତେ ଏକାଠୀ ରହି ଦଳ ପାଇଁ କାର୍ଯ୍ୟକରିବା ପାଇଁ ପରାମର୍ଶ ଦେଇଥିଲେ। ୧୮ମାସ ଭିତରେ ବିଜେପି ସରକାର ବିଭିନ୍ନ କ୍ଷେତ୍ରରେ ବିଫଳତା ହୋଇଥିବା କଥା ବିଭିନ୍ନ ଉଦାହରଣ ମାଧ୍ୟମରେ ବିଧାୟକ ଶ୍ରୀ ତ୍ରିପାଠୀ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଟକ ଜିଲ୍ଲା ପରିଷଦର ଉପାଧ୍ୟକ୍ଷା ସୁଭଦ୍ରା ଦାସ ଯୋଗଦେଇ ବିଜେପି ସରକାରକୁ କଟୁ ସମାଲୋଚନା କରିବା ସହ ଆଗାମୀ ଦିନରେ ବିଜେପି କିପରି ଶକ୍ତିଶାଳୀ ହୋଇ ପାରିବ ତାହା ଉପରେ ବକ୍ତବ୍ୟ ରଖିଥିଲେ। ସମ୍ମାନୀୟ ଅତିଥି ଭାବେ ଡମପଡା ବ୍ଲକ ବିଜେଡି ସଭାପତି ଆର୍ତ୍ତତ୍ରାଣ ସ୍ୱାଇଁ, ବାଙ୍କୀ ବ୍ଲକ ବିଜେଡି ସଭାପତି ଅନନ୍ତ ଦାସ, ନଗର ବିଜେପି ସଭାପତି ଭାଗୀରଥି ବିଶ୍ୱାଳ, କେନ୍ଦ୍ରୀୟ ଜୋନ୍ ଜିଲ୍ଲାପରିଷଦ ସଦସ୍ୟା ମିନତୀ ମହାପାତ୍ର, ୩୮ନମ୍ବର ଜିଲ୍ଲାପରିଷଦ ସଦସ୍ୟ ଆଶିଷ ସାହୁ, ରଶ୍ମିତା ସାହୁ, ସମିତି ସଭ୍ୟ ନାରାୟଣ ଜେନା, ଜୟପ୍ରକାଶ ମିଶ୍ର, ବିଜନ ସାହୁ, କଟକ ଜିଲ୍ଲା ବିଜେଡି ସଂପାଦକ ସନାତନ ବେହେରା, ଛାତ୍ର ବିଜେଡି ସଭାପତି ବ୍ରଜବଲ୍ଲଭ କର, ଏନ୍.ଏ.ସି ଅଧ୍ୟକ୍ଷା ମାଣିକ ସାହୁ, ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢୀ, ଅକ୍ଷୟ ବେହେରା, ଶୁଭମ୍ ବେହେରା ସମେତ ବହୁ ସରପଂଚ, ସମିତି ସଭ୍ୟ, ଛାତ୍ରବିଜେଡି, ଯୁବିବିଜେଡି ଏବଂ ମହିଳା ବିଜେଡିର ବହୁକର୍ମୀମାନେ ସେମାନଙ୍କର ମତାମତ ରଖିଥିଲେ। ଏହି କାର୍ଯ୍ୟକ୍ରମକୁ ଉପନଗରପାଳ ତଥା ବିଜେଡି ନେତା ସନ୍ତୋଷ କୁମାର ରଣା ପରିଚାଳନା କରିଥିଲେ। ଶେଷରେ କାଉନସିଲର ପଠାଣୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

**କୁଆଁରୀଆ ଠାରେ ବିଜେଡି ର ପ୍ରତିଷ୍ଠା ଦିବସ ପାଳିତ**

**ଦଶପଲ୍ଲା:** ଦଶପଲ୍ଲାର ଅନ୍ୟତମ ଆକର୍ଷଣ କୁଆଁରିଆ ଡ୍ୟାମ ନିକଟସ୍ଥ ଏକ ଅତ୍ୟନ୍ତ ମନୋରମ ପରିବେଶରେ ଦଶପଲ୍ଲା ନିର୍ବାଚନ ମଣ୍ଡଳୀ ସ୍ତରୀୟ ବିଜୁ ଜନତା ଦଳର ୨୯ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଡାକ୍ତରଖାନା ଛକ ନିକଟରେ ଥିବା ବିଜୁବାବୁଙ୍କ ବିଶାଳ ପ୍ରତିମୂର୍ତ୍ତିରେ ଦଳ ପକ୍ଷରୁ ମାଲ୍ୟାର୍ପଣ କରାଯିବା ପରେ ଏକ ବିରାଟ ରାଲିରେ କୁଆଁରିଆ ଡ୍ୟାମ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ପ୍ରସ୍ତୁତ ଥିବା ମଞ୍ଚରେ ୩ ଗୋଟି ବ୍ଲକର ଅଧ୍ୟକ୍ଷ, ଉପାଧ୍ୟକ୍ଷ, ଜିଲ୍ଲା ପରିଷଦ ସଭ୍ୟ, ସରପଞ୍ଚ, ସମିତି ସଭ୍ୟ /ସଭ୍ୟା, କିଛି ମହିଳା ନେତ୍ରୀ ଯୋଗ ଦେଇଥିଲେ। ମୁଖ୍ୟତଃ ଦଳକୁ ମଜବୁତ କରିବା ସହ ବିଧାୟକଙ୍କ ହାତ ମୁଠାକୁ ଟାଣ କରିବା ଏବଂ ଆଗାମୀ ଦିନରେ ସମସ୍ତେ ଏକାଠି ରହି ନିର୍ବାଚନ ଲଢ଼ିବା। ବିଜେପି ମିଛୁଆ ସରକାର, ମିଛ କହି ସରକାରକୁ ଆସିଛି ବୋଲି କହିଥିଲେ। ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସୁନନ୍ଦା ସାହୁ, ପୁନମ ପ୍ରିୟଦର୍ଶିନୀ, ବବିତା ସାହୁ, ସଞ୍ଜୁ ଲତା ବେହେରା, ପ୍ରଫୁଲ୍ଲ ସାହୁ, ବସନ୍ତ ପ୍ରଧାନ, ମହେଶ୍ୱର ମହାରଣା, ପ୍ରମୁଖ ଉଦବୋଧନ ଦେଇଥିଲେ। ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟା ସଂଯୁକ୍ତା ଦାଶଗୁପ୍ତା ସଂଯୋଜନା କରିବା ସହ ଉପେନ୍ଦ୍ର କୁମାର ସାହୁ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ଅସ୍ତରଙ୍ଗ:** କାକଟପୁର ନିର୍ବାଚନ ମଣ୍ଡଳୀର ବିଜୁ ଜନତା ଦଳ ପକ୍ଷରୁ ୨୯ ତମ ପ୍ରତିଷ୍ଠା ଦିବସ ସ୍ଥାନୀୟ ପଦ୍ମ ଚରଣ ସାମନ୍ତ ସିଂହାର ଟ୍ରଷ୍ଟ ପରିସର ଶତାଧିକ କର୍ମୀଙ୍କ ସମାବେଶ ରେ ପାଳିତ ହୋଇଯାଇଛି। ଏଥିରେ କାକଟପୁର ବିଧାୟକ ତୁଷାର କାନ୍ତି ବେହେରା, ପୁରୀ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, ହିମାଂଶୁ ଭୁଷଣ ଦୀକ୍ଷିତ, ଅଭୟ କୁମାର ସେଠୀ, ପଞ୍ଚାନନ ସ୍ୱାଇଁ, ଗଦାଧର ବିଶ୍ୱାଳ, ଦୀପକ ଶତପଥି, ବିଶ୍ୱଜିତ ଦାଶ, ବିଷ୍ଣୁ ଚରଣ ବେହେରା, ଯଶୋବନ୍ତ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଆଗାମୀ ଦିନରେ ବିଜେଡି ର ହାତ ମୁଠା କୁ ଟାଣ କରିବା ପାଇଁ ବିଧାୟକ ଶ୍ରୀ ବେହେରା କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ।

## ମହିଳା ସରପଞ୍ଚଙ୍କୁ କର୍ମୀଙ୍କ ମାଡ !

**ବୈଶିଙ୍ଗା:ଏକ୍ସପ୍ରେସ୍ ନ୍ୟୁଜ୍**

ବୈଶିଙ୍ଗା ଥାନା ଅନ୍ତର୍ଗତ ରଘୁପୁର ଗ୍ରାମ ପଞ୍ଚାୟତର ସରପଞ୍ଚ ଶ୍ରୀମତୀ ବତୀ ସିଂଙ୍କୁ ରଘୁପୁର ଗ୍ରାମର ଜନୈକ ବ୍ୟକ୍ତି ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ଠେଲାପେଲା କରିବାକୁ ନେଇ ସରପଞ୍ଚ ଶ୍ରୀମତୀ ବତୀ ସିଂ ଗତ ୨୪ ତାରିଖରେ ବୈଶିଙ୍ଗା ଥାନାରେ ଅଭିଯୋଗ କରିଥିଲେ। ଘଟଣାରୁ ପ୍ରକାଶ ରଘୁପୁର ଗ୍ରାମର ଏକ କଂକ୍ରୀଟ ରାସ୍ତା କାମକୁ ସରପଞ୍ଚ ବିଭାଗୀୟ କାର୍ଯ୍ୟ କରାଯିବାର ସିଦ୍ଧାନ୍ତ ନେଇଥିଲେ ମାତ୍ର ସେହି ଗ୍ରାମର ତ୍ରୀଲୋଚନ ନାୟକ ଙ୍କ ପୁତ୍ର ଅଜୟ ନାୟକ ଜବରଦସ୍ତ ଏହି କାମ ଟିକୁ କରିବା ପାଇଁ ମାଲ ମେଟାଲ ଜମା କରିଦେଇଥିଲେ। ଏହା ଦେଖି ସରପଞ୍ଚ ବିଭାଗୀୟ ପଞ୍ଚାୟତ ଅଧିକାରୀଙ୍କ ସହଯୋଗରେ କଂକ୍ରୀଟ୍ କାମଟି ସମ୍ପୂର୍ଣ୍ଣ କରିଦେଇଥିଲେ। ଏଥିରେ କ୍ଷୁବ୍ଧ ହୋଇ ଅଜୟ ନାୟକ ଫୋନରେ ଅଶ୍ରାବ୍ୟ ଭାଷା ସହିତ ରାଣ୍ଡୁଣୀ ବୋଲି ଗାଳି ଗୁଲଜ କରିଥିଲା। କାହିଁକି ଗାଳି ଦେଲୁ ବୋଲି ପଚାରିବା ପାଇଁ ସରପଞ୍ଚ ତାଙ୍କ ଘର ନିକଟରେ ପହଞ୍ଚି ରାସ୍ତା ଉପରେ ଠିଆ ହୋଇ ଅଜୟକୁ ଡାକିବାରୁ ଅଜୟ, ତାର ସ୍ତ୍ରୀ, ତାର ବାପା ଓ ମାଆ ସମସ୍ତେ ଘରୁ ବାହାରି ଆସି ସେହିଭଳି ଅଶ୍ରାବ୍ୟ ଭାଷାରେ ଗାଳି ଗୁଲଜ କରିବା ସହିତ ଛାଞ୍ଚୁଣୀରେ ପିଟିବା, ଠେଲି ଦେବାରୁ ଭୟରେ ନିଜ ସ୍କୁଟିରେ ପଳାଇ ଆସିବା ବେଳେ ସ୍କୁଟିକୁ ଅଜୟ ଗୋଇଠା ମାରିଲା। ଏହାକୁ ଭିତ୍ତି କରି ଦୁଇ ଦିନ ଟନାଘନା ପରେ ବିଧାୟକ ସନାତନ ବିଜୁଳିଙ୍କ ଚାପରେ ସରପଞ୍ଚ ୨୫ ତାରିଖ ସନ୍ଧ୍ୟାରେ ଥାନାରେ ଏକ ଆପୋଷ ବୁଝାମଣା ହେଲା ବୋଲି ପ୍ରକାଶ କରିଥିଲେ। ଯେହେତୁ ଉଭୟ ପକ୍ଷ ଶାସକ ବିଜେପି ଦଳର ହୋଇଥିବାରୁ ପୋଲିସ ମଧ୍ୟ ଚାପରେ ସମାଧାନ କରାଇଥିବା ଥାନାଧିକାରୀ ପ୍ରକାଶ କରିଛନ୍ତି।

## ଦୁର୍ଘଟଣାଗ୍ରସ୍ତ କାର୍‌ରୁ ମିଳିଲା ୮୭ କେଜି ଗଞ୍ଜେଇ

**ଝାରସୁଗୁଡ଼ା:ଏକ୍ସପ୍ରେସ୍ ନ୍ୟୁଜ୍**



ଗଞ୍ଜେଇ କରିଡର୍ ପାଲଟିଲାଣି ଏନ୍‌ଏଚ ୪୯୮ ଗତକାଲି ବିଳମ୍ବିତ ୪୯ର ରାତିରେ ଏନ୍‌ଏଚ ବେଲପାହାଡ଼ ଥାନା ଓଭରବ୍ରିଜ୍ ଉପରେ ଗତକାଲି ବିଳମ୍ବିତ ରାତିରେ ଏକ କାର୍ (ଏମପି ୦୯ ଡବ୍ଲ୍ୟୁଏଫ୍ ୭୩୧୪) ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ତେବେ ଯାଞ୍ଚ ସମୟରେ ଗାଡ଼ିର ଡିକିରୁ ୮୬ ପ୍ୟାକେଟ୍ ଗଞ୍ଜେଇ ମିଳିଥିବା ବେଳେ ଏହାର ଓଜନ ୮୭ କେଜି ୧୦ ଗ୍ରାମ୍ ରହିଥିବା ଜଣାପଡ଼ିଛି। ଦୁର୍ଘଟଣା ପରେ କାର ଚାଳକ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିବା ବେଳେ କିଏ ଓ କେଉଁଠାକୁ ଗଞ୍ଜେଇ ନେଉଥିଲା ତାହା ଜଣାପଡ଼ିପାରିନି। ଏନେଇ ବେଲପାହାଡ଼ ଥାନା ପୁଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ତେବେ ଖବର ଲେଖାହେବା ଯାଏ ଗାଡ଼ିଟି ମଧ୍ୟପ୍ରଦେଶ ଗ୍ୱାଲିୟର ଅଞ୍ଚଳର ବୋଲି ଜଣାପଡ଼ିଥିବା ପୁଲିସ୍ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

ପୁଲିସ୍ ସୂଚନା ଅନୁସାରେ, ଗତକାଲି ରାତି ପ୍ରାୟ ୩ଟା ବେଳେ ଜାତୀୟ ରାଜପଥ ଉପରେ ବେଲପାହାଡ଼ ଥାନା ପକ୍ଷରୁ ପାଟ୍ରୋଲିଂ କରାଯାଉଥିଲା। ଦୁର୍ଘଟଣାଗ୍ରସ୍ତ ହୋଇଥିବା କାର୍‌ଟି ଝାରସୁଗୁଡ଼ା ଦିଗରୁ ଛତିଶଗଡ଼ ଆଡକୁ ଯାଉଥିବା ବେଳେ ପାଟ୍ରୋଲିଂ ଗାଡ଼ିକୁ ଦେଖି ବେଗ ବଢ଼ାଇ ଓଭରଟେକ୍ କରି ଚାଲି ଯାଇଥିଲା। କିଛି ସମୟ ପରେ ଗାଡ଼ିଟି ଭାରସାମ୍ୟ ହରାଇ ଓଭରବ୍ରିଜର ସାଇଡ୍ ୱାଲରେ ପିଟି ହେବା ଫଳରେ ଗୋଟିଏ ପାର୍ଶ୍ୱରୁ ଆଉ ଗୋଟିଏ ପାର୍ଶ୍ୱକୁ ବୁଲି ଯାଇଥିଲା। ସେପଟେ, ଗାଡ଼ି ଦୁର୍ଘଟଣା ହେବା ପରେ ଚାଳକ ତୁରନ୍ତ ସେଠାରୁ ଖସି ଯାଇଥିବା ବେଳେ ପୁଲିସ୍ ପହଞ୍ଚିବା ବେଳକୁ ଗାଡ଼ିରେ କେହି ନଥିଲେ। ଛତିଶଗଡ଼, ମଧ୍ୟପ୍ରଦେଶକୁ କନ୍ଧମାଳ ଓ ବୌଦ୍ଧ ଜିଲ୍ଲାରୁ ଗଞ୍ଜେଇ ଚାଲାଣ ହେଉଛି। ଉଭୟ କନ୍ଧମାଳ ଓ ବୌଦ୍ଧରୁ ଝାରସୁଗୁଡ଼ାକୁ ସଡ଼କ ପଥ ସୁଗମ ରହିଛି। ଗଞ୍ଜେଇ ମାଫିଆ ଜାତୀୟ ରାଜପଥରେ ସମ୍ବଲପୁର ଯାଏ ଆସିବା ପରେ ସେଠାରୁ ବିଜୁ ଏକ୍ସପ୍ରେସ୍ ୱେ ଯୋଗେ ଝାରସୁଗୁଡ଼ା ଆସି ଏଠାରୁ ପୁଣି ଜାତୀୟ ରାଜପଥରେ ଛତିଶଗଡ଼ ଦେଇ ମଧ୍ୟପ୍ରଦେଶକୁ ଯାଉଛନ୍ତି।

## ଦାସ ବେନହୁର ପାଇବେ ପ୍ରାଣନାଥ ସ୍ମୃତି ସମ୍ମାନ

**ଖୋର୍ଦ୍ଧା:ଏକ୍ସପ୍ରେସ୍ ନ୍ୟୁଜ୍**

ଖୋର୍ଦ୍ଧା ଆସନ୍ତା ନବବର୍ଷରେ ଅନୁଷ୍ଠିତ ହେବାକୁ ଯାଉଥିବା ପ୍ରାଣନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟର ସମ୍ବତ୍ସରିକ ଉତ୍ସବରେ ବିଶିଷ୍ଟ ସାହିତ୍ୟିକ ଜିତେନ୍ଦ୍ର ପ୍ରସାଦ ଦାସ ଓରଫ ଦାଶବେନହୁର ପ୍ରାଣନାଥ ସ୍ମୃତି ସମ୍ମାନ ଓ ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ମଞ୍ଜରୀ ସାହିତ୍ୟ ସଂମ୍ମାନ ପାଇବାପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଆଜି ପ୍ରାଣନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟର ପରିଚାଳନା କମିଟିର ସଭାପତି ତଥା ପ୍ରାକ୍ତନ ଛାତ୍ର ସଂସଦର ସଭାପତି ଜ୍ୟୋତିରିନ୍ଦ୍ର ନାଥ ମିତ୍ରଙ୍କ ବାସ ଭବନରେ ପୁରାତନ ଛାତ୍ରମାନଙ୍କର ଏକ ସଭା ଅନୁଷ୍ଠିତ ହୋଇ ଉପରୋକ୍ତ ସମ୍ମାନ ପ୍ରଦାନ ନିମନ୍ତେ ସର୍ବସମ୍ମତି କ୍ରମେ ନିଷ୍ପତି ନିଆଯାଇଛି। ଏହାସହିତ ବିଭିନ୍ନ କ୍ଷେତ୍ରରେ ନିଜର କୃତିତ୍ୱ ହାସଲ କରିଥିବା ସର୍ବଶ୍ରୀ ଜଷ୍ଟିସ ଗିରିଜା ଶଙ୍କର ମହାପାତ୍ର, ଶିକ୍ଷାବିତ୍ ନିରଞ୍ଜନ ମହାନ୍ତି, ପ୍ରଶାସନ ଅଧିକାରୀ ସ୍ନିଗ୍ଧା ଚମ୍ପତିରାୟ, ବରିଷ୍ଠ ସିନେ ସାମ୍ବାଦିକ ଦିଲ୍ଲୀପ ହାଲି, କଳା ସଂସ୍କୃତି କ୍ଷେତ୍ରରେ ଶ୍ରୀକାନ୍ତ ପଟ୍ଟନାୟକ, ସମୀର ମହାନ୍ତି ସଭାପତି ଓଡିଶା ଅଲମ୍ପିକ ଆସୋସିଏସନ, ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ସମ୍ମାନିତ କରିବା ପାଇଁ ନିଷ୍ପତି ଗ୍ରହଣ କରାଯାଇଛି। ଏହି ସଭାରେ ଆଲୁମ୍ନି ସଙ୍ଘର ସମ୍ପାଦକ ପ୍ରାକ୍ତନ ଆରକ୍ଷୀ ଅଧିକ୍ଷକ ଦେବପ୍ରସାଦ ମଜୁମଦାର ଓ ପ୍ରାକ୍ତନ ଛାତ୍ର ସଂସଦର ଅନେକ ସଭ୍ୟ ଉପସ୍ଥିତ ଥିଲେ।

## କଳସ ଯାତ୍ରା ସହ ଗଣପର୍ବ 'ଚଇତି'ର ଶୁଭାରମ୍ଭ

**ରାୟଗଡ଼ା:ଏକ୍ସପ୍ରେସ୍ ନ୍ୟୁଜ୍**

ରାୟଗଡ଼ା ଜିଲ୍ଲାର କଳା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାର ପରିଚୟ ବହନ କରୁଥିବା ପ୍ରସିଦ୍ଧ ଗଣପର୍ବ 'ଚଇତି–୨୦୨୫'ର ଶୁଭାରମ୍ଭ ଆଜି ଭକ୍ତିମୟ ପରିବେଶ ମଧ୍ୟରେ ହୋଇଯାଇଛି। ଜିଲ୍ଲା ସଦର ମହକୁମା ରାୟଗଡ଼ାରେ ଅବସ୍ଥିତ ମାଁ ମଝିଘରିଆଣୀ ମନ୍ଦିରରୁ ଗୋବିନ୍ଦ ଚନ୍ଦ୍ର ଦେବ (ଜିଲ୍ଲା) ଉଚ୍ଚ ବିଦ୍ୟାଳୟ ପଡ଼ିଆ ପର୍ଯ୍ୟନ୍ତ ଆୟୋଜିତ ଭବ୍ୟ କଳସ ଯାତ୍ରା ମାଧ୍ୟମରେ ଉତ୍ସବର ଆରମ୍ଭ ହୋଇଥିଲା। ପ୍ରଭାତରୁ ମହିଳାମାନେ ପାରମ୍ପରିକ ବେଶଭୂଷା ପିନ୍ଧି ମୁଣ୍ଡରେ କଳସ ଧାରଣ କରି ଶୃଙ୍ଖଳାବଦ୍ଧ ଭାବେ ଯାତ୍ରାରେ ଅଂଶଗ୍ରହଣ କରିଥିଲେ। ଢୋଲ, ନିଶାନ, ମହୁରୀ ଓ ଘଣ୍ଟ–ଘଣ୍ଟାର ଧ୍ୱନିରେ ସମଗ୍ର ସହର ଉତ୍ସବମୟ ହୋଇଉଠିଥିଲା। ଯାତ୍ରା ସମୟରେ ରାସ୍ତା ଧାରରେ ହଜାର ହଜାର ଭକ୍ତ ଓ ଦର୍ଶକ ଭିଡ଼ ଜମାଇ ଉତ୍ସବକୁ ସାକ୍ଷୀ ହୋଇଥିଲେ। କଳସ ଯାତ୍ରା ପରେ ଗୋବିନ୍ଦ ଚନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ବିଧିବଦ୍ଧ ପୂଜାର୍ଚ୍ଚନା ସହ କଳସ ସ୍ଥାପନ କରାଯାଇଥିଲା। ଏହା ସହିତ ରାୟଗଡ଼ା ଜିଲ୍ଲାର ସମୃଦ୍ଧ ଲୋକସଂସ୍କୃତି, ଲୋକନୃତ୍ୟ, ଲୋକସଙ୍ଗୀତ, ହସ୍ତଶିଳ୍ପ ଓ ପରମ୍ପରାକୁ ଉଜାଗର କରୁଥିବା 'ଚଇତି–୨୦୨୫' ଉତ୍ସବର ଆଧିକାରିକ ଶୁଭାରମ୍ଭ ହୋଇଥିଲା। ଉତ୍ସବ ଅବସରରେ ପରମ୍ପରିକ ବେଶଭୂଷାରେ ସଜିଥିବା ନୃତ୍ୟଦଳମାନଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା। ବିଭିନ୍ନ ଜନଜାତି ଓ ଲୋକନୃତ୍ୟ ଦଳମାନଙ୍କ ପ୍ରଦର୍ଶନ ସମସ୍ତଙ୍କୁ ଆକର୍ଷିତ କରିଥିଲା। ସହର ସହିତ ଆସପାସର ଅଞ୍ଚଳରୁ ଆସିଥିବା ଦର୍ଶକମାନେ ଏହି ଗଣପର୍ବକୁ ଉପଭୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରଶାସନର ବିଭିନ୍ନ ଉଚ୍ଚ ପଦାଧିକାରୀ, ସ୍ଥାନୀୟ ଜନପ୍ରତିନିଧି ଓ ମର୍ଯ୍ୟାଦାସମ୍ପନ୍ନ ବ୍ୟକ୍ତିବର୍ଗ ଉପସ୍ଥିତ ଥିଲେ। ସ୍ଥାନୀୟ ବିଧାୟକ କାଡ୍ରାକା ଆପ୍ପଲସ୍ୱାମୀ ମଧ୍ୟ ଉପସ୍ଥିତ ରହି ରାୟଗଡ଼ାର ସଂସ୍କୃତିକ ଐତିହ୍ୟ ରକ୍ଷା ଓ ପ୍ରଚାର ପ୍ରସାର ପାଇଁ 'ଚଇତି' ପର୍ବର ଗୁରୁତ୍ୱ ବିଷୟରେ ମତ ପ୍ରକାଶ କରିଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ସୁରକ୍ଷା, ଟ୍ରାଫିକ୍ ନିୟନ୍ତ୍ରଣ, ପାନୀୟ ଜଳ, ସ୍ୱଚ୍ଛତା ଓ ଚିକିତ୍ସା ସୁବିଧା ସହିତ ସମସ୍ତ ପ୍ରଶାସନିକ ବ୍ୟବସ୍ଥା ସୁଚାରୁ ଭାବେ କରାଯାଇଥିଲା। ଶାନ୍ତିଶୃଙ୍ଖଳାରେ ଉତ୍ସବ ସମ୍ପନ୍ନ ହେବା ପାଇଁ ପୋଲିସ ପ୍ରଶାସନ ମଧ୍ୟ ସକ୍ରିୟ ଭୂମିକା ନିଭାଇଥିଲା। 'ଚଇତି' ପର୍ବ ରାୟଗଡ଼ା ଜିଲ୍ଲାର ସାମୂହିକ ସଂସ୍କୃତିକ ଚେତନାର ପ୍ରତୀକ ଭାବେ ପରିଚିତ। ଏହି ଉତ୍ସବ ମାଧ୍ୟମରେ ଲୋକକଳା, ଲୋକସଂସ୍କୃତି ଓ ପରମ୍ପରାକୁ ସଂରକ୍ଷଣ କରି ଆଗାମୀ ପିଢ଼ିଙ୍କୁ ହସ୍ତାନ୍ତର କରିବା ହିଁ ମୂଳ ଉଦ୍ଦେଶ୍ୟ ବୋଲି ଆୟୋଜକମାନେ କହିଛନ୍ତି।





GOVERNMENT OF ODISHA

OFFICE OF THE SUPERINTENDING ENGINEER

RURAL WORKS DIVISION, KENDRPARA

INVITATION FOR BIDS (SHORT NOTICE)

eerw_kpd@yahoo.com

O-1861

'E' PROCUREMENT NOTICE NO. RWD / KPD-12 / 2025-26 DT.22.12.2025

| | | |
|---|---|---|
| 1. | Name of work | : **Building** works in the District of Kendrapara for the year 2025-26 |
| 2. | Total No of work | : **02 Numbers of Building work** |
| 3. | Estimated Cost | : **Rs.6.78 Lakhs to 8.47 lakhs** approximately |
| 4. | Period of Completion | : As Specified in the Annexure |
| 5. | Class of contractors | : As Specified in the Annexure |
| 6. | Cost of tender paper | : Cost of tender paper is to be remitted **ONLINE** as specified in column-5 of the Annexure. |
| 7. | Detail projects | : As Specified in the Annexure |

**Other details as follows:**

| | | |
|---|---|---|
| a) | Procurement officer | : Executive Engineer Rural Works Division, Kendrapara |
| b) | Availability of tender online | : **29.12.2025** at 11:00 AM to **07.01.2026** up to 5:00 PM |
| c) | Last date & time of seeking of tender clarification | : 06.01.2026 up to 5.00 PM |
| d) | Opening of Tender | : **08.01.2026** at 11:00 AM |
| e) | **Decision to conduct Lottery** | : If required, to decide the agency, transparent Lottery shall be conducted on dt 13.01.2026 at 11.00 A.M in Office Chamber of the undersigned. |

Further details can be seen from the Govt. website www.tendersorissa.gov.in

Executive Engineer
Rural Work Division
Kendrapara

**OIPR-25064/11/0039/2526**


## ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳ ଓ ପାରାଦୀପ ପୋର୍ଟ ମଧ୍ୟରେ 'ଇଞ୍ଜିନ୍-ଅନ୍-ଲୋଡ୍' ଯୋଜନା ଚୁକ୍ତି



**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ପଣ୍ୟ ପରିବହନ କ୍ଷମତା ବୃଦ୍ଧି ଓ ପୋର୍ଟ–ରେଲ ସମନ୍ୱୟ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳ ଓ ପାରାଦୀପ ପୋର୍ଟ ପ୍ରାଧିକାରୀଙ୍କ ମଧ୍ୟରେ 'ଇଞ୍ଜିନ୍-ଅନ୍-ଲୋଡ୍ ଯୋଜନା' ଅଧୀନରେ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଛି।

ଏହି ଯୋଜନା ଅନୁଯାୟୀ, ପଣ୍ୟ ବୋଝେଇ ଓ ନିଷ୍କାସନ ସମୟରେ ଲୋକୋମୋଟିଭ୍‌ଗୁଡ଼ିକୁ ରେକ୍ ସହ ଲଗାଇ ରଖାଯିବ ଯାହାଦ୍ୱାରା ଇଞ୍ଜିନ୍ ଖୋଲିବା ଓ ପୁନଃ ସଂଯୋଗ କରିବାର ଆବଶ୍ୟକତା ପଡିବ ନାହିଁ। ଏହା ଦ୍ୱାରା ସମୟ ସଞ୍ଚୟ, ଲୋକୋମୋଟିଭର ଉତ୍ପାଦକତା ବୃଦ୍ଧି ଏବଂ ୱାଗନ୍ ଓ ଟ୍ରେନ୍ ରେକ୍ର ଦ୍ରୁତ ଟର୍ନ୍-ଏରାଉଣ୍ଡ ସମ୍ଭବ ହୋଇପାରିବ। ଏହି ଯୋଜନା ୟାର୍ଡ଼ ଓ ସାଇଡିଂରେ ଭିଡ଼ କମେଇ ପଣ୍ୟ ପରିଚାଳନାକୁ ଅଧିକ ସୁଗମ କରିବ।

'ଇଞ୍ଜିନ୍-ଅନ୍-ଲୋଡ୍' ଯୋଜନା ଦ୍ୱାରା ପଣ୍ୟ ପରିବହନର ଦ୍ରୁତ ନିଷ୍କାସନ, ସମ୍ପତ୍ତିର ଉତ୍ତମ ବ୍ୟବହାର ଏବଂ ନିର୍ଭରଯୋଗ୍ୟ ଓ ସୁନିଶ୍ଚିତ ପଣ୍ୟ ସେବା ସୁନିଶ୍ଚିତ ହୋଇପାରିବ। ଅତିରିକ୍ତ ଢାଞ୍ଚା ତିଆରି ନକରି ସାମର୍ଥ୍ୟ ବୃଦ୍ଧି ଏହି ଯୋଜନାର ଏକ ମୁଖ୍ୟ ଲାଭ ଯାହା ଭାରତୀୟ ରେଳୱେର କାର୍ଯ୍ୟକୁଶଳତା ଓ ସୁସ୍ଥାୟୀ ପରିଚାଳନା ଲକ୍ଷ୍ୟ ସହ ସମନ୍ୱୟ ରଖେ। ପାରାଦୀପ ପୋର୍ଟ ଅଧ୍ୟକ୍ଷ ପି.ଏଲ. ହରନାଧଙ୍କ ଉପସ୍ଥିତିରେ ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳର ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ ଅନିଲ କୁମାର ଏସ୍ ଓ ପାରାଦୀପ ପୋର୍ଟ ଟ୍ରାଫିକ୍ ମ୍ୟାନେଜର ଜି. ଏଡିସନ୍ ଏହି ଚୁକ୍ତିରେ ସ୍ୱାକ୍ଷର କରିଥିଲେ। ଏହି ରେଳ–ପୋର୍ଟ ସହଯୋଗ ପାରାଦୀପ ପୋର୍ଟରେ ପଣ୍ୟ କାରବାର କ୍ଷମତା ବୃଦ୍ଧି, ମଲ୍ଟିମୋଡାଲ୍ ଲଜିଷ୍ଟିକ୍ସ ସୁଦୃଢ଼ିକରଣ ଓ ପୂର୍ବତଟ ରେଳପଥର ପଣ୍ୟ ପରିବହନ ଚଳାଚଳକୁ ଅଧିକ ଗତିଶୀଳ କରି ଏହି ଅଞ୍ଚଳର ଆର୍ଥିକ ଉନ୍ନତିକୁ ସମର୍ଥନ ଦେବ ବୋଲି ଆଶା କରାଯାଉଛି।






## ଧରଣୀଧର ଆମ ପାଇଁ ପ୍ରେରଣା: ମୁଖ୍ୟମନ୍ତ୍ରୀ

**କେନ୍ଦୁଝର:ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦୁଝର ମାଟି ହେଉଛି ବିପ୍ଲବୀ ମାଟି। ଏଠି ଅନେକ ବିପ୍ଲବୀ ଜନ୍ମ ଗ୍ରହଣ କରିଛନ୍ତି। କିନ୍ତୁ, ଯେତେବେଳେ ବି ବିପ୍ଲବୀଙ୍କ କଥା ଆଲୋଚନା ହେବ, ଆମ ଜିଲ୍ଲାରେ ଧରଣୀଧର ନାୟକଙ୍କ ନାମ ସର୍ବାଗ୍ରେ ଆସିବ। ବିପ୍ଲବୀ ଧରଣୀ ଧର ଆମ ପାଇଁ ପ୍ରେରଣାର ଉତ୍ସ ବୋଲି ବିପ୍ଲବୀ ଧରଣୀ ଧରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରି ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି।

ଆଜି କେନ୍ଦୁଝର ସହରରର ପ୍ରବେଶଦ୍ୱାର ନେଙ୍କଡାଘରଠାରେ ବିପ୍ଲବୀ ଧରଣୀଧର ଭୂୟାଁଙ୍କ ପୂର୍ଣ୍ଣବୟାବ ପ୍ରତିମୂର୍ତ୍ତି ଉନ୍ମୋଚନ ଅବସରାରେ ଏକ ସ୍ୱତନ୍ତ୍ର ଉତ୍ସବ ଆୟୋଜିତ ହୋଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ଯୋଗ ଦେଇ କହିଥିଲେ, ଆଜି ଆମ ପାଇଁ ଗର୍ବର ଦିନ କାରଣ ଆଜି କେନ୍ଦୁଝରକୁ ଦେଇଥିବା ଆଉ ଏକ ପ୍ରତିଶ୍ରୁତି ପୂରଣ ହେଲା। ଏଇ କେନ୍ଦୁଝର ମାଟିର ବରପୁତ୍ର ଧରଣୀଧର ନାଏକଙ୍କ ପ୍ରତିମୂର୍ତ୍ତି ଆଜି କେନ୍ଦୁଝର ସହରର ମୁଖ୍ୟ ପ୍ରବେଶ ପଥ ନେକେଡ଼ା ଘର ଛକ, ଜାମୁନାଳିଆ ଠାରେ ଉନ୍ମୋଚନ ହେଲା। ମୁଁ ଆଜି ଏକଥା କହିବାକୁ ଗର୍ବ ବୋଧ କରୁଛି ଯେ, ଏ କେନ୍ଦୁଝରିଆ କଥା ଦେଇ କଥା ରଖିଲା। ଏଇ ବର୍ଷ ମାର୍ଚ୍ଚ ୫ ତାରିଖରେ ମୁଁ ଏଇଠାରେ କଥା ଦେଇଥିଲି ଯେ କେନ୍ଦୁଝର ମାଟିର ବରପୁତ୍ର ଉଚିତ ସମ୍ମାନ ପାଇବେ ଆଉ ତାଙ୍କ ପ୍ରତିମୂର୍ତ୍ତି କେବଳ ରାଜଧାନୀରେ ନୁହେଁ, କେନ୍ଦୁଝର ପ୍ରବେଶ ପଥରେ ମଧ୍ୟ ଶୋଭା ପାଇବ। ଆଉ ତାହାହିଁ ହୋଇଛି। କେନ୍ଦୁଝରର ଆଉ ଜଣେ ଗୌରବଙ୍କ କଥାକୁ ମୁଖ୍ୟମନ୍ତ୍ରୀ ସ୍ମରଣ କରି କହିଥିଲେ, ଗୋଟିଏ କୋଡି ଏବଂ ଗୋଟିଏ କୋଦାଳ ଯେ ମଣିଷକୁ ଆତ୍ମବିଶ୍ୱାସୀ କରିଦେଇପାରେ ତାହା କେନାଲମ୍ୟାନ ପଦ୍ମଶ୍ରୀ ଦୈତାରୀ ନାୟକଙ୍କ ଜୀବନୀରୁ ଆମେ ଶିଖୁ। ଗୋନସିକା ପାହାଡରୁ ନିଜ ଗ୍ରାମ ତଳବୈତରଣୀ ପର୍ଯ୍ୟନ୍ତ କେନାଲ ଖୋଳିବାକୁ ସମର୍ଥ ହୋଇଥିଲେ। ଦୀର୍ଘ ତିନି ବର୍ଷ ଲାଗିଯାଇଥିଲା ତାଙ୍କୁ ଏ କଥା କରିବାକୁ। ଦୈତାରୀବାବୁଙ୍କ ଏ ଚମତ୍କାର କାହାଣୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କ ପାଖରେ ପହଞ୍ଚିଥିଲା ଏବଂ ୨୦୧୯ରେ ତାଙ୍କୁ ପଦ୍ମଶ୍ରୀ ଉପାଧିରେ ବିଭୂଷିତ କରିଥିଲେ। ସେ ଆମ ସମସ୍ତଙ୍କ ପାଇଁ ଜଣେ ପ୍ରେରଣା କାରଣ ସେ ମଧ୍ୟ ଜଣେ ବିପ୍ଲବୀ ବୋଲି ସେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପଦ୍ମଶ୍ରୀ ଦୈତାରୀ ନାୟକ, ସାଂସଦ ଅନନ୍ତ ନାୟକ, ବିଧାୟକ ଡାକ୍ତର ଫକୀର ନାୟକ, ବିଧାୟକ ଅଖିଳ ନାୟକ, ମମିତା ନାୟକ, ଶ୍ୟାମ ସୁନ୍ଦର ନାୟକ ବିପ୍ଲବୀ ଧରଣୀଧରଙ୍କ ବଂଶଜ କଳାକାର ନାୟକ, ଭୂୟାଁ ସମାଜ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

ଶେଷ ପୃଷ୍ଠା

# ଓଡ଼ିଶା ଏକ୍ସପ୍ରେସ୍

କେନ୍ଦ୍ରାପଡ଼ା | 27th December, 2025 Saturday | RNI Regd. No. ODIODI/2009/28880

## ଯୁବକର ପ୍ରସ୍ତାବ

ହେଲ୍ଥ



ଟନିକ୍

ଟାଉନ୍ ବସ୍‌କୁ ଅପେକ୍ଷା କରିଥିବା ଅତ୍ୟାଧୁନିକା ଯୁବତୀର ଟିକେ ପାଖକୁ ଲାଗିଯାଇ ଯୁବକ ଧୀର ସ୍ୱରରେ କହିଲା- ଆଇ ଲଭ ୟୁ।

ବାସ୍, ଆଉ ଯାଏ କୁଆଡ଼େ !

ଯୁବତୀ ଆରମ୍ଭ କରିଦେଲା ଧୁଲେଇ- ଅଭଦ୍ର କୋଉଠିକାର ! ମୁଁ ବିବାହିତା ବୋଲି କ'ଣ ଜାଣିପାରୁନ ? ମୋର ସ୍ୱାମୀ ଅଛନ୍ତି। ମୁଁ ଯେଉଁ ଅଫିସ୍‌ରେ କାମ କରେ ସେଠି ବି ମୋର ଜଣେ ବୟଫ୍ରେଣ୍ଡ ଅଛି। ମୁଁ ଯାହାକୁ ଭଲ ପାଉଥିଲି ସିଏ ମୋ ସାହିରେ ରୁହେ। କାଲି ମୋ ବସ୍ ମତେ ପ୍ରପୋଜ କରିଥିଲେ। ମୁଁ ତାଙ୍କୁ ମନା କରିପାରିଲି ନାହିଁ।

ଯୁବକ ଧୈର୍ଯ୍ୟର ସହିତ ଏସବୁ ଶୁଣିବା ପରେ ବିନୟର ସହ କହିଲା- ଠିକ୍ ଅଛି, ମୁଁ ବାଧ କରୁନି। ତଥାପି ଏମାନଙ୍କ ଭିତରେ ମତେ ଆଡଜେଷ୍ଟ କରିପାରିଲେ ମୁଁ ଭାରି ଖୁସି ହୁଅନ୍ତି।

# ଧାନ ଇନପୁଟ୍ ସହାୟତା ଚାଷୀଙ୍କ ମନୋବଳ ବଢ଼ାଇଛି: ମୁଖ୍ୟମନ୍ତ୍ରୀ

**କେନ୍ଦୁଝର,୨୬।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଓଡିଶା ସରକାର ଚାଷୀଙ୍କ ସରକାର। ଚାଷୀଙ୍କ ପାଇଁ ଏକାଧିକ ଯୋଜନା ପ୍ରସ୍ତୁତ କରିଥିବା ସରକାରଙ୍କ ଦ୍ୱାରା ଧାନର ବୋନସ ୮୦୦ ଟଙ୍କା ପ୍ରଦାନ କରିବା ହେଉଛି ସବୁଠୁ ବଡ ଉପଲବ୍ଧି। ଏହା ଦ୍ୱାରା ଚାଷ ପ୍ରତି ଚାଷୀଙ୍କ ମନୋବଳ ବଢ଼ିଛି ବୋଲି କେନ୍ଦୁଝର ସ୍ଥିତ ପଳାସପଙ୍ଗ ଲ୍ୟାମ୍ପସରେ ଧାନ ସଂଗ୍ରହର ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି।

ଆଜି ମୁଖ୍ୟମନ୍ତ୍ରୀଙ୍କ କେନ୍ଦୁଝର ଗସ୍ତର ପ୍ରଥମ ଦିନରେ ପଳାସପଙ୍ଗା ସ୍ଥିତ ଲ୍ୟାମ୍ପସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦୁଝର ଜିଲ୍ଲା ପାଇଁ ଧାନ ସଂଗ୍ରହ ବ୍ୟବସ୍ଥାକୁ ଶୁଭାରମ୍ଭ କରିଥିଲେ।

ଏହି ଅବସରରେ ଆୟୋଜିତ ଚାଷୀ ସମାବେଶରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ, ଆମେ ଶୁଣୁଥିଲୁ, ଚାଷ ପ୍ରତି ଚାଷୀମାନଙ୍କ ଆଗ୍ରହ କମିଯାଉଛି। ଚାଷୀ ଭାଇମାନେ ବିଲକୁ ଯିବାକୁ ବିମୁଖ ହେଉଛନ୍ତି। କିନ୍ତୁ, ଏବର୍ଷର ତଥ୍ୟ ସମ୍ପୂର୍ଣ୍ଣଭାବେ ଅଲଗା ଚିତ୍ର ପ୍ରଦାନ କରୁଛି। ଏହାର କାରଣ ହେଉଛି, ମୋଦୀଜୀଙ୍କ

### ପଳାସପଙ୍ଗା ଲ୍ୟାମ୍ପସରେ ଧାନ ସଂଗ୍ରହର ଶୁଭାରମ୍ଭ

ନେତୃତ୍ୱରେ ଓଡିଶାରେ ଗଠିତ ଆପଣମାନଙ୍କ ଡବଲ ଇଞ୍ଜିନ ସରକାର। କାରଣ ଆମେ ଆପଣମାନଙ୍କୁ ଆପଣଙ୍କ ପରିଶ୍ରମ ଓ ତ୍ୟାଗର ମୂଲ୍ୟଦେବା ପାଇଁ ପ୍ରତିବଦ୍ଧ ହୋଇ ପଦକ୍ଷେପ ନେଇଛୁ। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ କୋଟିଏ ଟଙ୍କା ସବସିଡି ପାଇଥିବା ଚାଷୀଙ୍କୁ ତାଙ୍କ ଘରକୁ ଯାଇ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧନା ଦେବେ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ପୂର୍ବ ସରକାର ୧୦୦ ଟଙ୍କା ଅଧିକ ଦେବେ ବୋଲି କହିଥିଲେ। କିନ୍ତୁ, ଦେଇପାରିଲେ ନାହିଁ। କିମ୍ବା ହୁଏତ ଜାଣି ଜାଣି ଦେଲେ ନାହିଁ। କିନ୍ତୁ, ଆମର ପ୍ରତିଶ୍ରୁତି ପଥରରେ ଅଙ୍କା ହୋଇଥିବା ଚିତ୍ରପରି। ଆମେ ଆପଣମାନଙ୍କୁ ଆମର ସଂକଳ୍ପ ଅନୁଯାୟୀ ୮୦୦ ଟଙ୍କା ଦେଲୁ। ତାହା ନିଶ୍ଚିତ ଭାବରେ ଆପଣମାନଙ୍କ ମନୋବଳ ବୃଦ୍ଧି କରିଛି। ଚାଷ ଉପରେ ଭରସା ବଢିଛି।

ଧାନ ସଂଗ୍ରହ ଓ ବିଭିନ୍ନ କ୍ଷେତ୍ରରେ ଆପଣମାନଙ୍କୁ ସହାୟତା ଦେବା ପାଇଁ ପ୍ୟାକ୍ସ ଓ ଲ୍ୟାମ୍ପସ୍‌ମାନଙ୍କ ଭୂମିକା ଖୁବ ଗୁରୁତ୍ୱପୂର୍ଣ୍ଣ। ସେଥିପାଇଁ ରାଜ୍ୟରେ ୧,୫୪୨ଟି ନୂଆ ପ୍ୟାକ୍ସ ଓ ଲ୍ୟାମ୍ପସ ଗଠନ କରାଯାଇଛି ଏବଂ ସେମାନଙ୍କୁ କାର୍ଯ୍ୟକ୍ଷମ କରିବା ପାଇଁ ୫ ଲକ୍ଷ ଟଙ୍କା ସିଡ୍ ମନି ବା ମୂଳଧନ ମଧ୍ୟ ଦିଆଯାଉଛି। ବର୍ତ୍ତମାନ ସାରା ରାଜ୍ୟରେ ୪,୨୫୩ଟି ପ୍ୟାକ୍ସ ଓ ଲ୍ୟାମ୍ପସ୍ ରହିଛି। ଏଗୁଡିକ ଏକ ଷ୍ଟପ ସେଣ୍ଟର ଭାବେ ବିକଶିତ କରାଯାଉଛି। ଏଥିରେ ଆପଣମାନେ ଗୋଟିଏ ଜାଗାରେ ସବୁ ପ୍ରକାର ସୁବିଧା ପାଇ ପାରିବେ। ୧୫ ଲକ୍ଷ ହେକ୍ଟର ଜମି ଆଗାମୀ ତିନିବର୍ଷରର ଜଳ ସେଚିତ ହେବ। କାନୁପୁର ଜଳ ସେଚନ ପ୍ରକଳ୍ପ ଆଉ ମାତ୍ର ଦୁଇରୁ ତିନିମାସରେ ଉଦଘାଟନ ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। କୃଷକମାନଙ୍କ ହିତ ପାଇଁ ଜନ କଲ୍ୟାଣ କ୍ଷେତ୍ରରେ ଆମର ଆମ ସରକାର ସମ୍ପୂର୍ଣ୍ଣ ଭାବରେ ପ୍ରତିଶ୍ରୁତିବଦ୍ଧ। ଜାନୁଆରୀ ୧୦ ତାରିଖ ସୁଦ୍ଧା ସବୁ ଜିଲ୍ଲାରେ ଧାନ କିଣା ଆରମ୍ଭ ହେବ। ଗତବର୍ଷ ପ୍ରାୟ ୨୦ ଲକ୍ଷ ଚାଷୀ ୭ ହଜାର କୋଟି ଟଙ୍କା ଇନ୍‌ପୁଟ୍ ସହାୟତା ପାଇଥିଲେ। ଏବର୍ଷ ଏ ସଂଖ୍ୟା ଆହୁରି ବଢିବାର ଆଶା କରାଯାଉଛି। ତା ସହିତ ଚାଷ ପାଇଁ ଅନେକ ଯୋଜନା ମଧ୍ୟ ରହିଛି।





ଯେଉଁ ଯୋଜନା ରହିଛି ସେଥିରେ ଅଧିକାଂଶ ସୁବିଧା ଚାଷୀଭାଇ ପାଉଛନ୍ତି। ସୁଭଦ୍ରା ଯୋଜନାରେ ମା ମାନଙ୍କୁ ଯେଉଁ ୧୦ ହଜାର ଟଙ୍କା ଦିଆ ଯାଉଛି ସେଥିରେ ଅଧିକାଂଶ ହେଉଛନ୍ତି ଚାଷୀ ପରିବାରର। ଏହା ସହିତ ପିଏମ କିଷାନ ଓ ସିଏମ କିଷାନ ମିଶି ବର୍ଷକୁ ୧୦ ହଜାର ଟଙ୍କା ଦିଆଯାଉଛି। ଏହା ସହିତ ଚାଷୀ ଭାଇ ମାନଙ୍କ ପିଲାମାନଙ୍କୁ ମଧ୍ୟ ଉଚ୍ଚ ଶିକ୍ଷା ପାଇଁ ବୃତ୍ତି ପ୍ରଦାନ କରାଯାଉଛି। ଏହିପରି ସବୁ ସହାୟତା ମିଶାଇଲେ ଚାଷୀ ପରିବାର ମାନଙ୍କୁ ବର୍ଷକୁ ପ୍ରାୟ ୬୦ ହଜାର ଟଙ୍କା ଅଧିକ ରୋଜଗାର ହେଉଛି ବୋଲି ସେ କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସାଂସଦ ଅନନ୍ତ ନାୟକ, ବଦ୍ରି ନାରାୟଣ ପାତ୍ର, ସନାତନ ମହାକୁଡ଼, ଅଖିଳ ଚନ୍ଦ୍ର ନାଏକ, ଡକ୍ଟର ଫକୀର ମୋହନ ନାଏକ ଓ ଜିଲ୍ଲାପାଳ ବିଶାଲ୍ ସିଂହ ଉପସ୍ଥିତ ଥିଲେ।

## ୨୧ରେ ଓଏସଏସଟିଇଟି ପରୀକ୍ଷା

**କଟକ,୨୬।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

ଜାନୁଆରୀ ୨୧ ତାରିଖରେ ଓଡ଼ିଶା ସେକେଣ୍ଡାରୀ ସ୍କୁଲ ଟିଚର ଏଲିଜିବିଲିଟି ଟେଷ୍ଟ (ଓଏସଏସଟିଇଟି) ପରୀକ୍ଷା ଅନୁଷ୍ଠିତ ହେବ। ଗୋଟିଏ ସିଟିଂରେ ପେପର-୧ ଓ ପେପର-୨ ପରୀକ୍ଷା ଅନୁଷ୍ଠିତ ହେବ ବୋଲି ବିଏସି ପକ୍ଷରୁ ଏକ ପ୍ରେସବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି। ସକାଳ ୧୦ଟା ରୁ ପରୀକ୍ଷା ଆରମ୍ଭ ହୋଇ ମଧ୍ୟାହ୍ନ ୧୨.୩୦ ମିନିଟ ପର୍ଯ୍ୟନ୍ତ ଚାଲିବ। ଜାନୁଆରୀ ୧୦ରୁ ବୋର୍ଡ଼ ୱେବସାଇଟ ଡବ୍ଲୁଡବ୍ଲୁଡବ୍ଲୁ.ବିଏସଇଓଡ଼ିଶା.ଏସି.ଇନରୁ ପରୀକ୍ଷାର୍ଥୀମାନେ ଆଡ଼ମିଟକାର୍ଡ଼ ଡାଉନଲୋଡ଼ କରିପାରିବେ ବୋଲି ବିଏସି ପକ୍ଷରୁ ସୂଚନା ଦିଆଯାଇଛି।

## ପ୍ରତିଷ୍ଠା ଦିବସ ହେଉ ସଂକଳ୍ପ ଦିବସ: ବିଧାୟକ

**କେନ୍ଦ୍ରାପଡ଼ା,୨୬।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

ବିଜେଡ଼ିକୁ ଶୃଙ୍ଖଳିତ ଓ ସଶକ୍ତ କରିବା ପାଇଁ ଐକ୍ୟବଦ୍ଧ ଉଦ୍ୟମର ଆବଶ୍ୟକତା ରହିଛି। ସମସ୍ତ କର୍ମୀ ଏକ ମନ ଏକ ପ୍ରାଣରେ ଉଦ୍ୟମ କରିବା ସହ ସଙ୍ଗଠନକୁ ମଜବୁତ କରିବା ପାଇଁ କାର୍ଯ୍ୟ କରିବା ଜରୁରୀ। ଏଥିପାଇଁ ଏହି ପ୍ରତିଷ୍ଠା ଦିବସ ସମସ୍ତଙ୍କ ପାଇଁ ସଂକଳ୍ପର ଦିବସ ହେଉ ବୋଲି କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ଦଳର ପ୍ରତିଷ୍ଠା ଦିବସ ଅବସରରେ ଦଳୀୟ ନେତା ଓ କର୍ମୀମାନଙ୍କୁ ଆହ୍ୱାନ ଦେଇଛନ୍ତି। ଶ୍ରୀ ବଳଦେବଜିୟୁ କଲ୍ୟାଣ ମଣ୍ଡପ ପରିସରେ ଦଳର ଜିଲ୍ଲା ସଭାପତି ଶିବ ପ୍ରସାଦ ଭଳଙ୍କ ସଭାପତିତ୍ୱରେ କେନ୍ଦ୍ରାପଡା ବିଧାନସଭା ନିର୍ବାଚନ ମଣ୍ଡଳୀ ସ୍ତରୀୟ ଦଳର ୨୯ତମ ପ୍ରତିଷ୍ଠା ଦିବସ ସମାରୋହ ଅନୁଷ୍ଠିତ ହୋଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭାପତି ଲିଳିତା ଦାସ, ଜିଲ୍ଲାପରିଷଦର ପ୍ରାକ୍ତନ ସଭାପତି ମାନସ ପରିଡ଼ା, ଧିରେନ ସାହୁ, ଯୁବ ସଭାପତି ରାଜେଶ ଦାସ, ରବିନ୍ଦ୍ର କୁମାର ପଣ୍ଡା, ପ୍ରଦ୍ୟୁମ୍ନ ଜେନା, ସେକ ଚନ୍ଦନ, ଆଲୋକ ସାହୁ, କାଳୀ ପ୍ରସାଦ ମିଶ୍ର, ରାଜେଶ କୁମାର ମହାନ୍ତି, ସୁରେନ୍ଦ୍ର କୁମାର ଜେନା, ଜିଲ୍ଲାପରିଷଦ ସଭ୍ୟା ମଧୁଛନ୍ଦା ମହାନ୍ତି, ଉର୍ମିଳା ମହାନ୍ତି, ପ୍ରିୟଦର୍ଶନୀ ତରାଇ, ରଶ୍ମି ରଞ୍ଜନ ରାଉତ, ହିରଣ୍ୟ କୁମାର ପଣ୍ଡା, ପ୍ରଦିପ୍ତ ମହାନ୍ତି, ଦିର୍ଗାଶିଷ ମହାନ୍ତି, ଭୀମସେନ ଭୂୟାଁ, ରାଜୁ କୁବେର, ପ୍ରତାପ ନାରାୟଣ ମହାପାତ୍ର, ଭକ୍ତି ମୟୀ କର, ଦୁର୍ଗା ପ୍ରସାଦ ପତି, ଅଶ୍ୱିନୀ ପାତ୍ର, ଅଜିତ କୁମାର ପରିଡ଼ା, ନାରାୟଣ ପରିଡ଼ା ପ୍ରମୁଖ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ନୁଆବସଷ୍ଟାଣ୍ଡ, ମେଡିକାଲ ଛକରେ ଥିବା ବିଜୁ ବାବୁଙ୍କ ପ୍ରିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ସଭା ଆରମ୍ଭରେ ସମାଜସେବୀ ରବିନ୍ଦ୍ର ମୋହନ ସାହୁ, କୃତ୍ତିବାସ ରାଉତ, ଶିବ ପ୍ରସାଦ ବିଶ୍ୱାଳଙ୍କ ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଶେଷରେ ନଗର ସଭାପତି ଯଯାତି କେଶରୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ପଟ୍ଟାମୁଣ୍ଡାଇର ସବୁ ଅଦାଲତରେ ସରକାରୀ ଓକିଲ ନିଯୁକ୍ତ

**ପଟ୍ଟାମୁଣ୍ଡାଇ,୨୬।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ଅଂଚଳରେ ଥିବା ସମସ୍ତ ଅଦାଲତରେ ସରକାରୀ ଓକିଲ ଚୟନକୁ ନେଇ ଦୀର୍ଘଦିନ ଧରି ଲାଗି ରହିଥିବା କଳ୍ପନା ଜଳ୍ପନାର ଅନ୍ତ ଘଟିଛି। ଭାଜପା ସରକାରଙ୍କ ପକ୍ଷରୁ ସରାକରୀ ଓକିଲ ଚୟନକୁ ନେଇ ଗତ ୨୪ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଛି। ପଟ୍ଟାମୁଣ୍ଡାଇ ଏଡିଜେ ଅଦାଲତରେ ସରକାରୀ ଆଇନଜୀବୀ ଭାବେ ପ୍ରମୋଦ ସାହୁ, ଭବାନୀଶଙ୍କର ପଣ୍ଡା, ସୁରେଶ କୁମାର ନରେନ୍ଦ୍ର, ଶାନ୍ତି ସ୍ୱରୂପ ଭୂୟାଁଙ୍କୁ ଚୟନ କରାଯାଇଥିବା ବେଳେ ସବ ଜଜ୍ କୋର୍ଟରେ ଆଇନଜୀବୀ ଶୁଶାନ୍ତ ସାମଲଙ୍କୁ ଚୟନ କରାଯାଇଛି। ସେହିପରି ନାଜର କୋର୍ଟରେ ଏପିପି ଭେବେ ଆଇନଜୀବୀ ପ୍ରଣତି ଦାସ, ଧରେନ୍ଦ୍ର କୁମାର ସାହୁଙ୍କୁ ଚୟନ କରାଯାଇଥିବା ବେଳେ ଆଇନଜୀବୀ ଚିତରଞ୍ଜନ ଦାସଙ୍କୁ ପ୍ରଥମ ବିଚାର ବିଭାଗୀୟ କୋର୍ଟରେ ଏପିପି ଭାବେ ଚୟନ କରାଯାଇଛି। ଅଇନଜୀବୀ ଶିଶିର ମଲିକଙ୍କୁ ପଟ୍ଟାମୁଣ୍ଡାଇ ତହସିଲ କାର୍ଯ୍ୟାଳୟରେ ସରକାରୀ ଓକିଲ ଭାବେ ମନୋନିତ କରାଯାଇ ବିଜ୍ଞପ୍ତି ପ୍ରକାଶ ପାଇଛି।

# ୨୯ରେ ରାଜ୍ୟବ୍ୟାପି ବିଜୁଳି ଅଫିସ୍‌ରେ ପଡ଼ିବ ତାଲା: ଭକ୍ତ

**ଭୁବନେଶ୍ୱର,୨୬।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଆମ କୋଇଲା, ଆମ ପାଣି ବ୍ୟବହାର କରି ଅଳ୍ପ ମୂଲ୍ୟରେ ବିଜୁଳି ଉତ୍ପାଦନ ହେଉଛି। ଅଥଚ ସମଗ୍ର ଦେଶରେ ଘରୋଇ ବିଜୁଳି ଉପଭୋକ୍ତାମାନେ ସବୁଠାରୁ ଅଧିକ ଶୋଷିତ ଓ ଅବହେଳିତ। ଓଡିଶାରୁ କୋଇଲା ନେଇ ପଞ୍ଜାବ ପରି ରାଜ୍ୟ ୨୦/୨୫ ଭାଗ କୃଷି ଉପଭୋକ୍ତାଙ୍କୁ ସମ୍ପୂର୍ଣ୍ଣ ତଥା ମୋଟ ୩୦ରୁ ୩୫% ଘରୋଇ ଉପଭୋକ୍ତାଙ୍କୁ ୩୦୦ ୟୁନିଟ ଲେଖାଏଁ ବିଜୁଳି ଦେୟ ଛାଡ଼ କରିଥିବାବେଳେ ଓଡ଼ିଶାର ମାତ୍ର ୨% କୃଷି ଉପଭୋକ୍ତା ଓ ୭ରୁ ୮% ଘରୋଇ ଉପଭୋକ୍ତାଙ୍କୁ ଗୋଟିଏ ୟୁନିଟ ମଧ୍ୟ ମାଗଣାରେ ଦିଆଯାଉ ନାହିଁ। ଓଡିଶାରେ ବ୍ୟବହୃତ ହେଉଥିବା ମୋଟ ୭୦% ବିଜୁଳି ଶିଳ୍ପକ୍ଷେତ୍ରକୁ ଦିଆଯାଉଛି। ସେଥିରେ ସାମାନ୍ୟ ଦରବୃଦ୍ଧି କଲେ ଓଡ଼ିଶାର ସମସ୍ତ ଘରୋଇ ଓ କୃଷି ଉପଭୋକ୍ତାଙ୍କୁ ମାଗଣାରେ ବିଜୁଳି ଯୋଗାଇ ଦିଆଯାଇ ପାରିବ। ତେଣୁ ଅନ୍ୟାୟ ମୂଳକ ଭାବେ ଘରୋଇ

### କଂଗ୍ରେସର ଦାବି
### କୃଷି କ୍ଷେତ୍ରକୁ ମିଳୁ ମାଗଣା ବିଜୁଳି

ଉପଭୋକ୍ତାମାନଙ୍କୁ ଅତିରିକ୍ତ ସୁରକ୍ଷା ଜମା ଦାଖଲ କରିବା ପାଇଁ ବାଧ କରିବା ଛାଡି ସରକାର ସବସିଡି ଜରିଆରେ ଘରୋଇ ଉପଭୋକ୍ତାଙ୍କୁ ୩୦୦ରୁ ୪୦୦ ୟୁନିଟ ବିଦ୍ୟୁତ ଦେୟ ଛାଡ଼ କରିବା ସହ ସମ୍ପୂର୍ଣ୍ଣ କୃଷି କ୍ଷେତ୍ରକୁ ବିଜୁଳି ଦେୟମୁକ୍ତ କରାଯାଉ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ ଦାବୀ କରିଛନ୍ତି।

ଶୁକ୍ରବାର ଅପରାହ୍ନରେ ଦଳର ବରିଷ୍ଠ ନେତୃମଣ୍ଡଳୀଙ୍କ ସହ କଂଗ୍ରେସ ଭାବନାଠରେ ଆୟୋଜିତ ସାମ୍ବାଦିକ





ସମ୍ମିଳନୀରେ ଶ୍ରୀ ଦାସ କହିଥିଲେ, ଦିଲ୍ଲୀ, ପଞ୍ଜାବ, ତେଲେଙ୍ଗାନା, ଆନ୍ଧ୍ର, କର୍ଣ୍ଣାଟକ ଓ ତାମିଲନାଡୁ ଭଳି ରାଜ୍ୟମାନଙ୍କରେ ୧୪୦୦ କୋଟିରୁ ନେଇ ୩୨୫୦ କୋଟି ଟଙ୍କାର ସବସିଡି ଦେଇ ସମସ୍ତ କୃଷକଙ୍କ ବିଜୁଳି ଦେୟ ଛାଡ଼ କରିବା ସହିତ ୯୦% ଘରୋଇ ଉପଭୋକ୍ତାଙ୍କ ଦେୟ ସମ୍ପୂର୍ଣ୍ଣ ଛାଡ଼ କରିବାକୁ ଶ୍ରୀ ଦାସ ଦାବୀ କରିଥିଲେ। ଓଡ଼ିଶାରୁ ଉତ୍ପାଦିତ ୨୪୦ ନିୟୁତ ମ୍ୟାଟ୍ରିକ ଟନ କୋଇଲାରୁ କେବଳ ୨୨ ନିୟୁତ ଟନ କୋଇଲା ରାଜ୍ୟର ଘରୋଇ ଉପଭୋକ୍ତାଙ୍କ ପାଇଁ ଉପଯୋଗ ହେଉଛି। ତେବେ ଏଥିପାଇଁ ଓଡିଶାକୁ ବହୁମୂଲ୍ୟ ଦେବାକୁ ପଡୁଛି। ଅନୁଗୁଳ ଦେଶର ଷଷ୍ଠ ପ୍ରଦୂଷିତ ସହର ହୋଇଥିବାବେଳେ ଓଡ଼ିଶାର ଭୁବନେଶ୍ୱର ସମେତ ୩୦ ସହର ପ୍ରଦୂଷିତ। ଏ ସମସ୍ତ ତଥ୍ୟକୁ ବିଚାରକୁ ନେଇ ସରକାର ତୁରନ୍ତ ଏଏସଡ଼ି ପ୍ରତ୍ୟାହାର କରିବା ସହିତ ନିର୍ବାଚନୀ ଇସ୍ତାହାର ଅନୁସାରେ ଅନ୍ୟୁନ ୩୦୦ରୁ ୪୦୦ ୟୁନିଟ ଛାଡ଼ କରନ୍ତୁ। ସେହିପରି ରାଜ୍ୟର କୃଷି ଉତ୍ପାଦନ ଆଖିଦୃଶିଆ ଭାବେ ବଢ଼ାଇବାକୁ ହେଲେ କୃଷିଭିତ୍ତିକ ଶିଳ୍ପର ପ୍ରୋତ୍ସାହନ କରନ୍ତୁ ବୋଲି ଶ୍ରୀ ଦାସ ଆହ୍ୱାନ କରିବା ସହ ଆସନ୍ତା ୨୯ ଡିସେମ୍ବରରେ କଂଗ୍ରେସ ପକ୍ଷରୁ ବିଜୁଳି ଅଫିସରେ ତାଲା ପକାଇବା କାର୍ଯ୍ୟକ୍ରମ ଅଛି ବୋଲି ପ୍ରକାଶ କରିଥିଲେ।

ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା କହିଥିଲେ, ଓଡ଼ିଶାର ଖଣି ଖାଦାନରେ ପରିପୁଷ୍ଟ ଟାଟା ପାୱାର ଓଡିଶା ପାଇଁ କରିଛି କ'ଣ ? ଓଡିଶାବାସୀ କଂଗ୍ରେସର ଡାକରାରେ ଏସଡ଼ି ଦେବେ ନାହିଁ ବୋଲି ଦେବେନାହିଁ ବୋଲି ସେ ଆଶା ପ୍ରକାଶ କରିଥିଲେ। ଏସଡ଼ି ଏକ ଜିଜିୟା କର ଛଡା ଆଉ କିଛି ନୁହଁ ବୋଲି ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ କହିଥିଲେ। ସରକାରଙ୍କ କମ୍ପାନୀ ପ୍ରିତୀ ପାଇଁ ଉପଭୋକ୍ତାଙ୍କ ଜମା ରାଶି ବାବଦ ସୁଧର ପରିମାଣ ୬.୫% ହୋଇଥିବା ବେଳେ କମ୍ପାନୀ କାହିଁକି ଉପଭୋକ୍ତାଙ୍କ ବକେୟା ବାବଦ ଦେୟ ୧୫% କାହିଁକି ଗଣିବେ ବୋଲି ସେ ପ୍ରଶ୍ନ କରିଥିଲେ। କଂଗ୍ରେସ ସବୁବେଳେ ଲୋକଙ୍କ ସହିତ ରହିଛି ଏସଡ଼ି ପ୍ରସଙ୍ଗରେ ମଧ୍ୟ ଓଡ଼ିଶାର ବିଜୁଳି ଉପଭୋକ୍ତାଙ୍କ ସହିତ ରହିବ ବୋଲି ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନଗୋ ଆଶା ପ୍ରକାଶ କରିଥିଲେ।

ପୂର୍ବରୁ ଟିପିସିଓଡିଏଲ ସି ଇ ଓ ଅରବିନ୍ଦ ସିଂ, ମୁଖ୍ୟ ଆଇନ ଉପଦେଷ୍ଟା ଭାରତ ଭଦଓ୍ୱତ ଓ ଜନସମ୍ପର୍କ ବିଭାଗ ମୁଖ୍ୟ ମନୋଜ ପଟ୍ଟନାୟକ ପ୍ରମୁଖଙ୍କୁ ନେଇ ଗଠିତ ଏକ ପ୍ରତିନିଧି ଦଳ କଂଗ୍ରେସଠାରେ ପିସିସି ସଭାପତି ଓ ଅନ୍ୟ ନେତାମାନଙ୍କୁ ଏ ନେଇ କମ୍ପାନୀର ଆଭିମୁଖ୍ୟ ବିଷୟରେ ଅବଗତ କରାଇଥିଲେ। ସେମାନେ ଦଳର ଦାବୀ ଓଇଆରସି ସମ୍ମୁଖରେ ଉପସ୍ଥାପନ କରିବାର ପ୍ରତିଶୃତି ଦେଇଥିଲେ।

# ବିଜେଡି ଅଛି ଓ ଶହେ ବର୍ଷ ରହିବ: ନବୀନ

**ଭୁବନେଶ୍ୱର,୨୬।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ବିଜୁ ଜନତା ଦଳର ୨୯ତମ ପ୍ରତିଷ୍ଠା ଦିବସରେ ଯୋଗଦେଲେ ଦଳ ସୁପ୍ରିମୋ ନବୀନ ପଟ୍ଟନାୟକ। ଏହି ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଲେ ସୁପ୍ରିମୋ। ବିଜୁ ଜନତା ଦଳ ଦେଶରେ ଏକ ସଫଳ ଆଞ୍ଚଳିକ ଦଳ। ୧୯୯୭ରୁ ଆମେ ବିଜୁ ବାବୁଙ୍କ ଆଦର୍ଶରେ ଓଡ଼ିଶାବାସୀଙ୍କ ସେବା କରି ଆସୁଛୁ। ସେବା, ସ୍ୱାଭିମାନ ଓ ସଂଗ୍ରାମ ଆମର ମନ୍ତ୍ର। ବିକାଶ ଆମର ପରିଚୟ। ୨୦୦୦ ରୁ ୨୦୨୪ ଥିଲା ଓଡ଼ିଶା ବିକାଶ ଇତିହାସର ଗୋଲଡେନ୍ ପିରିୟଡ୍। ଦାରିଦ୍ର୍ୟ, ଅନାହାର, ଶିଶୁ ମୃତ୍ୟୁ କିମ୍ବା ପ୍ରାକୃତିକ ବିପର୍ଯ୍ୟୟ ସହ ଆମେ ଲଢିଛୁ। ସଫଳ ମଧ୍ୟ ହୋଇଛୁ। ଓଡ଼ିଶାକୁ ନୂଆ ପରିଚୟ ଦେଇଛୁ। ମାଆମାନଙ୍କୁ ସଶକ୍ତ କରିଛୁ। ଚାଷୀର ରୋଜଗାର ବୃଦ୍ଧି କରିଛୁ। ବିଏସ୍‌କେୱାଇ ପରି ମାଗଣା ସ୍ୱାସ୍ଥ୍ୟସେବା ଦେଇଛୁ। ରାଜ୍ୟ ଅର୍ଥନୀତିକୁ ମଧ୍ୟ ମଜବୁତ କରିଛୁ। ରାଜ୍ୟକୁ ନିବେଶ ଆଣିଛୁ। ଯୁବପିଢ଼ିଙ୍କୁ ନିଯୁକ୍ତି ବି ଦେଉଛୁ।

ପ୍ରତିଷ୍ଠା ଦିବସରେ କଲେ କଡ଼ା କାଉଣ୍ଟର। କହିଲେ, ବିଜେଡି ଅଛି ଓ ଶହେ ବର୍ଷ ରହିବ। କିଛି ଦଳ ବିଜେଡି ବିରୋଧରେ ଅପପ୍ରଚାର କରୁଛନ୍ତି। ବିଜେଡି ଭାଙ୍ଗିଯିବ ବୋଲି କହୁଛନ୍ତି। କିନ୍ତୁ ବିଜେଡି ଅଛି ଓ ରହିବ। ବିଜେଡି ଶହେ ବର୍ଷ ଓଡ଼ିଶାବାସୀଙ୍କ ସ୍ୱର ହୋଇ ରହିବ। ବିଜେଡି ଗୋଟିଏ କିମ୍ବା ଦୁଇ ନେତା ଥିବା ଦଳ ନୁହେଁ। ବିଜେଡି ଓଡ଼ିଶାବାସୀଙ୍କ ଭାବାବେଗ ଓ ଗର୍ବ। ବିଜୁଙ୍କ ଆଦର୍ଶରେ ଓଡ଼ିଶାବାସୀଙ୍କ ସେବା କରିବ ବିଜେଡି।

ଏହି ଅବସରରେ ଶାସକ ଦଳକୁ କଡ଼ା ସମାଲୋଚନା କଲେ ନବୀନ। ଓଡ଼ିଶାରେ ଏବେ ଡବଲ୍ ଇଞ୍ଜିନ ସରକାର, ବିକାଶ କାଇଁ ବୋଲି ନବୀନ ପ୍ରଶ୍ନ କରିଛନ୍ତି। ରାଜ୍ୟରେ ସରକାର ଥିବା ଭଳି ଅନୁଭବ ହେଉନି। ସାର ପାଉନି ଚାଷୀ, ରାଜ୍ୟରେ ମଣ୍ଡି ଖୋଲୁନି। ମିଶନ ଶକ୍ତି ମାଆ ହଇରାଣ ହେଉଛନ୍ତି, ଯୁବ ସମାଜ ହତାଶ ହେଉଛନ୍ତି। ଆଇନଶୃଙ୍ଖଳା କଥା ନ କହିବା ଭଲ ବୋଲି ନବୀନ କହିଛନ୍ତି। ମହିଳା ଅତ୍ୟାଚାର ବଢ଼ିଚାଲିଛି। ଏପରିକି ନାବାଳିକା ମାନେ ଆଦୌ ସୁରକ୍ଷିତ ନୁହନ୍ତି ବୋଲି ନବୀନ କହିଛନ୍ତି। ଯୁବପିଢ଼ି ଆମ ଦଳର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମ୍ପତ୍ତି। ମୁଁ ଆଶା କରିବି ଯେ ସେମାନେ ସୋସିଆଲ ମିଡିଆରେ ଅଧିକ ସକ୍ରିୟ ହେବେ ଏବଂ ଭୁଲ ସୂଚନାର ପ୍ରତିବାଦ କରିବେ। ରାଜନୀତିରେ ଧର୍ଯ୍ୟ ଗୁରୁତ୍ୱପୂର୍ଣ୍ଣ। ଆପଣଙ୍କର କଠିନ ପରିଶ୍ରମ ଏବଂ ପ୍ରତିବଦ୍ଧତା ଉପରେ ମୋର ପୂର୍ଣ୍ଣ ବିଶ୍ୱାସ ଅଛି। ଆମେ ଏକାଠି ଆଜିର ଆହ୍ୱାନକୁ ଆସନ୍ତାକାଲିର ସୁଯୋଗରେ ପରିଣତ କରିବୁ ଏବଂ ଏକ ସଶକ୍ତ ଓଡ଼ିଶା ପାଇଁ ଆମର ପ୍ରୟାସ ଜାରି ରଖିବୁ। ଶେଷରେ ନୂଆବର୍ଷର ଶୁଭେଚ୍ଛା ଜଣାଇଲେ ନବୀନ। ତେବେ ଦଳର ନେତୃତ୍ୱ ପରିବର୍ତ୍ତନ ନେଇ ଯେଉଁ କଳ୍ପନାଜଳ୍ପନା ଲାଗି ରହିଥିଲା ସେ ନେଇ କିଛି ସ୍ପଷ୍ଟ କଲେନି ନବୀନ। କୁହାଯାଉଥିଲା କି ପ୍ରତିଷ୍ଠା ଦିବସରେ ନବୀନ ଏ ସମ୍ପର୍କରେ ସୂଚନା ଦେଇପାରନ୍ତି। କିନ୍ତୁ ସେ ନେଇ ନବୀନ କିଛି ଡକହିଲେନି।

## ନବୀନ ଆଦର୍ଶ ହେଲେ ବି ବିଜୁବାବୁଙ୍କ ଫର୍ମୁଲା ଆପଣେଇବୁ

**ଭୁବନେଶ୍ୱର,୨୬।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

୨୮ ବର୍ଷ ଅତିକ୍ରମ କରି ୨୯ ବର୍ଷରେ ପାଦ ଦେଇଛି ବିଜୁ ଜନତା ଦଳ। ପ୍ରତିଷ୍ଠା ଦିବସ ଅବସରରେ ଅଭିଭାଷଣ ରଖିଛନ୍ତି ସାଂସଦ ମୁନା ଖାଁ। ବଖାଣିଛନ୍ତି ବିଜୁ ବାବୁ ଏବଂ ନବୀନଙ୍କ କଥା। ଦୁଇ ମୁଣ୍ଡିଆ ଦୁଇ ପଟେ ଚାଲାକି ଦେଖାଇଲେ ଆଉ ଚଳିବ ନାହିଁ। ଆମେ ବିଜୁ ବାବୁଙ୍କ ଫର୍ମୁଲା ଆପଣେଇବୁ ବୋଲି ସେ କହିଛନ୍ତି।



ସେ କହିଛନ୍ତି ଯେ ବିଜୁ ବାବୁଙ୍କ ରାସ୍ତାରେ ଆମେ ଚାଲୁଥିଲୁ କିନ୍ତୁ ନବୀନ ବାବୁ ଆସିବା ପରେ ଟିକେ ପରିବର୍ତ୍ତନ କଲେ। ବିଜୁ ବାବୁ କହୁଥିଲେ ଯେଉଁ ଅଫିସର କାମ କରୁନି ତାଙ୍କୁ ଚାପୁଡା ମାର। ମୋର ମନେ ଅଛି ବିଜୁ ବାବୁ ମୁଖ୍ୟମନ୍ତ୍ରୀ ଥିବା ବେଳେ ଜଣେ ଆଇପିଏସ ଲୋକଙ୍କୁ ହଇରାଣ କରୁଥିଲା ମିଛ କେଶ କରୁଥିଲା। ମୁଁ ଗୋଟେ ପିଲାକୁ ଠିକ କରିଥିଲି ସେ ଆଇପିଏସ ଅଫିସରକୁ ଗୋଟେ ଚାପୁଡା ମାରିଲା ବିଜୁ ବାବୁଙ୍କ ଆଗରେ ତା ଟୋପି ଉଡିଗଲା। ପରେ ଆରେଷ୍ଟ କଲେ ବିଜୁ ବାବୁ କହିବା ପରେ ତାକୁ ଛାଡି ଦେଲେ।

କିନ୍ତୁ ଆମ ନେତା ନବୀନ ପଟ୍ଟନାୟକ ଆମକୁ ଶାନ୍ତି ଶୃଙ୍ଖଳାର ପାଠ ପଢେଇଲେ। କିନ୍ତୁ ମୋତେ ଲାଗୁଛି ଏବଂ ମୁଁ ନବୀନ ବାବୁଙ୍କୁ କହି ସାରିଛି ବର୍ତ୍ତମାନ ଆମେ ବିଜୁ ବାବୁ ଫର୍ମୁଲା ଆପଣେଇବୁ। ଇଏ ଦୁଇ ମୁଣ୍ଡିଆମାନଙ୍କୁ ଆମେ ଛାଡିବୁନି ବୋଲି ମୁଁ କହି ସାରିଛି। ନେତା ଆମର ନବୀନ ପଟ୍ଟନାୟକ। ଦୁଇ ମୁଣ୍ଡିଆ ଦୁଇ ପଟେ ଚାଲାକୀ ଦେଖାଇଲେ ଆଉ ଚଳିବ ନାହିଁ। ଆମେ ବିଜୁ ବାବୁଙ୍କ ଫର୍ମୁଲା ଆପଣେଇବୁ। ଯେଉଁଠି ହେଉ କି ସେଠି ତାଙ୍କୁ ଗେଲ କରିବୁ। ଆଗାମୀ ଦିନରେ ତାହା ଦେଖିବେ। ଯେଉଁ ଦଳକୁ ଆମେ ପରିଶ୍ରମ କରି ଏତେ ବାଟ ପର୍ଯ୍ୟନ୍ତ ଆଣିଛୁ ସମସ୍ତଙ୍କୁ ଅନୁରୋଧ କରୁଛି ଆସନ୍ତୁ ଆମେ ନବୀନ ବାବୁଙ୍କ ସହ ରହିବ କାହାର ଚାପଲୁସି କରିବା ନାହିଁ। କାହା ଅଣ୍ଡରରେ ରହିବା ନାହିଁ। ନବୀନ ପଟ୍ଟନାୟକଙ୍କ ଅଣ୍ଡରରେ ରହିବା ଆଉ ତାଙ୍କ ନିର୍ଦ୍ଦେଶରେ କାମ କରିବା।

ବିରୋଧୀ ଦଳ ନେତା ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଲୋକଙ୍କ ସ୍ୱର ହୋଇ ବିଜୁ ଜନତା ଦଳ ସାଜିଛି ଓଡ଼ିଶାର ବଳ ସାଜିବାକୁ ଆହ୍ୱାନ ଦେଇଛନ୍ତି। ଓଡ଼ିଶାର ବିକାଶରେ ବିଜୁ ଜନତା ଦଳ ସର୍ବଦା ଅଟଳ। ବିଜୁ ବାବୁଙ୍କ ଆଦର୍ଶ ଓ ଲକ୍ଷ ଲକ୍ଷ କର୍ମୀଙ୍କ ସମର୍ପଣରେ ବିଜୁ ଜନତା ଦଳ ଦେଶର ଶ୍ରେଷ୍ଠ ଆଞ୍ଚଳିକ ଦଳ ହୋଇଛି। ଦଳର ଗୌରବମୟ ୨୯ତମ ପ୍ରତିଷ୍ଠା ଦିବସ ଅବସରରେ ସମସ୍ତେ ସେବା, ସ୍ୱାଭିମାନ ଓ ସଂଗ୍ରାମର ମନ୍ତ୍ରରେ ସଂକଳ୍ପବଦ୍ଧ ହୋଇ ଆଗକୁ ବଢ଼ିବାକୁ ଆହ୍ୱାନ ଦେଇଛନ୍ତି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ।

## ପ୍ରଥମ ପୃଷ୍ଠାରୁ...

### ଜ୍ୟୋସ୍ନାଙ୍କୁ ପ୍ରଧାନମନ୍ତ୍ରୀ...

ସ୍ଥିତ କଳିଙ୍ଗ ଇନଷ୍ଟିଚ୍ୟୁଟ ଅଫ ସୋସିଏଲ ସାଇନ୍ସରେ ରହି ଶିକ୍ଷାଲାଭ ସହ କଳିଙ୍ଗ ଷ୍ଟାଡିୟମରେ ଭାର ଉତ୍ତୋଳନରେ ପ୍ରଶିକ୍ଷଣ ଗ୍ରହଣ କରିଆସୁଛନ୍ତି। ଜ୍ୟୋସ୍ନାଙ୍କ ଏହି ସଫଳତାରେ ସମଗ୍ର ଗଜପତି ଜିଲ୍ଲାବାସୀ ଏବଂ ଜିଲ୍ଲା ପ୍ରଶାସନ ଗର୍ବିତ ଅନୁଭବ କରିବା ସହ ତାଙ୍କୁ ରାୟଗଡ ବ୍ଲକ ଅଧକ୍ଷା ପୂର୍ଣ୍ଣବାସୀ ନାୟକ, ଉପାଧକ୍ଷ ଜ୍ୟୋତି ପ୍ରସାଦ ପାଣି, ବିଡିଓ ସନ୍ତୋଷ କୁମାର ବାରିକ,ବରିଷ୍ଠ ଆଦିବାସୀ ନେତା ଅନ୍ତର୍ଯ୍ୟାମୀ ଗମାଙ୍ଗ ଙ୍କ ସମେତ ସ୍ଥାନୀୟ ବୁଦ୍ଧିଜିବୀ, ସାମାଜସେବି, ପଞ୍ଚାୟତ ପ୍ରତିନିଧି, ବ୍ଲକ ପ୍ରଶାସନ, କ୍ରୀଡ଼ାବିତ ତରଫରୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ଏହି ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି।

### ଭିତରକନିକାରେ...

ପକ୍ଷରୁ ସୂଚନା ଦିଆଯାଇଛି। ପର୍ଯ୍ୟଟକମାନେ ବୋଟରେ ବସି ନଦୀରେ ବୁଲିବା ସମୟରେ ନଦୀପଠାରେ ଶୋଇ ଖରା ଖାଉଥିବା କୁମ୍ଭୀର, ହରିଣ ପଲ ଓ ବିଭିନ୍ନ ରଙ୍ଗବେରଙ୍ଗର ପକ୍ଷୀ ପର୍ଯ୍ୟଟକଙ୍କୁ ଆନମନା କରିଥିଲା। ଭିତରକନିକା ସେଲଫି ପଏଂଟରେ ଫଟୋ ଉଠାଇବା ପାଇଁ ପର୍ଯ୍ୟଟକମାନେ ଭିଡ ଜମାଇଥିଲେ। ମେଟା ନର୍ସରୀ, ସଂଗ୍ରହାଳୟ, ଗୋରୀ ଓ ମଳୀ ରହୁଥିବା ପୋଖରୀ ନିକଟରେ ମଧ୍ୟ ଭିଡ ପରିଲକ୍ଷିତ ହୋଇଥିଲା। ସ୍କାଏୱାକରେ ବହୁ ସଂଖ୍ୟାରେ ପର୍ଯ୍ୟକ ପର୍ଯ୍ୟଟକ ଚାଲିବା ସହିତ ନୂଆ ଅନୁଭୂତି ସଂଗ୍ରହ କରିଥିଲେ। ହ୍ୟାଚେରୀରେ ଛୋଟ ଛୋଟ କୁମ୍ଭୀର ଛୁଆଙ୍କୁ ଦେଖିବା ସହ ଧଳା କୁମ୍ଭୀର ଶ୍ୱେତାକୁ ଦେଖିବା ପାଇଁ ଗହଳି ଲାଗିଥିଲା।

### ସୋସିଆଲ ମିଡିଆ...

କମ୍ ବୟସର ପିଲାଙ୍କ ସୋସିଆଲ ମିଡିଆ ଦେଖିବା ଉପରେ ପ୍ରତିବନ୍ଧକ ଲଗାଯାଇ ପାରିବ। କେନ୍ଦ୍ର ଏବଂ ରାଜ୍ୟ ସରକାର ଏଦିଗରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବେ ବୋଲି କୋର୍ଟ ଆଶାବାଦୀ ଅଛନ୍ତି।

## ଆଳି ହାଇସ୍କୁଲରେ ଛାତ୍ରଛାତ୍ରୀଙ୍କ କୃତିତ୍ୱ

**ଆଳି,୨୬।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ଜିଲ୍ଲା ଆଳିର ଆଳି ହାଇସ୍କୁଲର ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରତିଯୋଗିତାରେ ଉତ୍କର୍ଷତା ପ୍ରଦର୍ଶନ ଯୋଗୁଁ ବିଦ୍ୟାଳୟ ପକ୍ଷରୁ ସମ୍ମାନିତ। ସହଦେ ନୋଡାଲ ଉଚ୍ଚ ବିଦ୍ୟାଳୟରେ ମାଧ୍ୟମିକ ଶିକ୍ଷକ ସଂଘ (ଓସ୍ତା) ଦ୍ୱାରା ଆୟୋଜିତ ଶିଶୁ ଉତ୍ସବରେ ଆଳି ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ତାନିସ୍ ଇଲ୍ଲାହି ଖାନମ୍ କବିତା ଆବୃତ୍ତିରେ ଜିଲ୍ଲା ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟ ସ୍ତରକୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ଜିଲ୍ଲା ସ୍ତରରେ ଇଚ୍ଛାପୁର ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଆୟୋଜିତ ରାଷ୍ଟ୍ରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀରେ ଦଶମ ଶ୍ରେଣୀର ଛାତ୍ର ଆୟୁଷ ବୋଇତି ବିଜ୍ଞାନ ଶିକ୍ଷକ ଶିବରାମ ପାଣି ଓ ସୁଦୀପ୍ତା ଷଡ଼ଙ୍ଗୀଙ୍କ ମାର୍ଗଦର୍ଶନରେ ନିଜର ପ୍ରକଳ୍ପ ସୌର ଶୁଷ୍କକ ପ୍ରଦର୍ଶନ କରି ସମଗ୍ର ଜିଲ୍ଲାରେ ଜିଲ୍ଲା ପ୍ରକଳ୍ପ ନିରୀକ୍ଷକ ଟିମଙ୍କ ଦ୍ୱାରା ପ୍ରଥମ ସ୍ଥାନ ଅଧିକାର କରି ବିଦ୍ୟାଳୟକୁ ଗୌରବାନ୍ୱିତ କରିଛନ୍ତି। ଏଥିପାଇଁ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିତା ସେନାପତି, ନିବେଦିତା ପଣ୍ଡା, ତପସ୍ୱିନୀ ସ୍ୱାଇଁ, ବିନୋଦିନୀ ସାମଲ, ତସ୍ଲିମ ଅଞ୍ଜୁମ, ମଞ୍ଜୁଲତା ସାହୁ, ଦୀପ୍ତିମୟୀ ବିଶ୍ୱାଳ, ଅମ୍ବରୀଶ ଦାସ, ପ୍ରଭାତ ପରିଡ଼ା, ଜ୍ୟୋତି ରଞ୍ଜନ ପଣ୍ଡାଙ୍କ ସମେତ ସମସ୍ତ ସହ ଶିକ୍ଷକ ଶିକ୍ଷୟିତ୍ରୀ ଓ କୃତି ଛାତ୍ରଛାତ୍ରୀମାନଙ୍କୁ ଧନ୍ୟବାଦ ପ୍ରଦାନ କରିବା ସହିତ ଉତ୍କର୍ଷତା ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରିଛନ୍ତି।

## ରାଜ୍ୟସ୍ତରୀୟ ଯୁବଉତ୍ସବରେ କେନ୍ଦ୍ରାପଡ଼ା ଛାତ୍ରୀଙ୍କ ସଫଳତା

**କେନ୍ଦ୍ରାପଡ଼ା,୨୬।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବସେବା ବିଭାଗ ପକ୍ଷରୁ ଡିସେମ୍ବର ୨୪ ରୁ ୨୬ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ରାଜ୍ୟସ୍ତରୀୟ ଯୁବ ଉତ୍ସବ ପ୍ରତିଯୋଗିତାରେ ପଦ୍ୟ ଲିଖନ ପ୍ରତିଯୋଗିତାରେ ଏସ.ଏନ ମହାବିଦ୍ୟାଳୟର ରାଜକନିକାର ଛାତ୍ରୀ ସୌମ୍ୟ ପ୍ରିୟଦର୍ଶନୀ ବିଶ୍ୱାଳ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ପୁରସ୍କାର ବାବଦରେ ୧୦ ହଜାର ଟଙ୍କା, ଟ୍ରଫି ଏବଂ ପ୍ରମାଣପତ୍ର ପ୍ରଦାନ ମୁଖ୍ୟଅତିଥି ପ୍ରଦାନ କରିଛନ୍ତି। ସୌମ୍ୟ ପ୍ରିୟଦର୍ଶନୀ ଜାତୀୟସ୍ତରୀୟ ଯୁବ ଉତ୍ସବରେ ଅଂଶଗ୍ରହଣ ନିମନ୍ତେ ଦିଲ୍ଲୀ ଗସ୍ତ କରିବେ। ଜାତୀୟ ସ୍ତରୀୟ ପ୍ରତିଯୋଗିତା ଆସନ୍ତା ଜାନୁଆରୀ ମାସ ୧୨ ତାରିଖ ଦିନ ଅନୁଷ୍ଠିତ ହେବ। ସେହିପରି ଗଳ୍ପ ଲିଖନ ପ୍ରତିଯୋଗିତା ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟର ଛାତ୍ରୀ ସିମରନ ମହାନ୍ତି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ପୁରସ୍କାର ବାବଦକୁ ୫ ହଜାର ଟଙ୍କା ସହ ଟ୍ରଫି ଏବଂ ପ୍ରମାଣପତ୍ର ମୁଖ୍ୟଅତିଥି ପ୍ରଦାନ କରିଛନ୍ତି। ସୋମ୍ୟ ପ୍ରିୟଦର୍ଶିନୀ ଏବଂ ସିମରନଙ୍କ ସଫଳତା ପାଇଁ ଜିଲ୍ଲାପାଳ ରଘୁରାମ ଆର ଆୟର, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ)ନବ କ୍ରିଷ୍ଣ ଜେନା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲିକ, କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

## ଦୌଡକୁଦ ପ୍ରତିଯୋଗିତା ପାଇଁ କେନ୍ଦ୍ରାପଡାରୁ ଯିବେ ୪୫

**କେନ୍ଦ୍ରାପଡ଼ା,୨୬।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

୭୧ତମ ରାଜ୍ୟ ସ୍ତରୀୟ ଦୌଡକୁଦ ପ୍ରତିଯୋଗିତା ଚଳିତ ମାସ ୨୬ ରୁ ୩୦ ତାରିଖ ପର୍ଯ୍ୟନ୍ତ କଟକ ବାରବାଟି ଷ୍ଟାଡିୟମରେ ଅନୁଷ୍ଠିତ ହେଉଥିବାବେଳେ ଏଥିରେ ଯୋଗଦାନ ପାଇଁ କେନ୍ଦ୍ରାପଡା ଜିଲ୍ଲାର ୪୫ଜଣ ବାଳକ ଓ ବାଳିକାଙ୍କୁ ମନୋନୀତ କରାଯାଇଛି। ଏହି ପ୍ରତିଯୋଗୀମାନେ ୨୩, ୨୦, ୧୮, ୧୬ ଓ ୧୪ ବର୍ଷ ବୟସ ବର୍ଗରେ ଭାଗ ନେବେ। ଜିଲ୍ଲା କ୍ରୀଡା ସଂସଦର ସାଧାରଣ ସମ୍ପାଦକ ସୟଦ ଅକମଲ ଅଲ୍ଲୀ ଏହି ସୂଚନା ଦେଇଛନ୍ତି। ମ୍ୟାନେଜର ଗୁପେ ଓଲାକତ ଖାଁ ଓ ସୁହାନ ପରବିନ ଏବଂ କୋଚ୍ ମନୋଜ ସାହୁ ଖେଳାଳୀଙ୍କ ସହିତ ଯୋଗଦେବେ। ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ତହସିଲଦାର କୁଳିନି ଜେନା, କ୍ରୀଡା ସମ୍ପାଦକ ଜ୍ୟୋତିମୟ ଦାସ, ବିଜୟ ସାହୁ, ଗୋପିନାଥ ବାରିକ ପ୍ରମୁଖ ଜିଲ୍ଲାର ଏହି ଖେଳାଳୀ ମାନଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସେମାନେ ଜିଲା ପାଇଁ ପଦକ ଆଣିବେ ବୋଲି ଆଶାବ୍ୟକ୍ତ କରିଛନ୍ତି।

Printed & Published by Gyanaranjan Behera on behalf of Radhakrushna Publications Pvt. Ltd. and Printed at Ricky Promotors, Plot No.6709, M.I.E., Rasulgarh, Bhubaneswar-751010 and Published at Janachetana Parisad Bhawan, At-Kajala, P.O/Dist -Kendrapara, Pin-754211, Ph. : 9439698412, 9583706460

Editor : Ambika Prasad Das ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ

Chief Editor : Umapada Bose ମୁଖ୍ୟ ସମ୍ପାଦକ : ଉମାପଦ ବୋଷ